

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 JULY 2020
Vol.No. 30 ■ No. 166 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman


# ଭାରତୀୟ ଯବାନଙ୍କ ସହ ମତବିନିମୟ କରିବା ଲାଗି ଲଦାଖରେ ପ୍ରଧାନମନ୍ତ୍ରୀ

## ଶାନ୍ତି ପ୍ରତି ଆମର୍ ଅଙ୍ଗୀକାର୍‌ବଦ୍ଧତା, ଆମର୍ ଦୁର୍ବଳତା ନୁହେଁ



ନୂଆଦିଲ୍ଲୀ,୩।୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତୀୟ ଯବାନ ମାନଙ୍କ ସହ ମତବିନିମୟ କରିବା ଲାଗି ଲଦାଖର ନିମୁ ଗସ୍ତ କରିଛନ୍ତି । ଜନସ୍କର ପର୍ବତମାଳା ଦ୍ୱାରା ପରିବେଷ୍ଟିତ ନିମୁ ସିନ୍ଧୁ ନଦୀ କୂଳରେ ଅବସ୍ଥିତ । ପ୍ରଧାନମନ୍ତ୍ରୀ ଭାରତୀୟ ସେନାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିବା ପରେ ସ୍ଥଳସେନା, ବାୟୁସେନା ଓ ଆଇଟିବିପିର ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ସୈନିକମାନଙ୍କ ଶୌର୍ଯ୍ୟ ପ୍ରତି କୃତଜ୍ଞତା: ପ୍ରଧାନମନ୍ତ୍ରୀ ସଶସ୍ତ୍ର ସେନାର ସାହସିକତା ପ୍ରତି ଗଭୀର କୃତଜ୍ଞତା ଜଣାଇ ଦେଶ ମାତୃକା ପ୍ରତି ଆମ ସେନାର କର୍ତବ୍ୟବୋଧ ଅତୁଳନୀୟ ବୋଲି କହିଛନ୍ତି । ଭାରତବାସୀ ଶାନ୍ତିରେ ଜୀବନଯାପନ କରୁଛନ୍ତି କାରଣ ସେମାନେ ଜାଣନ୍ତି ଆମର ସଶସ୍ତ୍ର ସେନା ଦୃଢ଼ତାର ସହିତ ଦେଶକୁ ରକ୍ଷା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତ କିଛି ସପ୍ତାହ ମଧ୍ୟରେ ଭାରତୀୟ ସେନାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଯୋଗୁ ବିଶ୍ୱବାସୀ ଭାରତର ଶକ୍ତି ସମ୍ପର୍କରେ ଅବଗତ ହୋଇଛନ୍ତି । ଗଲଓ୍ୱାନ ଉପତ୍ୟକାରେ ସୈନିକଙ୍କ ତ୍ୟାଗକୁ ସ୍ମରଣ କଲେ ପ୍ରଧାନମନ୍ତ୍ରୀ:ଗଲଓ୍ୱାନ ଘାଟିରେ ଦେଶ ମାତୃକାର ରକ୍ଷା ପାଇଁ ପ୍ରାଣ ବିସର୍ଜନ କରିଥିବା ଭାରତମାତାର ସମସ୍ତ ସୁପୁତ୍ରମାନଙ୍କୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି । ଯେଉଁମାନେ ଦେଶସେବା କରି ସହିଦ ହୋଇଛନ୍ତି ସେମାନେ ସମଗ୍ର ଦେଶର ସୁପୁତ୍ର ଓ ସାହସିକତାର ପ୍ରତୀକ । ସେ ଆହୁରି କହିଛନ୍ତି ଯେ, ଲେହ, ଲଦାଖ ହେଉ ବା କାରଗିଲ, ସିଆଚୀନ ହିମବାହ, ଉତୁଙ୍ଗ ପର୍ବତମାଳା ବା ବରଫ ଭଳି ପାଣିର ସ୍ରୋତ ସବୁଠାରେ ଭାରତୀୟ ସେନା ନିଜ ଶୌର୍ଯ୍ୟର ସ୍ୱାକ୍ଷର ଛାଡିଯାଇଛନ୍ତି । ଭାରତର ଶତ୍ରୁମାନେ ଆମ ଯବାନମାନଙ୍କ ପରାକ୍ରମ ଦେଖି ସାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ଦୁଇ ଜଣ ମାଆଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରଥମେ ହେଲେ ଭାରତମାତା ଓ ଦ୍ୱିତୀୟରେ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରି ଦେଶ ରକ୍ଷା ପାଇଁ ସହିଦ ହୋଇଥିବା ସାହସୀ ସୈନିକମାନଙ୍କ ମାତୃବୃନ୍ଦ । ଶାନ୍ତି ପ୍ରତି ଆମର ଅଙ୍ଗୀକାରବଦ୍ଧତା, ଆମର ଦୁର୍ବଳତା ନୁହେଁ: ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କାଳ କାଳ ଧରି ଶାନ୍ତି, ବନ୍ଧୁତ୍ୱ ଓ ସାହସିକତା ଭାରତୀୟ ସଂସ୍କୃତିର ଅଭିନ୍ନ ଅଂଶ ଭାବେ ରହି ଆସିଛି । ଦେଶର ପ୍ରଗତି ଓ ଶାନ୍ତିର ରାସ୍ତାରେ ଯେଉଁମାନେ ଅନ୍ତରାୟ ସୃଷ୍ଟି କରିଛନ୍ତି, ସେମାନଙ୍କୁ ଭାରତ ଦୃଢ଼ ଜବାବ ଦେଇଛି । ▶▶ପୃଷ୍ଠା ୭

# ରଥ ଉପରେ ଅଧରପଣା ନୀତି ସମ୍ପନ୍ନ

## ପଣା ପାଇ ପ୍ରୀତ ହେଲେ ଚଣ୍ଡିଚାମଣ୍ଡା



ପୁରୀ,୩।୭ (ନି.ପ୍ର): ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ପରେ ଗତକାଲି ସୁନାବେଶ ଅନୁଷ୍ଠିତ ହୋଇଥିଲା । ଆଜି ରଥରେ ସନ୍ଧ୍ୟାଧୂପ ପରେ ଅଧର ଚୁମ୍ବି ମାଟିପାତ୍ରରେ ଅଧରପଣା ଅର୍ପଣ କରାଯାଇଛି । ପ୍ରତ୍ୟେକ ରଥରେ ତିନୋଟି ଲେଖାଏଁ ପଣାହାଣ୍ଡି ଅର୍ପର କରାଯାଇଥାଏ । ଶେଷରେ ଅଧରପଣା ହାଣ୍ଡି ଭଙ୍ଗାଯିବା ପରେ ରଥାରୂଢ ଅନୁଚର, ଅନୁଗାମୀ, ସହଚର, ଋଷି, ଗନ୍ଧର୍ବ, ଯକ୍ଷ, କିନ୍ନର, ଅଶରୀର, ପିଚାସ, ଯୋଗିନୀ ଓ ଚଣ୍ଡିଚାମୁଣ୍ଡାମାନେ ଏହି ପଣା ପାଇ ପ୍ରୀତ ହୋଇ ବାହୁଡିଛନ୍ତି । ପ୍ରଭୁଙ୍କ ପ୍ରସାଦ ପାଇବା ପାଇଁ ଏମାନେ ରଥର ସୁରକ୍ଷା ନେଇ ଯାତ୍ରାରେ ଯାଇଥିଲେ । ପଣାପାଇ ମୁକ୍ତ ଓ ମୋକ୍ଷ ହୋଇଛନ୍ତି । ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ, ବଡଓଡିଆ ମଠ ଏହି ଅଧରପଣା ଦ୍ରବ୍ୟ ଯୋଗାଇଥାନ୍ତି । ଦ୍ରବ୍ୟମାନଙ୍କ ମଧ୍ୟରେ ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୁର ଓ ଜାଇଫଳ ଆଦି ମିଶ୍ରିତ ହୋଇଥାଏ । ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣି ମଠ କୂଅରୁ ପାଣି ଆଣି ପ୍ରତି ରଥରେ ଥିବା ବଡ ପିତଳ ହଣ୍ଡାରେ ରଖିଥାନ୍ତି । ▶▶ପୃଷ୍ଠା ୭

# ଗତ ୨୪ ଘଂଟାରେ ଦେଶରେ ୨୦୯୦୩ ଟି କରୋନାର ନୂଆ ମାମଲା: ୩୭୯ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୩।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨୦୯୦୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୬,୨୫,୫୪୪କୁ ବୃଦ୍ଧି ପାଇଛି । ବୁଧବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ୨୨୭୪୩୯ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୧୮୨୧୩ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୩୭୯୮୯୨ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

# ସୁସ୍ଥ ହେଲେ ଆଉ ୨୦୩ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୩।୭ (ନି.ପ୍ର): ରାଜ୍ୟର ୨୦ଟି ଜିଲ୍ଲାରୁ ଶୁକ୍ରବାର ୨୦୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୫୭୦୫କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାରୁ ଆଜି ସର୍ବାଧିକ ୩୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୩୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୧୯ ଜଣ ବ୍ୟକ୍ତି ସୁସ୍ଥ ହୋଇଛନ୍ତି। କଟକ ଜିଲ୍ଲାରୁ ୧୮ ଜଣ, ଜଗତ୍‌ସିଂହପୁର ଜିଲ୍ଲାରୁ ୧୮ ଜଣ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୨ ଜଣ ଲେଖାଏଁ, ଢେଙ୍କାନାଳ ଜିଲ୍ଲାରୁ ୧୦ ଜଣ, ଯାଜପୁର ଜିଲ୍ଲାରୁ ୮ ଜଣ, ▶▶ପୃଷ୍ଠା ୭

# କରୋନାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୨୯ ହେଲା

ଭୁବନେଶ୍ୱର,୩।୭ (ନି.ପ୍ର): ରାଜ୍ୟରେ କରୋନାରେ ଆଜି ଆଉ ୨ ଜଣ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ କରୋନା କାରଣରୁ ହୋଇଥିବା ମୃତ୍ୟୁ ସଂଖ୍ୟା ୨୯କୁ ବୃଦ୍ଧି ପାଇ ଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଉଭୟ ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲାର। ଏହାକୁ ମିଶାଇ ଗଞ୍ଜାମ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୧୭ରେ ପହଂଚିଛି। ମୃତ୍ୟୁବରଣ କରିଥିବା ଉଭୟ ହେଉଛନ୍ତି ପୁରୁଷ । ଗଞ୍ଜାମରେ କରୋନାରେ ମୃତ୍ୟୁ ବରଣ କରିଥିବା ପ୍ରଥମ ବ୍ୟକ୍ତିଙ୍କ ବୟସ ୬୬ ବର୍ଷ ହୋଇଥିବା ବେଳେ ସେ ହାଇପର ଟେନସନ ରୋଗରେ ପୀଡିତ ଥିଲେ। ସେହିପରି ଅନ୍ୟ ମୃତକ ଜଣଙ୍କ ୪୦ ବର୍ଷୀୟ ପୁରୁଷ ଓ ସେ ଡାଇବେଟିସରେ ପୀଡିତ ଥିଲେ ବୋଲି ସୂଚନା ଦିଆ ଯାଇଛି।

# ସେପ୍ଟେମ୍ବରକୁ ଘୁଂଚିଲା ଜେଇଇ ଓ ଏନଇଇଟି ପରୀକ୍ଷା



ନୂଆଦିଲ୍ଲୀ,୩।୭ (ନି.ପ୍ର): କରୋନା ମହାମାରୀ ପରିପ୍ରେକ୍ଷୀରେ ଜେଇଇ ଓ ଏନଇଇଟି ପରୀକ୍ଷାକୁ ଘୁଞ୍ଚାଇ ଦେଇଛନ୍ତି । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ନୂଆ ତାରିଖ ଘୋଷଣା କରିଛନ୍ତି । ଆସନ୍ତା ସେପ୍ଟେମ୍ବର ୧-୬ ମଧ୍ୟରେ ଜେଇଇ ମେନ ପରୀକ୍ଷା ଅନୁଷ୍ଠିତ ହେବ । ଆଡଭାନ୍ସଡ ପରୀକ୍ଷା ସେପ୍ଟେମ୍ବର ୨୭ରେ ହେବ । ଏନଇଇଟି ପରୀକ୍ଷା ସେପ୍ଟେମ୍ବର ୧୩ରେ ହେବ । ଛାତ୍ରଛାତ୍ରୀଙ୍କ ନିରାପତ୍ତାକୁ ନଜରରେ ରଖି ଏହି ପରୀକ୍ଷାକୁ ଘୁଞ୍ଚାଇଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଚେନ୍ନାଇର ଇଡି କାର୍ଯ୍ୟାଳୟର ୧୮ ଜଣ ଅଧିକାରୀ କରୋନା ଆକ୍ରାନ୍ତ

ଚେନ୍ନାଇ,୩।୭ (ନି.ପ୍ର): ସହରର ନାଗମ୍ବକକାମରେ ଏନଫୋର୍ସମେଂଟ ନିର୍ଦ୍ଦେଶାଳୟରେ କାର୍ଯ୍ୟ କରୁଥିବା ୧୮ ଜଣ ଅଧିକାରୀ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ସକାଳ ରିପୋର୍ଟରେ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ୬ ବୋଲି ଦର୍ଶାଯାଇଥିଲା, କିନ୍ତୁ ପରବର୍ତୀ ରିପୋର୍ଟରେ ୧୮ ଜଣ ଅଧିକାରୀ ସଂକ୍ରମିତ ହୋଇଥିବା ଦର୍ଶାଯାଇଛି । ଉଲ୍ଲେଖନୀୟ ଯେ ପରୀକ୍ଷା ପାଇଁ ଏଗୁଡିକର ଏକ ନମୁନା ପଠାଯାଇଥିଲା, ରିପୋର୍ଟ ଆଜି ସକାଳେ ଆସିଛି । ସହରର ଗ୍ରିମସ୍ ରୋଡ୍ ଅଂଚଳରେ ଏନଫୋର୍ସମେଂଟ ନିର୍ଦ୍ଦେଶାଳୟର ଏକ କାର୍ଯ୍ୟାଳୟ ମଧ ଅଛି । ରିପୋର୍ଟ ପାଇବା ପରେ ଏନଫୋର୍ସମେଂଟ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟକୁ ସିଲ୍ କରାଯାଇଛି। ସୂଚନାଯୋଗ୍ୟ ଯେ ଗୁରୁବାର ଦିନ ରାଜ୍ୟରେ ଏକ ରେକର୍ଡ ୪୩୪୩ ନୂତନ କରୋନା ସଂକ୍ରମିତ ହୋଇଛି ଯେଉଁଥିରୁ ୨୦୨୭ ଟି ଚେନ୍ନାଇରୁ ଆସିଛି ଯେଉଁଥିପାଇଁ ମୋଟ ମାମଲା ୯୮୩୯୨ କୁ ବୃଦ୍ଧି ପାଇଛି। ଗୁରୁବାର ଦିନ ମୋଟ ୫୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ରାଜ୍ୟରେ ମୋଟ ମୃତକଙ୍କ ସଂଖ୍ୟା ୧୩୨୧ କୁ ପହଂଚିଛି।

# କୋଟା ସିଜିଡି ପ୍ରକଳ୍ପର ଅଗ୍ରଗତି ନେଇ ଲୋକସଭା ବାଚସ୍ପତିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସମୀକ୍ଷା

## ଚଳିତବର୍ଷ ଶେଷ ସୁଦ୍ଧା କୋଟାରେ ୧୦ ହଜାର୍ ଘରକୁ ନୂଆ ପିଏନଜି ସଂଯୋଗ



ନୂଆଦିଲ୍ଲୀ/ଭୁବନେଶ୍ୱର,୩।୭ (ନି.ପ୍ର): ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ସହଯୋଗରେ ରାଜସ୍ଥାନ କୋଟାରେ କ୍ରିୟାନ୍ୱିତ ହେଉଥିବା ସିଟି ଗ୍ୟାସ ବିତରଣ(ସିଜିଡି) ପ୍ରକଳ୍ପର ଅଗ୍ରଗତି ନେଇ ନୂଆଦିଲ୍ଲୀରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ମିଳିତ ଭାବେ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଚଳିତବର୍ଷ ଡିସେମ୍ବର ସୁଦ୍ଧା କୋଟାରେ ଆରଏସଜିଲ ତଥା ଆରଏସପିସିଏଲ ଏବଂ ଗେଲ୍ ଗ୍ୟାସର ମିଳିତ ଉଦ୍ୟମରେ ୧୦ ହଜାର ଘରକୁ ନୂଆ ପିଏନଜି ସଂଯୋଗ କରାଯିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହାସହ ୩ଟି ନୂଆ ସିଏନଜି ଷ୍ଟେସନର କାମ ମଧ୍ୟ ଶେଷ କରାଯିବ । ଆରଏସଜିଏଲର ଅଧିକାରୀମାନେ ସ୍ୱଚ୍ଛ ଇନ୍ଧନର ବିକାଶ ପାଇଁ ସ୍ଥାନୀୟ ଶିଳ୍ପ ସଂସ୍ଥା ଗୁଡିକୁ ପ୍ରାକୃତିକ ଗ୍ୟାସ ଯୋଗାଉଛନ୍ତି । କୋଭିଡ-୧୯ ଚ୍ୟାଲେଞ୍ଜ ସତ୍ୱେ ସିଜିଡି ନେଟଓ୍ୱାର୍କର ସଂପ୍ରସାରଣ ଏବଂ ଗ୍ୟାସ ଭିତିଭୂମି ପ୍ରକଳ୍ପ ଆଗେଇ ଚାଲିଛି । ରାଜସ୍ଥାନ ଏବଂ କୋଟାରେ ପରିବହନ, ଶିଳ୍ପ ଏବଂ ଘରୋଇ କ୍ଷେତ୍ରରେ ସିଏନଜି ଏବଂ ପିଏନଜି ଯୋଗାଇବାକୁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ମଧୁବାବୁ ପେନସନ ଯୋଜନାରେ ସାମିଲ ହେବେ କିନ୍ନର

ଭୁବନେଶ୍ୱର,୩।୭ (ନି.ପ୍ର): ଏଣିକି କିନ୍ନର ମାନେ ମଧୁବାବୁ ପେନସନ ଯୋଜନାରେ ସାମିଲ ହେବେ। କିନ୍ନରମାନେ ଏବେଠାରୁ ମଧୁବାବୁ ପେନସନ ଓ୍ୱେବସାଇଟରେ ଆବେଦନ କରିପାରିବେ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୫୬୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୮୧୦୬କୁ ବୃଦ୍ଧି




ଭୁବନେଶ୍ୱର,୩।୭ (ନି.ପ୍ର): ରାଜ୍ୟରେ ଆଜି ରେକର୍ଡ ସଂଖ୍ୟାରେ ଆଉ ୫୬୧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୮୧୦୬କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୫୬୧ ଜଣଙ୍କ ମଧ୍ୟରୁ ୪୨୫ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଅମ୍ପାନ ଡ୍ୟୁଟିରେ ପଶ୍ଚିମ ବଙ୍ଗର ଫେରିଥିବା ଏନଡିଆରଏଫର ଜଣେ ଜବାନ କୋରୋନା ଆକ୍ରାନ୍ତ ହୋଇଥିବା ସୂଚନା ଦି ଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୨୮୩ ଟି ନୂଆ ମାମଲା ସାମନାକୁ ଆସିଛି । ବରଗଡ ଜିଲ୍ଲାରେ ୨୧ ଜଣ , ଭଦ୍ରକ ଜିଲ୍ଲାରେ ଜଣେ, ବଲାଙ୍ଗୀର ଜିଲ୍ଲାରେ ୧୯ ଜଣ, କଟକ ଜିଲ୍ଲାରେ ୮୧ ଜଣ. ଢେଙ୍କାନାଳ ଜିଲ୍ଲାରେ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଜଗତସିଂହପୁର ଜିଲ୍ଲାରେ ୭ ଜଣ , ଯାଜପୁର ଜିଲ୍ଲାରେ ୩ ଜଣ, ଝାରସୁଗୁଡା ଜିଲ୍ଲାରେ ୨ଜଣ, ▶▶ପୃଷ୍ଠା ୭

# ଟାଇମ୍ ପାସ୍ ପାଇଁ ଲାଇଫ୍ ଫେଲ୍ ହୋଇଯିବ

## ୪୫ ଦିନ ପାଇଁ ଚାଲିବ କୋଭିଡ୍ ସର୍ଭେ




## ସାମାନ୍ୟତମ ଲକ୍ଷଣ ଥିଲେ ଲୁଚାନ୍ତୁ ନାହିଁ

ଭୁବନେଶ୍ୱର,୩।୭ (ନି.ପ୍ର): ଏବେ କରୋନା ଲକ୍ଷଣ ଦେଖାଯାଉନଥିବା ସଂଖ୍ୟା ଅଧିକ ରହୁଛି । ତେଣୁ ବିବେକର ସହ କାମ କରିବାକୁ ପଡ଼ିବ। କରୋନା ସଂକ୍ରମଣ ଆଶଙ୍କା ବଢ଼ିଛି, ଏଥିପାଇଁ ସତର୍କ ରହିବାକୁ ପଡ଼ିବ। କାରଣ ସୁସ୍ଥ ଦେଖାଯିବା ଓ ମୃତ୍ୟୁ ମଧ୍ୟରେ ମାତ୍ର ୨୪ଘଂଟାରୁ କମ୍ ଅବଧି ରହୁଛି। ସୁସ୍ଥ ଥିବା ଲୋକକୁ ଭେଂଟିଲେଟରକୁ ଯିବାକୁ ୨୪ଘଂଟାରୁ ବି କମ୍ ସମୟ ଲାଗୁଛି। ଏବେ ଘରେ ରହି ବୋର୍ ଲାଗୁଥିବ । ସେଥିପାଇଁ ଟାଇମ୍ ପାସ୍ କରିବାକୁ କୁଆଡ଼େ ପଳାଇବା ଅର୍ଥ ଜୀବନ ପ୍ରତି ବିପଦ ଆଣିବା। ଟାଇମ୍ ପାସ୍ ପାଇଁ ଲାଇଫ୍ ଫେଲ୍ ହୋଇଯିବ ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ କୋଭିଡ୍ -୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ। ସେ କହିଛନ୍ତି ଯେ ଓଡ଼ିଶାରେ କରୋନା ସଂକ୍ରମଣର ସ୍ଥିତି ବିପର୍ଯ୍ୟସ୍ତ ହୋଇନାହିଁ । କିନ୍ତୁ କରୋନାକୁ ନେଇ ଉଭୟ ଭୟ ଓ ସାବଧାନତା ମଧ୍ୟରେ ଚଳିବାକୁ ପଡ଼ିବ। ଭୟ କମାଇବାକୁ ପଡ଼ିବ ଓ ସାବଧାନତାର ପରିମାଣ ବଢ଼ାଇବାକୁ ପଡ଼ିବ। ତା'ନହେଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ରାଜ୍ୟ ସରକାର ଚେତାବନୀ ଦେଇଛନ୍ତି। କ୍ଷଣିକ ଟାଇମ୍ ପାସ୍ ଚକ୍କରରେ ଲାଇଫକୁ ଫେଲ୍ କରନ୍ତୁ ନାହିଁ ଓ କରୋନା ଲକ୍ଷଣ ଲୁଚାଇଲେ ଚିରଦିନ ପାଇଁ ଆପଣ ଲୁଚିଯିବେ ବୋଲି ଶ୍ରୀ ବାଗଚୀ ସତର୍କ କରାଇ ଦେଇଛନ୍ତି। ଆଶାଦିଦିମାନଙ୍କ ସହାୟତାରେ ଜୁନ୍ ୧୬ରୁ ଘରକୁ ଘର ବୁଲି କୋଭିଡ୍ ସର୍ଭେ ଚାଲିଛି । ଏହା ଚଳିତମାସ ଶେଷ ପର୍ଯ୍ୟନ୍ତ ଅର୍ଥାତ ୪୫ଦିନ ଚାଲିବ । ରାଜ୍ୟର ସବୁ ଗାଁ ଓ ସବୁ ଘରେ ଏହି ସର୍ଭେ ହେବ। ଏଥିପାଇଁ ରାଜ୍ୟ ସରକାର 'ଟ୍ରେସ୍ , ଟେଷ୍ଟ ଓ ଟ୍ରିଟ୍ ' ଫର୍ମୁଲା ଆପଣାଇଛନ୍ତି। ▶▶ପୃଷ୍ଠା ୭

# ମାଲକାନଗିରି ମହିଳା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

## ■ରାଜ୍ୟ ସରକାରଙ୍କୁ ମାନବାଧିକାରଙ୍କ କାରଣ ଦର୍ଶାଅ ନୋଟିସ୍
## ■୭ ତାରିଖ ସୁଦ୍ଧା ତଦନ୍ତର ବିବରଣୀ ଦାଖଲ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୩/୭ (ନି.ପ୍ର): ମାଲକାନଗିରି ପୋଲିସ୍ କ୍ୟାଣ୍ଟିନ୍‌ରେ କାମ କରୁଥିବା ସଂପୃକ୍ତ ମହିଳାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ମାନାବାଧିକାରଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ। ଅବସରପ୍ରାପ୍ତ ଡିଜି ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜନଜାତି ବିଭାଗର ଜାତୀୟ ଉପସଭାପତି ବରିଷ୍ଠ କଂଗ୍ରେସ ନେତା ଶ୍ୟାମସୁନ୍ଦର ହାଂସଦାଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାର କମିଶନଙ୍କ ଅଧ୍ୟକ୍ଷ ଶ୍ରୀ ଜଷ୍ଟିସ୍ ବି.ପି ଦାସଙ୍କୁ ଭେଟି ଏହି ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ସମେତ ଦୋଷୀଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ପରିବାରଙ୍କୁ କ୍ଷତିପୂରଣ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଗତ ୭ମଇ ଦିନ ପୋଲିସ୍ କ୍ୟାଣ୍ଟିନ୍‌ରେ କାମକରୁଥିବା ସଂପୃକ୍ତ ମହିଳା ମୁମୂର୍ଷ ଅବସ୍ଥାରେ ପଡିଥିବା ଅବସ୍ଥାରେ ତାଙ୍କ ସ୍ୱାମୀ ଦେଖିବାକୁ ପାଇଥିଲେ। ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ୩ ଦିନର ଚିକିତ୍ସା ପରେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କିଛି ସୁଫଳ ନ ମିଳିବାରୁ ରାତିରେ ତାଙ୍କୁ ବ୍ରହ୍ମପୁର ବଡମେଡିକାଲ୍‌କୁ ରେଫର୍ କରାଯାଇଥିଲା। ଆମ୍ବୁଲାନ୍ସରେ ନିଆଯାଉଥିବା ସମୟରେ ରାୟଗଡାଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ସ୍ୱାମୀ ଅଭିଯୋଗ କରିଥିଲେ ଏବଂ ଏନେଇ ୯ ତାରିଖରେ ମାଲକାନାଗିରି ଥାନାରେ ଏତଲା ମଧ ଦେଇଥିଲେ। ଯେହେତୁ ସେ ପୁଲିସ୍ କ୍ୟାଂଟିନରେ କାମ କରୁଥିଲେ ଏହି ଘଟଣା ପଛରେ ସେଠାକାର ବ୍ୟକ୍ତିବିଶେଷଙ୍କ ହାତଥିବା ମଧ ସନ୍ଦେହ କରାଯାଉଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ମୁଖପାତ୍ର ତଥା ଆଇନଜୀବି ନିଶିକାନ୍ତ ମିଶ୍ରଙ୍କ ଦ୍ୱାରା ଦାଖଲ ପିଟିସନକୁ ଅତ୍ୟନ୍ତ ଗୁରୁତ୍ୱର ସହ ଶୁଣାଣି କରି ଆଜି ଜଷ୍ଟିସ ବି.ପି ଦାସ ଏବଂ ସଦସ୍ୟ ଅସିମ୍ ଅମିତାଭ ଦାସଙ୍କୁ ନେଇ ଗଠିତ ଖଣ୍ଡପିଠ ରାଜ୍ୟ ସରକାରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ ଆସନ୍ତା ୭ ତାରିଖ ସୁଦ୍ଧା ତଦନ୍ତର ସ୍ଥିତି ସଂପର୍କରେ ସବିଶେଷ ବିବରଣୀ ଦାଖଲ କରିବାପାଇଁ ଜଷ୍ଟିସ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ନିଶିକାନ୍ତ ମିଶ୍ର, ଜିନେଶ ଦାସ, ଶୁଭଶ୍ରୀ ପଣ୍ଡା, ଅମିତା ବିଶ୍ୱାଳ, କୈଳାସ ମୁଖି, ପ୍ରଦୀପ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## କୋଭିଡ୍ ଆଇସୋଲେସନ ୱାର୍ଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ପତ୍ନୀଙ୍କ ଆତ୍ମହତ୍ୟା

ଜଗତସିଂହପୁର, ୦୩/୭ (ନି.ପ୍ର): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ କଟିଜଙ୍ଗା ଗ୍ରାମର ଜନୈକ ଦମ୍ପତି ତେଲେଙ୍ଗାନାରୁ ଫେରି କ୍ୱାରେଂଟାଇନରେ ଥିଲେ। ଦେହ ଅସୁସ୍ଥ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତୁରନ୍ତ ତାଙ୍କୁ ଜଗତସିଂହପୁର କୋଭିଡ୍ ଆଇସୋଲେସନ ୱାର୍ଡ଼କୁ ଅଣାଯାଇଥିଲା। ଆଜି ଅପରାହ୍ନରେ ସେଠାରେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଆଇସୋଲେସନ ୱାର୍ଡ଼ରେ ଥିବା ତାଙ୍କର ପତ୍ନୀ ବେକରେ ଲୁଗାର ଫାଶ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ଏହି ଦୁଃଖଦ ଖବର ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳାଇ ଦିଆଯାଇଛି।

### ■ କାଦମ୍ବିନୀର ସ୍ୱନକ୍ଷତ୍ର ଉତ୍ସବ ■

# ଓଡ଼ିଶାରେ ଉର୍କଷ ହେଉଛି ଏକ ପରମ୍ପରା : ରାଜ୍ୟପାଳ

ଭୁବନେଶ୍ୱର, ୦୩/୭ (ନି.ପ୍ର): ସମସ୍ତଙ୍କୁ ସ୍ୱୀକାର କରିବା ଓ ସଭିଙ୍କୁ ପ୍ରେମ କରିବା ହେଉଛି ସକଳ ଚିନ୍ତନ ଓ ଅନ୍ୱେଷଣର ଶୀର୍ଷ ସ୍ତର। ଏହି ସ୍ତରକୁ ପଥ ଉଭୟ ଆନନ୍ଦମୟ ଓ ଆହ୍ୱାନ ପୂର୍ଣ୍ଣ। ନିଷ୍ଠା, କର୍ମକୁଶଳତା ଓ ଆନ୍ତରିକତା ମାଧ୍ୟମରେ ଏହା ସୁଗମ ହୋଇଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ଗୁରୁବାର ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ'ର ବିଂଶ ସ୍ୱନକ୍ଷତ୍ର ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ଓଡ଼ିଶାରେ ଉର୍କଷ ହେଉଛି ଏକ ପରମ୍ପରା ଯେଉଁଥିପାଇଁ ଏହି ରାଜ୍ୟର ଅନ୍ୟନାମ ଉତ୍କଳ। 'କାଦମ୍ବିନୀ' ପତ୍ରିକା ଜଗତରେ ଉତ୍କର୍ଷର ଏକ ପ୍ରତୀକ। ଗତ ୨୦ ବର୍ଷର ଗୌରବମୟ ଯାତ୍ରାର ଅଭିଜ୍ଞତା ଓ ଉପଲବ୍ଧିକୁ ଆଧାର କରି ଭବିଷ୍ୟତର ଆହ୍ୱାନ ଓ ଆବଶ୍ୟକତା ଅନୁସାରେ 'କାଦମ୍ବିନୀ' ନିଜକୁ ବିବର୍ତ୍ତିତ କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ। 'କାଦମ୍ବିନୀ'ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ପତ୍ରିକାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ କରି ଏହା ଅନେକାଂଶରେ ପୂରଣ ହୋଇଥିବା ପ୍ରକାଶ କରିଥିଲେ। ବିଶିଷ୍ଟ କବି ତଥା ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟ୍ଟଶାଣୀ 'କାଦମ୍ବିନୀ' ସହ ନିଜ ସଂପର୍କର ଅବତାରଣ କରି ପତ୍ରିକାର ବିପୁଳ ଲୋକପ୍ରିୟତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦା ପରିବର୍ତ୍ତିତ ପରିବେଶ ପାଇଁ ପତ୍ରିକା ନିଜକୁ ପ୍ରସ୍ତୁତ କରିବା ହେଉଛି ସମୟର ଆବଶ୍ୟକତା ଏବଂ 'କାଦମ୍ବିନୀ'ର ଯାତ୍ରା ବେଶ ଉତ୍ସାହଜନକ ବୋଲି କହିଥିଲେ। ସମ୍ପାଦିକା ଇତି ସାମନ୍ତ 'କାଦମ୍ବିନୀ'ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'କାଦମ୍ବିନୀ'ର ବିଶେଷ ସଂଖ୍ୟା, 'କୁନିକଥା'ର ନୂତନ ସଂଖ୍ୟା, ନୂତନ ୱେବ ପତ୍ରିକା 'କନ୍ୟା'କୁ ରାଜ୍ୟପାଳ ଲୋକର୍ପଣ କରିଥିଲେ। 'କାଦମ୍ବିନୀ'ର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଡ଼ାକ ଟିକେଟ୍‌କୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। କାଦମ୍ବିନୀର ପ୍ରଥମ ସଂଖ୍ୟାର ପ୍ରଚ୍ଛଦ ମଣ୍ଡନ କରିଥିବା ଅନୁ ଚୌଧୁରୀଙ୍କ ସମେତ ଗତ ବର୍ଷ ପ୍ରଚ୍ଛଦରେ ମଣ୍ଡନ କରିଥିବା ଚିତ୍ରତାରକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'କାଦମ୍ବିନୀ'ର ୨୦ ବର୍ଷର ଯାତ୍ରାକୁ ନେଇ ଏକ ଭିଡ଼ିଓ ବୃତ ଚିତ୍ର ପ୍ରଦର୍ଶିତ ହୋଇଥିଲା। କୋଭିଡ୍-୧୯ ମାର୍ଗ ଦର୍ଶିକା ମୁତାବକ ମାସ୍କ ଓ ସାମାଜିକ ଦୂରତା ସହ ଉତ୍ସବ ସମ୍ପାଦିତ ହୋଇଥିଲା।

## ବିଭାଗୀୟ ସ୍ଥାୟୀ କମିଟି-୯ର ଦ୍ୱିତୀୟ ବୈଠକ

ଭୁବନେଶ୍ୱର, ୦୩/୭ (ନି.ପ୍ର): ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୪ରେ ବିଭାଗୀୟ ସ୍ଥାୟୀ କମିଟି-୯ଙ୍କର ଦ୍ୱିତୀୟ ବୈଠକ ବିଧାୟକ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଚାଲୁ ରହିଥିବା କାର୍ଯ୍ୟ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ କମିଟିର ସଦସ୍ୟ, ଉଭୟ ବିଭାଗର ବରିଷ୍ଠ ଅଧିକାରୀ ଓ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ବିଙ୍ଗ ବେଳେ ମାଓ କ୍ୟାମ୍ପ ଠାବ ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୦୩/୭ (ନି.ପ୍ର): କନ୍ଧମାଳ ଜିଲା ପୋଲିସକୁ ମିଳିଛି ଏକ ବଡ ସଫଳତା ଗତ ୨୯ ତାରିଖ ଦିନ ଏସଓଜି ଜବାନ ମାନେ ଜିଲାର ଫିରିଙ୍ଗିଆର ସୁମେରବନ୍ଧ ଫରେଷ୍ଟ ବିଭାଗ ଅଂଚଳରେ ଥିବା ଲଦାପଦର ଜଙ୍ଗଲରେ କୁମ୍ବିଙ୍ଗ ଅପରେସନ ଚଳାଇଥିବା ବେଳେ ସେଠାରେ ଏକ ମାଓ କ୍ୟାମ୍ପ ରହିଥିବା ଦେଖିଥିଲେ। ସେଠାରେ ଥିବା ମାଓବାଦୀ ମାନେ ଘଂଚ ଜଙ୍ଗଲ ଭିତରେ ଲୁଚି ଯାଇ ସେଠାରୁ ଖସିଯାଇଥିବା ବେଳେ ଜବାନ ମାନେ ସେଠାରେ ଏକ ମାଓ କ୍ୟାମ୍ପ ଠାବ କରିବା ସହିତ ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ମାଓବାଦୀ ମାନଙ୍କର ବ୍ୟବହାର କରାଯାଉଥିବା ଜିନିଷ ସବୁ ଜବତ କରିଛନ୍ତି। ଆଜି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ଗୀତା ସିଂ ଏକ ପ୍ରେସ୍ ବିବୃତିରେ ଏହି ସୁଚନା ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ସୁଚନା ଅନୁସାରେ ବିଶେଷ ସତ୍ରରୁ ଖବର ପାଇବାପରେ ଜବାନମାନେ ଜିଲାର ସୁମେରବନ୍ଧ ଅଂଚଳରେ କୁମ୍ବିଙ୍ଗ ଅପରେସନ କରିଥିଲେ। ପୋଲିସ ଆସିବା ଖବର ପାଇ ମାଓବାଦୀ ମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। କ୍ୟାମ୍ପରୁ ପୋଲିସକୁ ୧୫ କିଗ୍ରା ବିସ୍ଫୋରକ,ବହୁତ ପରିମାଣରେ ଡିଟୋନେଟର, ମଲ୍ଟିମିଟର, ମାଓପତ୍ରିକା,ଲିଫ୍‌ଲେଟ,ମାଓ ପୋଷାକ,ଦରି ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରିଛି ପୋଲିସ। ସେଠାରେ କେକେବିଏନ୍ ଡିଭିଜନର ମାଓ ସଂଗଠନର ୨୦ ଜଣରୁ ଅଧିକ ମାଓବାଦୀ ମାଓନେତା ଆକାଶ,ଦାସୁରୁ,ସୂର୍ଯ୍ୟ ଓ ବଣ୍ଟି ଉପସ୍ଥିତ ଥିବା ପୋଲିସ ଜାଣିବାକୁ ପାଇଛି ବୋଲି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂ କହିଛନ୍ତି। ତେବେ ସେମାନେ ସେଠାରେ କୌଣସି ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ଏକାଠି ହୋଇଥିବା ଏବଂ ଆସନ୍ତ ୨୬ ତାରିଖରେ ମାଓ ସହୀଦ ସପ୍ତାହ ପାଇଁ ପ୍ରସ୍ତୁତି କରୁଥିବା ନେଇ ପୋଲିସ ଅନୁମାନ କରୁଛି। ତେବେ ଜିଲାରେ ପୋଲିସ ତରଫରୁ ହୋଇଥିବା ଦୃଢ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓବାଦୀ ମାନେ କୌଣସି ପଦକ୍ଷେପ ନେବାପାଇଁ ଭୟ କରୁଥିବା କହିଛନ୍ତି ଏସ୍.ପି।

# ଲକ୍‌ଡାଉନ୍ ଛଡାଇ ନେଲା ରୋଜଗାର : ମୁଣ୍ଡ ବୃଦ୍ଧି ପାଉଥିବା ପୁଅର ଚିକିତ୍ସାରେ ଅର୍ଥ ବାଧକ

ଭଦ୍ରକ, ୩/୭ (ହି.ସ.) - ବିଭାଘର ବ୍ରତଘର ଆଦିରେ ରୋଷେଇ କଲେ ପରିବାର ଚଳେ, ହେଲେ କରୋନା ପାଇଁ ତାହା ଦୀର୍ଘଦିନ ହେଲା ବନ୍ଦ ହୋଇଯାଇଛି। ଏପଟେ ୧୪ ମାସରେ ରୋଗାକ୍ରାନ୍ତ ପୁଅ। ଚିକିତ୍ସା କରିବାକୁ ଅର୍ଥ ନାହିଁ। ଏହିପରି ସଂକଟରେ ପଡିଛନ୍ତି ତିହିଡି ବ୍ଲକ୍ ଅଧୀନ ଦୋଳସାହି ପଂଚାୟତ ରାଢଙ୍ଗ ଗ୍ରାମ ୨ ନଂ ୱାର୍ଡର ମନୋଜ ଦୀକ୍ଷିତ୍। ପୁଅ ସାଇପ୍ରକାଶ ଜନ୍ମ ହେବା ପରେ ମୁଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ୧୪ ମାସ ମଧ୍ୟରେ ମୁଣ୍ଡଟି ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଜନ୍ମ ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ସାମାନ୍ୟ ସୁଫଳ ମିଳିଥିବା ବେଳେ ପାଣି ଜମିଯାଉଥିବାରୁ ପୁଣି ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି। ପୁଅର ଚିକିତ୍ସା ପାଇଁ ନିୟମିତ ମାସିକ ଦଶରୁ ପନ୍ଦର ହଜାର ଟଙ୍କାର ଆବଶ୍ୟକତା ରହିଛି। ତେବେ ରୋଷେଇ କରି ଯାହା କିଛି ଅର୍ଥ ଉପାର୍ଜନ କରୁଥିଲେ, ତାହା ସହ ଧାର, କରଜ କରି ନିୟମିତ ପୁଅର ଚିକିତ୍ସା କରିଆସୁଥିଲେ। ଏବେ ରୋଷେଇ କାର୍ଯ୍ୟ ମିଳୁନଥିବାରୁ ସେ ଘରେ ଏକ ପ୍ରକାର ବସିରହିଛନ୍ତି। ମଝିରେ ମଝିରେ ଅସ୍ଥାୟୀ ପାନ ଦୋକାନ ଖୋଲି ଯାହା କିଛି ଅଳ୍ପ ରୋଜଗାର କରୁଛନ୍ତି। ଏପରି କ୍ଷେତ୍ରରେ ପୁଅର ଅସ୍ତ୍ରୋପଚାର ପାଇଁ ଅର୍ଥ ଯୋଗାଡ କରିବା ସମ୍ଭବ ନୁହେଁ। ଏପରି ଘଡିସନ୍ଧି ମୁହୂର୍ତ୍ତରେ ସେ ଯେଉଁଠାରୁ ଧାରକରଜ କରିଥିଲେ, ସେମାନେ ମଧ ପଇସା ମାଗିବାକୁ ଆରମ୍ଭ କଲେଣି। ସ୍ତ୍ରୀର ଗହଣା ମଧ ପୂର୍ବରୁ ବିକ୍ରୟ କରିଦେଇଛନ୍ତି। ଏପରି ପରିସ୍ଥିତିରେ ତାଙ୍କୁ ସାହାଯ୍ୟ କରିବା ପାଇଁ ସେ ଆକୁଳ ନିବେଦନ କରିଛନ୍ତି।

## ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାର ବଲାଙ୍ଗିର ଜିଲ୍ଲା ସଟ୍ ଡାଉନ୍

ବଲାଙ୍ଗିର, ୨ ଜୁଲାଇ (ହି.ସ.)- କରୋନା ମୁକାବିଲା ପାଇଁ ବଲାଙ୍ଗିର ଜିଲ୍ଲାପାଳ ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ତଦନୁଯାୟୀ, ପ୍ରତି ଶନିବାର ଓ ରବିବାର ବଲାଙ୍ଗିର ଜିଲ୍ଲା ସଟ୍ ଡାଉନ୍ ରହିବ। ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଜିଲ୍ଲାରେ ହୋଟେଲ, ଫାଷ୍ଟଫୁଡ୍ ଦୋକାନ ବନ୍ଦ ରହିବ। ଚା' ପାନ ଦୋକାନ, ରାସ୍ତାକଡ଼ ଜଳଖିଆ ଓ ଲସି ଦୋକାନ ବନ୍ଦ ରହିବ। ଏହି କଟକଣା ଆସନ୍ତା କାଲି ଠାରୁ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ବଳବତର ରହିବ।

# କୁମ୍ଭୀରକୁ କାଟି ଖାଇଲେ ଗ୍ରାମବାସୀ

ମାଲକାନଗିରି, ୦୩/୭ (ନି.ପ୍ର): ଆପଣ ମାନେ କୁମ୍ଭୀର ମଣିଷକୁ ଖାଇବା ଶୁଣିଥିବେ। ଆମ ରାଜ୍ୟ ଭିତରେ ଏମିତି ଅନେକ ବାର ଘଟିଛି। ନଦୀରେ ଗାଧୋଇଲା ବେଳେ ହେଉ କି କୁମ୍ଭୀର ଦେଖିବା ପାଇଁ ବୁଲି ବାକୁ ଗଲାବେଳେ ହେଉ। ନଦୀ ଭିତରୁ ଲୋକଙ୍କୁ କୁମ୍ଭୀର ଟାଣି ନେଇ ତାର ଆହାର ବନେଇଛି। ଏଭଳି ଖବର ଆମ ପାଖକୁ ଅନେକ ବାର ଆସିଛି। କିନ୍ତୁ ଏବେ ଆସିଛି ଏମିତି ଏକ ଖବର ଯାହା ଶୁଣିଲେ ଆପଣଙ୍କର ଲୋମ ଟାଙ୍କୁରି ଉଠିବ। ଘଟଣାଟି ଘଟିଛି ମାଲକାନଗିରି ଜିଲ୍ଲାର ଏକ ଗାଁ ରେ , ଯେଉଁଠି କୁମ୍ଭୀରକୁ ମାରି ଲୋକ ନିଜର ଆହାର ବନେଇଛନ୍ତି। ନଦୀରୁ ଆଣିବା ପରେ ପୁରା ଗାଁ ୧୦ ଫୁଟର କୁମ୍ଭୀର କାଟି ଭାଗ ଭାଗ କରି ବାଂଟି ନେଇଛନ୍ତି ବୋଲି ସୂଚନା ମିଳିଛି। ଖାଲି ସେତିକି ନୁହେଁ ଉକ୍ତ କାର୍ଯ୍ୟରେ ଲିପ୍ତ ଥିବା ଲୋକେ ସେହି ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ର କାଲଦାପଲ୍ଲୀ ଅଂଚଳରେ ଘଟିଛି ଏହି ଘଟଣା! ସେପଟେ ଏନେଇ ଚୁପ ବସିଛି ବନ ବିଭାଗ। ସୂଚନା ଅନୁଯାୟୀ, ଶାବେରୀ ନଦୀରୁ ଗଲା ମଙ୍ଗଳବାର ସ୍ଥାନୀୟ ଲୋକେ ଏକ କୁମ୍ଭୀର ଉଦ୍ଧାର କରି ଆଣିଥିଲେ। କୁମ୍ଭୀରର ଉଚତା୧୦ ଫୁଟ ହେବ। ଉଦ୍ଧାର କରି ଆଣିବା ପରେ କୁମ୍ଭୀର ଟିକୁ ଏକ ତେନ୍ତୁଳି ଗଛରେ ବାନ୍ଧି ଦେଇଥିଲେ! ଏହା ପରେ କୁମ୍ଭୀରଟିକୁ ଦେଖିବା ପାଇଁ ବହୁତ ଲୋକଙ୍କର ଭିଡ଼ ଜମିଥିଲା। ଧରିଆଣିଥିବା କୁମ୍ଭୀରଟିର ପ୍ରଥମେ ନଖ କାଟିବା ପରେ ତାକୁ ହାଣି ଦେଇଥିଲେ। ଏହାପରେ କୁମ୍ଭୀରଟିକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାଗ ଭାଗ କରି ନେଇଯାଇଥିଲେ। ଏଥିସହ ସ୍ଥାନୀୟ ଲୋକ ଏହି ସବୁ ଘଟଣାକୁ କ୍ୟାମେରାରେ କଏଦ କରି ବିଭିନ୍ନ ସାମାଜିକ ଗଣମାଧମରେ ଭାଇରାଲ୍ ମଧ କରିଛନ୍ତି। ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଯିବାର ୨୪ ଘଂଟା ରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ବନବିଭାଗର ହାତ ଖାଲି ରହିଛି।

## ଆସନ୍ତା ୫ ତାରିଖ ଯାଏଁ ଖୋର୍ଦ୍ଧା ପୌର କାର୍ଯ୍ୟାଳୟ ବନ୍ଦ ୧୫ ନଂ ୱାର୍ଡ଼ର ତେଲେଙ୍ଗା ସାହିକୁ କଂଟେନମେଂଟ ଜୋନ୍ ଘୋଷଣା

ଖୋର୍ଦ୍ଧା, ୦୩/୭ (ନି.ପ୍ର): ଆସନ୍ତା ୫ ତାରିଖ ଯାଏଁ ଖୋର୍ଦ୍ଧା ପୌର କାର୍ଯ୍ୟାଳୟ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତ। ପୌର କାର୍ଯ୍ୟାଳୟର ଜନୈକ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କଂଟାକ୍ଟ ଟ୍ରେସିଂରେ ୩୩ ଜଣ କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ ପାଇଁ ନିର୍ଦ୍ଦେଶ ରହିଛି। ସେହିପରି କରୋନା ଚିହ୍ନଟ ବ୍ୟକ୍ତି ରହୁଥିବା ୧୫ ନଂ ୱାର୍ଡ଼ର ତେଲେଙ୍ଗା ସାହିକୁ ଆସନ୍ତା ୫ ତାରିଖ ସକାଳ ପର୍ଯ୍ୟନ୍ତ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି।

# କୋରାପୁଟ ଜିଲ୍ଲାରେ ବର୍ଷା ଉଭାନ୍, ଚାଷିକୁଳ ହତାଶ : ଜୁଲାଇରେ ଭଲ ବର୍ଷା ନହେଲେ ପରିସ୍ଥିତି ସାଙ୍ଘାତିକ ହେବା ଆଶଙ୍କା

ଜୟପୁର, ୦୩/୭ (ନି.ପ୍ର): କୋରାପୁଟ ଜିଲାରେ ଭଲ ବର୍ଷା ହେବା କଥା ରେକର୍ଡ ରହିଛି। କିନ୍ତୁ, ଚଳିତ ବର୍ଷ କୋରାପୁଟ ଜିଲାରେ ବର୍ଷା ଉଭାନ୍ ହୋଇଯାଇଛି। ଫଳରେ ଚାଷି ମାନେ ହତାଶ ହୋଇଯାଇଛନ୍ତି। ଆଷାଢ ମାସରେ ପ୍ରବଳ ଖରା ହେଉଥିବାରୁ ଚାଷି କୁଳ ଆତଙ୍କିତ ହୋଇପଡିଛନ୍ତି। ଜମି, କ୍ଷେତ ଫାଟି ଆଁ କରି ରହିଛି। ପ୍ରାକ୍ ମୌସୁମି ବର୍ଷା ବି ହେଲା କାଁ ଭାଁ ବି ବର୍ଷିଲା। ଚାଷୀର କ୍ଷେତରେ କେତେକ ସ୍ଥାନରେ ଲଙ୍ଗଳ ବି ପଶୁନି। ପୂର୍ବ ବର୍ଷାକୁ ଦେଖି କେତେକ ଜମିରେ ତଳି ବୁଣା ହୋଇଥିଲା, ତାହା ଏବେ ଗଜା ମରୁଡ଼ି ଆଶଙ୍କା ରହିଛି। ଫଳରେ ସାରା ଜିଲାରେ ଚାଷ କାମ ଏକ ପ୍ରକାର ଠପ୍ ହୋଇଯାଇଛି। ଚାଷୀ ଆକାଶକୁ ଚାହିଁ ରହିଥିବା ବେଳେ କେବେ ବର୍ଷା ହେବ ତାକୁ ହିଁ କେବଳ ଅପେକ୍ଷା। ଖରିଫ ଚାଷ ପାଇଁ ଚାଷି ଓ ପ୍ରଶାସନ ତତ୍ପରତା ପ୍ରକାଶ କରିଥିବା ବେଳେ ମୁଣ୍ଡଫଟା ଖରା ଦେଖି ଭୟଭିତ ହୋଇଛି ଚାଷି। ଖରିଫ ଋତୁରେ ଜିଲା କୃଷି ଉପନିର୍ଦ୍ଦେଷକ କାର୍ଯ୍ୟାଳୟ ଧାନ ଚାଷ ବାଦ୍ ତୈଳବିଜ ଓ ଡାଲିଜାତୀୟ ଫସଲ, ପାରମ୍ପାରିକ କୃଷି ଜାତୀୟ ଯୋଜନା ଓ ମିଲଟ ମିଶନକୁ ଫୋକସରେ ରଖିଛି। ଚଳିତ ଖରିଫ ଋତୁରେ ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ ଲାଗି କୃଷି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତି କରାଯାଉଛି। ଏଥି ମଧ୍ୟରୁ ଧାନ ଚାଷ ୯୯ ହଜାର ହେକ୍ଟର ଜମିରେ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ମକା, ଯଅ, ବାଜରା, ମାଣ୍ଡିଆ, ଛୋଟ ଶସ୍ୟ ଜମିରେ ଚାଷ କରାଯିବାକୁ ପ୍ରସ୍ତୁତି ବି ହୋଇଛି। ଡାଲି ଜାତୀୟ ଫସଲ, ତୈଳବୀଜ ଜାତୀୟ ଫସଲ, ଝୋଟ ତନ୍ତୁ ଜାତିୟ, ପନିପରିବା, ମସଲା ଜାତିୟ ଫସଲ, ଆଖୁ, ମରିଚ, ହଳିଦି ଓ ଅଦା, ଲେମନ ଗ୍ରାସ ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାରେ ୩୦ ପ୍ରକାରର ଖାଦ୍ୟ ଶସ୍ୟ ୨ ଲକ୍ଷ ୯୬ ହଜାର ହେକ୍ଟର ଚାଷ କରାଯିବ। ଖରିଫ ଋତୁରେ ଚାଷୀ ମାନଙ୍କୁ ୨୦୮ଟି ଡିଲର ଓ ୨୦ଟି ଲ୍ୟାମ୍ପ ଜରିଆରେ ଧାନ ବିହନ ୧୬୬୭୦ କ୍ୱିଂଟାଲ ବିହନ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ବିହନ ମଧ୍ୟରେ ମାଣ୍ଡିଆ, ମୁଗ, ହରଡ, ନାଇଜେର ରାଶି, ଚିନା ବାଦାମ ଆଦି ରହିଥିବା ଜଣାଯାଇଛି। ସେହିପରି ଫସଲର ଅଧିକ ଅମଳ ନିମନ୍ତେ ୩୦ ହଜାର ୨ ଶହ ମେଟ୍ରିକ ଟନ୍ ନାଇଟ୍ରୋଜେନ, ଫସଫରସ, ପଟାସ ଆଦି ସାର ଯୋଗଇ ଦିଆଯିବା ପାଇଁ ଖସଡା ପ୍ରସ୍ତୁତ କରାଯାଇଛି। ଏହି ସବୁ ସାର ୨୧୮ଟି ଡିଲରଙ୍କ ଦ୍ୱାରା ଚାଷିଙ୍କୁ ଉପଲବ୍ଧ କରାଯିବା ନେଇ ଖସଡ଼ା ପ୍ରସ୍ତୁତି କରାଯାଇଛି। ୨୦୨୦ ଖରିଫ ଋତୁରେ ୯୪ ହଜାର ୧୫୩ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ରହିଥିବା ଅନ୍ୟ ଜମି ବର୍ଷା ଜଳ, ଝରଣା, ନଳକୂପ, ଗଭିର କୂପ , ଉଠା ଜଳସେଚନ ଆଦି ଉପରେ ନିର୍ଭର କରେ। ୪୨ ହଜାର ୪୫୬ ହେକ୍ଟର ଜମିକୁ ବୃହତ ଜଳସେଚନ ଅଧିନରେ ଆସୁଥିବା ବେଳେ ସାଢେ ୫ ହଜାର ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ ସୁବିଧା ରହିଛି। ୨୦ ହଜାର ହେକ୍ଟର ଜମିକୁ ଉଠା ଜଳସେଚନ ଜରିଆରେ ପାଣି ଦିଆଯାଉଛି। ଅନ୍ୟ ପଟେ ଦୁର୍ବଳ କେନାଲ ମରାମତି ଅଭାବରୁ କେନାଲ ତଳ ମୁଣ୍ଡ ମାନଙ୍କରେ ପାଣି ପହଂଚି ପାରୁନଥିବାରୁ ସେହି ଅଂଚଳର ଚାଷି ମାନେ ବର୍ଷା ଜଳ ଉପରେ ନିର୍ଭର କରୁଛନ୍ତି। କୋରାପୁଟ ଜିଲାରେ ନର୍ମାଲ ରେନ ଫଲ୍ ୨୦୬.୮ ମି.ମି. ରହିଥିବା ବେଳେ ଗତ ୨୦୧୯ ଜୁନ୍ ୩୦ ତାରଖ ସୁଦ୍ଧା୧୩୦.୭୩ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଚଳିତ ବର୍ଷ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ମୌସୁମି ବର୍ଷା ଆରମ୍ଭ ହେବାସହ ହାରାହାରି ୯୭ ପ୍ରତିଶତ ବର୍ଷା ହେବା ଆକଳନ କରାଯାଇଥିଲା। କୋରାପୁଟ ଜିଲାରେ ଜୁନ୍ ମାସରେ ହାରାହାରି ୨୬୮.୬୧ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲାରେ ୮୮୧.୦୦୦ ହେକ୍ଟର ଭୌଗଳିକ ସ୍ଥିତି ରହିଥିବା ବେଳେ ୩୦୧୦୦୦.୫ ହେକ୍ଟର ଚାଷ ଜମି ରହିଛି। ଏହି ମଧ୍ୟରୁ ବିଭାଗ ୨୯୬୦୦୦ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ୍ୟ ରଖିଛି। ଜିଲାର ୧୪ଟି ବ୍ଲକର ୨୨୬ ପଚାଂୟତ ଓ ୨୦୨୮ ଗ୍ରାମରେ ଚାଷ କାର୍ଯ୍ୟ ଆରମ୍ଭ ହୋବାକୁ ଯାଉଛି। ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଚାଷ କରାଯାଉଛି। ଏହି ଜମି ମଧ୍ୟରୁ ଉଚ୍ଚା ଜମି ୧୮୩ ୯୯୦ ହେକ୍ଟର, ମଝିଆ ଜମି ୭୮.୫୩୦ ହେକ୍ଟର ଓ ଖାଲ ଜମି ୩୩.୪୮୦ ହେକ୍ଟର ଚାଷ ଜମି ରହିଛି। କୋରାପୁଟ ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗରେ ଥିବା ୧୩୬୬ ଟି ଉଠା ଜଳସେଚନ ପଏଂଟ ମଧ୍ୟରୁ ୨୧୭ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଏହି ଉଠା ଜଳସେଚନ ପଏଂଟ ମଧ୍ୟରୁ ୪ ହଜାର ୩ ଶହ ୪୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବନି ବୋଲି ଜଣାଯାଇଛି। ସେହିପରି ଅନେକ ଉଠା ଜଳସେଚନ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରି ହେଉନଥିବା ଜଣାଯାଇଛି।

# ବିଜେଡି ପକ୍ଷରୁ ମାସ୍କ ବଣ୍ଟନ



ବାରିପଦା, ୦୩/୭ (ନି.ପ୍ର): ସମ୍ପ୍ରତି କରୋନା ମହମାରି ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସମସ୍ତେ କାର୍ଯ୍ୟରତ ଅଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ ମାସ୍କ ପରିଧାନ କରିବା ଅପରିହାର୍ଯ୍ୟ ଅଟେ। ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ମୟୁରଭଞ୍ଜ ଜିଲ୍ଲାର ଦୁର୍ଗମ ବଣ ପାହାଡ଼ରେ ଘେରା ଶିମିଳିପାଳ ଜୈବ ମଣ୍ଡଳ ଅନ୍ତର୍ଗତ ଗ୍ରାମରେ ବସବାସ କରୁଥିବା ଆଦିବାସୀ ଜନଜାତି ଲୋକମାନଙ୍କୁ କରୋନା ବାବଦରେ ସଚେତନ କରାଯାଇଥିଲା। ଜିଲ୍ଲା ବିଜେଡି ସଦର ସଭାପତି କାଶୀନାଥ ହେମ୍ବ୍ରମ ଶିମିଳିପାଳ ମଧ୍ୟରେ ଥିବା ଭାତଛତର ପଚଂାୟତର କାଶିପାଣି ଗ୍ରାମରେ ମାସ୍କ ବଣ୍ଟନ କରିଥିଲେ। ସେଠାରେ ବାସବାସ କରୁଥିବା ଆଦିବାସୀ ଲୋକମାନଙ୍କୁ କରୋନା ମହମାରି ସମ୍ପର୍କରେ ସଚେତନ କରାଇବା ସହିତ ତାଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ସେଠାକାର ଲୋକମାନେ ବିଦ୍ୟୁତ ସଂଯୋଗ ପାଇଁ ଅନୁରୋଧ କରିଥିଲେ, କିନ୍ତୁ ଉକ୍ତ ଅଚଂଳ ଶିମିଳିପାଳ ଜୈବ ମଣ୍ଡଳ ହେଇଥିବାରୁ ସେଠାରେ ସରକାରଙ୍କ ତରଫରୁ ସୌରଶକ୍ତି ଚାଳିତ ଆଲୋକ ବ୍ୟବସ୍ଥା ଅଛି। ଜିଲ୍ଲା ସଦର ସଭାପତି ଶ୍ରୀ ହେମ୍ବ୍ରମଙ୍କ ସହ ବିଶିଷ୍ଟ ସମାଜସେବୀ ତଥା ବିଜେଡି ନେତା ଦୀପକ ମିଶ୍ର, ଯୁବସଂଗଠକ ଗଣେଶ ମିଶ୍ର, ତୁଶୀଲ ହେମ୍ବ୍ରମ, ମୁନ୍ନା ଖାଁ, ସ୍ଥାନୀୟ ୱାର୍ଡ ମେମ୍ବର, ଗ୍ରାମ ମୁଖିଆ ପ୍ରମୁଖ ଉପସ୍ଥିତ ରହି ମାସ୍କ ବଣ୍ଟନ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଗୋଟିଏ ଲୋକର ଦୁଇଟି ମୃତ୍ୟୁ ପଂଜିକରଣ ସାର୍ଟିଫିକେଟ୍ : ନକଲ ମୃତ୍ୟୁ ସାର୍ଟିଫିକେଟ୍‌କୁ ନେଇ ଦ୍ୱନ୍ଦ୍ୱରେ ପରିବାର

ଭଦ୍ରକ, ୩/୭ (ହି.ସ.) - ସରକାରଙ୍କ ନିୟମ ଅନୁଯାୟୀ ଜନ୍ମ-ମୃତ୍ୟୁ ପଂଜିକରଣ କରାଇବା ବାଧ୍ୟତାମୂଳକ। ହେଲେ ଏପରି ନିୟମକୁ ଉଲ୍ଲଂଘନ କରି ଗୋଟିଏ ଲୋକର ମୃତ୍ୟୁ ପଞ୍ଜିକରଣ ୨ଟି ସ୍ଥାନରେ କରାଯିବା ସହ ପ୍ରମାଣ ପତ୍ର ବାହାରିଥିବା ଖବର ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଂଚାୟତ ଖଟୁଆପାଟଣା ଗାଁରେ ଆଲୋଡନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ଖଟୁଆପାଟଣା ଗାଁର ଇନ୍ଦ୍ରମଣି ଖଟୁଆ ପଶ୍ଚିମବଙ୍ଗ କଲକାତାସ୍ଥିତ ଚବିଶି ପ୍ରଗଣା ଜିଲାରେ ଦୀର୍ଘ ୨୫/୩୦ ବର୍ଷ ହେବ ଏକ ଘରୋଇ କଂପାନୀରେ ଚାକିରୀ କରୁଥିଲେ। ଇନ୍ଦ୍ରମଣିଙ୍କର ୫୩ ବର୍ଷ ବୟସରେ ୧୯୯୪ ମସିହା ଏପ୍ରିଲ ୧୮ ରେ ମୃତ୍ୟୁ ହୋଇଥିବା ତାଙ୍କ ପୁଅ ଅରୁଣ ଖଟୁଆ ପ୍ରକାଶ କରିଛନ୍ତି। ତାହାସହ ପଶ୍ଚିମବଙ୍ଗ ହାଲିସାର ମ୍ୟୁନିସିପାଲଟି ପକ୍ଷରୁ କେଶ୍ ନଂ ୮୩୪/୯୩ ଅନୁଯାୟୀ ମୃତ୍ୟୁ ସାର୍ଟିଫିକେଟ୍ ତାଙ୍କ ପୁଅ ଅରୁଣଙ୍କୁ ମିଳିଥିଲା। ଅରୁଣ ଉକ୍ତ ମୃତ୍ୟୁ ସାର୍ଟିଫିକେଟ୍ ଆଧାରରେ ଭଦ୍ରକ ଜିଲା ଚାନ୍ଦବାଲି ତହସିଲରୁ ତାଙ୍କ ବାପାଙ୍କର ଲିଗାଲ ହେୟାର ସାର୍ଟିଫିକେଟ୍ କେଶ୍ ନଂ ୭୧୨/୧୯୯୩ ରେ ପାଇଥିବା ପ୍ରକାଶ କରିଛନ୍ତି। ହେଲେ ଉକ୍ତ ଗାଁର ଜଣେ ମହିଳା ଇନ୍ଦ୍ରମଣିଙ୍କର ସ୍ତ୍ରୀ ଦର୍ଶାଇ ଚକ୍ରାନ୍ତ ମୂଳକ ଭାବେ ଇନ୍ଦ୍ରମଣିଙ୍କର ମୃତ୍ୟୁ ସାର୍ଟିଫିକେଟ୍ ଚାନ୍ଦବାଲି ମେଡିକାଲରୁ ବାହାର କରିବା ସହ ତହସିଲରୁ ଲିଗାଲ ହେୟାର ସାର୍ଟିଫିକେଟ୍ ବାହାର କରିଥିବା ଅରୁଣ ଅଭିଯୋଗ ଆଣିଛନ୍ତି। ସଂପୃକ୍ତ ମହିଳା ଜଣକ ୧୯୯୨ ମସିହା ଫେବୃୟାରୀ ୨୧ ରେ ଇନ୍ଦ୍ରମଣିଙ୍କର ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଂଚାୟତ ଖଟୁଆପାଟଣା ଗାଁରେ ମୃତ୍ୟୁ ହୋଇଥିବା ନେଇ ଚାନ୍ଦବାଲି ମେଡିକାଲରେ ମୃତ୍ୟୁ ପଂଜିକରଣ ସାର୍ଟିଫିକେଟ୍ ପାଇଁ ଆବେଦନ କରିବା ସହ ୨୦୧୯ ଫେବୃୟାରୀ ୨୦ ରେ ମୃତ୍ୟୁ ସାର୍ଟିଫିକେଟ୍ ହାସଲ କରିଛନ୍ତି। ତାହା ସହ ଲିଗାଲ ହେୟାର ସାର୍ଟିଫିକେଟ୍ ମଧ ୨୦୧୭ ରେ ଚାନ୍ଦବାଲି ତହସିଲରୁ ହାସଲ କରିଥିବା ଅରୁଣ ଅଭିଯୋଗ କରିଛନ୍ତି। ସଂପୃକ୍ତ ମହିଳାଙ୍କୁ ଅରୁଣ ଚିହ୍ନି ନଥିବା ବେଳେ ତାଙ୍କ ବାପାଙ୍କ ନାଁରେ ମିଥ୍ୟା ମୃତ୍ୟୁ ସାର୍ଟିଫିକେଟ୍ ବାହାର କରି ଇନ୍ଦ୍ରମଣିଙ୍କର ସ୍ତ୍ରୀ ଦର୍ଶାଇଛନ୍ତି। ଏପରିକି ଅରୁଣ ଏହାର ସତ୍ୟତା ପାଇଁ ୨୦୧୯ ଅଗଷ୍ଟ ୮ ରେ ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ପାଇଁ ଚାନ୍ଦବାଲି ତହସିଲ ଓ ମେଡିକାଲରେ ଆବେଦନ କରିଥିଲେ ମଧ ତାଙ୍କୁ ଆଜିପର୍ଯ୍ୟନ୍ତ ନ୍ୟାୟ ମିଳିନଥିବା ଅରୁଣ ପ୍ରକାଶ କରିଛନ୍ତି। ଏପରି ଘଟଣା ସଂପର୍କରେ ଚାନ୍ଦବାଲି ମେଡିକାଲ ଇନ୍‌ଚାର୍ଜଙ୍କୁ ଯୋଗାଯୋଗ କରିବାରୁ ସେ ନୂଆକରି ମେଡିକାଲକୁ ଆସିଛନ୍ତି, ଘଟଣା ବାବଦରେ ଅନୁଧ୍ୟାନ କରିବା ପରେ ଯାହାକିଛି ଜାଣି ହେବ ବୋଲି ପ୍ରକାଶ କରିଛନ୍ତି। ଏନେଇ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର କୁହନ୍ତି ଘଟଣାର ଅନୁଧ୍ୟାନ ପରେ ଯିଏ ମିଥ୍ୟା ସାର୍ଟିଫିକେଟ୍ ହାସଲ କରିଥିବ, ତାହାକୁ ଖାରଜ କରାଯିବ ବୋଲି କହିଛନ୍ତି। ତେବେ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ଜଣାପଡିଛି।

## ଘର ମୋର ସ୍ୱର୍ଗ

ସୌନ୍ଦର୍ଯ୍ୟପିପାସୁ ମଣିଷଟିଏ କ୍ଲାନ୍ତ ହୋଇ ଘରକୁ ଫେରିଲେ ଶୃଙ୍ଖଳିତ, ରୁଚିସମ୍ପନ୍ନ ପରିବେଶ ଆଶା କରେ । ଘରଟି କେବଳ ଖର୍ଚ୍ଚାନ୍ତ ହୋଇ ବର୍ଣ୍ଣାଢ଼୍ୟ ଢଙ୍ଗରେ ସଜାଇ ହେବନାହିଁ, ଆଗ୍ରହ ଥିଲେ ଖୁବ୍ କମ୍ ଖର୍ଚ୍ଚରେ ବି ଘରକୁ ସୁନ୍ଦର ରୂପ ଦେଇପାରିବେ । ଏ ସଂକ୍ରାନ୍ତରେ କେତେକ ଉପାୟ-



- ଘରକୁ ସର୍ବଦା ପରିଷ୍କାର, ପରିଚ୍ଛନ୍ନ କରି ରଖିବାକୁ ଚେଷ୍ଟା କରନ୍ତୁ ।
- ଘରର ଆଭ୍ୟନ୍ତରୀଣ ପରିବେଶ ବିଶୁଦ୍ଧ କରୁଥିବା ବିଭିନ୍ନ ପ୍ରକାର ଗଛ ରଖିପାରିବେ ।
- ପିସ୍ ଲିଲି, ସ୍ପାଇଡର ପ୍ଲାଣ୍ଟ, ବାଉଁଶଗଛ, ତଥା ସମସ୍ତଙ୍କର ପ୍ରିୟ ମନିପ୍ଲାଣ୍ଟ, ଏରିକା ପାମ୍‌କୁ ଘରର କୌଣସି କୋଣରେ ସଜାଇ ରଖିହେବ । ଗଛଗୁଡ଼ିକର ସବୁଜିମା ଘରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଦିଏ ।
- ଘରର ଉତ୍ତର-ପୂର୍ବ ଦିଗରେ ବଜାରରେ ମିଳୁଥିବା କୃତ୍ରିମ ଝରଣା ରଖନ୍ତୁ । ବାସ୍ତୁ ଅନୁସାରେ ଏହା ପ୍ରଗତିର ପରିଚାୟକ ।
- ସବୁଘରେ କିଛି ନା କିଛି କଂସା, ପିତ୍ତଳ ଜିନିଷ ଥାଏ, ଯାହା ବ୍ୟବହାର ନହୋଇ ପଡ଼ି ରହିଥାଏ । ଏବେ ପିତ୍ତଳରେ ସାଜସଜ୍ଜାର ଚାହିଦା ଅଧିକ । ପିତ୍ତଳର ବଡ଼ ଥାଳିଟିଏ ଟି'ପୟ କିମ୍ବା ଡାଇନିଂ ଟେବୁଲ ମଝିରେ ରଖନ୍ତୁ । ସେଥିରେ ଛୋଟ ମନିପ୍ଲାଣ୍ଟଟିଏ ରାଧାକୃଷ୍ଣ କିମ୍ବା ଗଣେଶ, ବୁଦ୍ଧଙ୍କର ମୂର୍ତ୍ତିଟିଏ ଯଦି ଅଛି ରଖିଦିଅନ୍ତୁ । ଏବେ ଦେଖନ୍ତୁ, କେତେ ଶାନ୍ତି ମନଲୋଭା ସେ ଦୃଶ୍ୟ ।
- ଘର ମଝିରେ ବଜାରରୁ ସୁନ୍ଦର ରଙ୍ଗିନ୍ ଗାଲିଚା, ଦରି କିଣି ଆଣି ପକାନ୍ତୁ । ଝୋଟ ତିଆରି ଦରିର ଚାହିଦା ଏବେ ଅଧିକ ।
- ଘରର ରଙ୍ଗକୁ ମେଳ ହେଉଥିବା ଭଳି କୁଶନ୍ କଭର ଲଗାଇ ପାରିବେ । ଖୁବ୍ ସୁନ୍ଦର ଟେବୁଲ ତଥା ସୋଫା ରନର ବି ମିଳୁଛି । ଏହାକୁ ବ୍ୟବହାର କରାଯାଇପାରିବ ।
- ଘରେ ହାଲ୍‌କା ଟେବୁଲ ଲାଇଟ ବା ସିଲିଂ ଲାଇଟ୍ ଲଗାନ୍ତୁ । ନିଜ ପସନ୍ଦର ଭଜନ କିମ୍ବା ପୁରୁଣା ଗୀତ ହାଲ୍‌କା ଶବ୍ଦ ଦେଇ ବଜାନ୍ତୁ । ଦେଖିବେ, 'ଘର ହିଁ ମୋର ସ୍ୱର୍ଗ' ନକହି କେହି ରହିପାରିବେ ନାହିଁ ।

## ଚାହିଦାରେ ଧଳା ମେହେନ୍ଦି



ବାହାଘର ବେଳେ କନ୍ୟା ହାତରେ ମେହେନ୍ଦି ନଲାଗିଲେ ସୁନ୍ଦର ଦିଶେନି । କେତେକ ପରିବାରରେ ମେହେନ୍ଦି ଲଗାଇବାର ପରମ୍ପରା ରହିଛି । ଏବେ ପାରମ୍ପରିକ ମେହେନ୍ଦି ବଦଳରେ ଧଳା ମେହେନ୍ଦିର ଚାହିଦା ବଢ଼ିଛି । ଧଳା ମେହେନ୍ଦିରେ ପୋର୍ଟ୍ରେଟ ଷ୍ଟାଇଲ୍, ଆରବିୟାନ, ମୋଟିଫ ଆଦି ଡିଜାଇନ୍ ଆଙ୍କି ହେବ । ଏହା ଏବକାର କନ୍ୟାମାନଙ୍କୁ ପାରମ୍ପାରିକ ବେଶରୁ ଆଣି ଏକ ଅଲଗା ଲୁକ୍ ଦେଇପାରୁଛି ।



## କିପରି ହୁଏ ଘୂର୍ଣ୍ଣିବାତ୍ୟା



ଏହା ଏକ ବିରାଟ ଆକାରର ବାୟୁପିଣ୍ଡ, ଯାହା ଶକ୍ତିଶାଳୀ କେନ୍ଦ୍ରୀୟ ବାୟୁମଣ୍ଡଳୀୟ ନିମ୍ନଚାପ ଚତୁର୍ଦ୍ଦିଗରେ ଘୂରିବୁଲେ । ଘୂର୍ଣ୍ଣିବାତ୍ୟାରେ ଏକ ନିମ୍ନଚାପ ବିଶିଷ୍ଟ କ୍ଷେତ୍ର ଚାରିପାଖରେ ଅନ୍ତଃଗାମୀ କୁଣ୍ଡଳାକାର ପବନ ଘୂରିବୁଲେ । ସବୁଠାରୁ ବଡ଼

ନିମ୍‌ଚାପ ସିଷ୍ଟମକୁ ପାଲୋର ଭର୍ଟେକ୍ସ ଓ ସବୁଠାରୁ ବଡ଼ ସିନୋପ୍ଟିକ୍ ସ୍କେଲ୍‌କୁ ଏକ୍ସଟ୍ରାଟ୍ରପିକାଲ୍ ଘୂର୍ଣ୍ଣିବାତ୍ୟା କୁଆଯାଏ । ମଙ୍ଗଳ, ବୃହସ୍ପତି ଓ ନେପ୍‌ଚୁନ ଭଳି ଗ୍ରହମାନଙ୍କରେ ମଧ୍ୟ ଘୂର୍ଣ୍ଣିବାତ୍ୟା ସାଇକ୍ଲୋଜେନେସିସ୍ କୁହାଯାଏ । ବିଭିନ୍ନ ଜୋନ୍ ସଙ୍କୁଚିତ ହୋଇ ଏକ ସମ୍ମୁଖଭାଗ ପ୍ରସ୍ତୁତି ଓ ଉତ୍କଟ ହେବାର ପ୍ରଣାଳୀକୁ ସାଇକ୍ଲୋଜେନେସିସ୍ କୁହାଯାଏ । ବିଭିନ୍ନ ଜୋନ୍ ସଙ୍କୁଚିତ ହୋଇ ଏକ ସମ୍ମୁଖଭାଗ ପ୍ରସ୍ତୁତ ହୁଏ । ଏହାପରେ ଏକ୍ସଟ୍ରାଟ୍ରପିକାଲ ସାଇକ୍ଲୋନ୍‌ର ଥଣ୍ଡା ପବନ ଉଷ୍ମ ବାତ୍ୟା ଜୀବନଚକ୍ର ବନ୍ଦ ହୋଇ ଘନତ୍ୱ ବୃଦ୍ଧି ପାଏ । ଏକ ଘୂର୍ଣ୍ଣିବାତ୍ୟାର ଜୀବନର ଜୀବନଚକ୍ର ସାଧାରଣତଃ ୨ରୁ ୬ ଦିନ ହୋଇଥାଏ ।

ପାଗର ସମ୍ମୁଖଭାଗ ଦୁଇ ଭିନ୍ନ ଭିନ୍ନ ଉତ୍ତାପ, ଆର୍ଦ୍ରତା ଓ ଘନତ୍ୱ ବିଶିଷ୍ଟ ବାୟୁପିଣ୍ଡ ମଧ୍ୟରେ ଏକ ସୀମା ନିର୍ଦ୍ଧାରଣ କରିଥାଏ । ସମ୍ମୁଖଭାଗ ଥଣ୍ଡାଥାଏ ଓ ତା'ପର ଭାଗରେ ଘଡ଼ଘଡ଼ି ବିଜୁଳି ସହିତ ସାଂଘାତିକ ପାଣିପାଗ ଅଣଓସାରିଆ ମଣ୍ଡଳୀ ଥାଏ । କିନ୍ତୁ ବେଳେ ବେଳେ ଶୁଷ୍କଧାଡ଼ି ଦେଖାଯାଏ । ଏହିଭଳି ସମ୍ମୁଖ ଭାଗ ସାଧାରଣତଃ କେନ୍ଦ୍ରର ପଶ୍ଚିମ ପାର୍ଶ୍ୱରେ ଥାଏ । ଯାହା ପୂର୍ବରୁ ଗତି କରୁଥାଏ । ପୂର୍ବଭାଗରେ ଏଥି ପୂର୍ବରୁ ଅବକ୍ଷେପଣ ଓ କୁହୁଡ଼ି ଦେଖାଯାଇପାରେ । ଉଷ୍ମ ସମ୍ମୁଖ ଭାଗ ଘୂର୍ଣ୍ଣିବାତ୍ୟାର ଆଗେ ଆଗେ ଚଳନ ହୁଏ ।

ଗ୍ରୀଷ୍ମମଣ୍ଡଳୀୟ ସାଇକ୍ଲୋଜେନେସିସ୍‌ରେ ଟ୍ରିପିକାଲ୍ ଘୂର୍ଣ୍ଣିବାତ୍ୟାର ବର୍ଣ୍ଣନା ଦେଖିବାକୁ ମିଳେ । ଘଡ଼ଘଡ଼ି ପ୍ରକ୍ରିୟାରୁ ଜାତ ଲେଟେଣ୍ଟ ଚାପ ଯୋଗୁଁ ଗ୍ରୀଷ୍ମମଣ୍ଡଳୀୟ ଘୂର୍ଣ୍ଣିବାତ୍ୟା ସୃଷ୍ଟିହୁଏ । ଯାହାର କେନ୍ଦ୍ରସ୍ଥଳ ଉଷ୍ମ ଥାଏ । ଟ୍ରପିକାଲ୍, ଏକ୍ସଟ୍ରାଟ୍ରିପିକାଲ୍ ଓ ସବ୍‌ଟ୍ରିପିକାଲ ମଧ୍ୟରେ ଘୂର୍ଣ୍ଣିବାତ୍ୟାର ପ୍ରକାର ବଦଳିପାରେ । ମେସୋସାଇକ୍ଲୋନ୍‌ରେ ଉଷ୍ମ କେନ୍ଦ୍ର ଥାଏ । ଯାହା ଟର୍ନାଡ଼ୋରେ ପରିବର୍ତ୍ତିତ ହୋଇଥାଏ । ମେସୋସାଇକ୍ଲୋନରୁ ୱାଟର୍‌ସ୍ପାଉଟ ଜାତ ହୋଇପାରେ । କିନ୍ତୁ ଅଧିକାଂଶ ସମୟରେ ନିମ୍ନ ଭର୍ଟିକାଲ ଉଇଣ୍ଡ୍ ସିଅର ଯୋଗୁଁ ଏହାହୁଏ । ଆଟ୍‌ଲାଣ୍ଟିକ୍ ଓ ଉତ୍ତରପୂର୍ବ ପ୍ରଶାନ୍ତ ମହାସାଗରୀୟ ଇଲାକାରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଟାଇଫୁନ୍ କୁହାଯାଏ । ଏହି ବୃଦ୍ଧି ଓ ଅସ୍ଥିରତାର ପ୍ରଭାବ ବ୍ୟାପକ ନୁହେଁ । ଉଦାହରଣସ୍ୱରୂପ ଆକାର, ଘନତ୍ୱ, ଆର୍ଦ୍ରତା ଚଳନ, ପୃଷ୍ଠଭାଗ ବାଷ୍ପୀକରଣ ଓ ବିଭିନ୍ନ ଉଚ୍ଚତାରେ ସାମ୍ଭାବ୍ୟ ଚାପ ପରିବର୍ତ୍ତନ ଯୋଗୁଁ ଭର୍ଟେକ୍ସରେ ପରିବର୍ତ୍ତନ ହୁଏ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଉଚ୍ଚ ରକ୍ତଚାପ ଭୋଗୁଥିବା ଲୋକେ ନିୟମିତ ଔଷଧ ସହ ଫୋଲିକ୍ ଏସିଡ୍ ବଟିକା ଖାଇଲେ, ହୃଦ୍‌ଘାତ ଭୋଗିବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୨୧ ପ୍ରତିଶତ କମ୍ । ରକ୍ତରେ ହୋମୋସିଷ୍ଟିନ୍‌ର ଆଧିକ୍ୟ ଦ୍ୱାରା ଧମନିରେ ରକ୍ତ ପ୍ରବାହ ବାଧାପ୍ରାପ୍ତ ହୁଏ । ଫୋଲିକ୍ ଏସିଡ୍, ରକ୍ତରେ ହୋମୋସିଷ୍ଟିନ୍ ସ୍ତର ନିୟନ୍ତ୍ରଣରେ ରଖେ । ଆମ ଦେଶରେ ଅନେକ ଫୋଲିକ୍ ଏସିଡ୍ ଅଭାବ ଭୋଗୁଛନ୍ତି । ଏ ବାବଦରେ ସମସ୍ତେ ସଚେତନ ହେବା ଉଚିତ । ଏହା ପ୍ରାକୃତିକ ଭାବେ ଗାଢ଼ ସବୁଜ ରଙ୍ଗର ମୋଟା ପତ୍ର ଥିବା ପନିପରିବା, ବିନ୍‌ସ, ଡାଲି ଜାତୀୟ ଶସ୍ୟ, ଫଳମୂଳ ଓ ନଟ୍‌ସରୁ




ମିଳେ । 'ଜର୍ନାଲ୍ ଅଫ୍ ଦ ଆମେରିକାନ୍ ମେଡିକାଲ୍ ଆସୋସିଏସନ୍'ରେ ଏହା ଉପରେ ଏକ ଅଧ୍ୟୟନମୂଳକ ରିପୋର୍ଟ ପ୍ରକାଶ ପାଇଛି ।




## କରୋନାରେ ନୂଆ ମୁହଁ ସମସ୍ୟା ମାସ୍କନେ

କରୋନା ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ମାସ୍କ ପିନ୍ଧିବା ଜରୁରୀ ହୋଇପଡ଼ିଛି । ତେବେ ବହୁ ସମୟ ଧରି ଏହାକୁ ପିନ୍ଧା ଯାଉଥିବାରୁ ଏହା ମୁହଁର କୋମଳ ତ୍ୱଚା ପ୍ରତି କ୍ଷତିକାରକ ହେଉଛି ମୁହଁର ତ୍ୱଚାରେ ଦାଗ ପଡ଼ିଯିବା, କଟିଯିବା, ତ୍ୱଚା ଜଳାଯୋଡ଼ା ହେବା ଆଦି ସହିତ ବ୍ରଣ ସମସ୍ୟା ବି ବଢ଼ିଲାଣି । ମାସ୍କ ଯୋଗୁ ହେଉଥିବା ଏହି ସମସ୍ୟାର ନାମ ଦିଆଯାଇଛି 'ମାସ୍କନେ' । କରୋନା ମହାମାରୀରେ କ୍ୱାରେଣ୍ଟାଇନ୍, ଆଇସୋଲେସନ୍, ହଟ୍ ସ୍ପଟ, ସୋସିଆଲ ଡିଷ୍ଟାନ୍‌ସ, ଆଦି ବିଭିନ୍ନ ଶବ୍ଦ ନୂଆ କରି ଜୀବନଶୈଳୀ ସହ ଯୋଡ଼ି ହୋଇଯାଇଥିବା ବେଳେ ଏବେ ଏହି ତାଲିକାରେ 'ମାସ୍କନେ' ସାମିଲ ହୋଇଛି ।

ଏହି ସମସ୍ୟାରୁ ମୁକ୍ତି ପାଇବା ଲାଗି ନ୍ୟୁୟର୍କର କ୍ଲିନିକାଲ ଡର୍ମାଟେଲୋଜିଷ୍ଟ ଡା କିରଣ ସେଠୀ କେତେକ ପରାମର୍ଶ ଦେଇଛନ୍ତି । ସାଲିସିଲିକ୍ ଏସିଡ ଥିବା ଫେସ୍‌ୱାଶ୍ ବ୍ୟବହାର କଲେ ମାସ୍କନେ ଏବଂ ବ୍ରଣ ସମସ୍ୟାରୁ କିଛି ପରିମାଣରେର ମୁକ୍ତି ମିଳିପାରିବ ବୋଲି ସେ କହିଛନ୍ତି । ଏହାଦ୍ୱାରା ତ୍ୱଚାର ତେଲିଆ ଅଂଶ କମିଯିବ । ଝାଳ ବୋହିବା ମାତ୍ରେ ତାକୁ ପୋଛିବା ଏବଂ ପେଟ୍ରୋଲିୟମ ଜେଲି ତଥା ଭେସ୍‌ଲିନ୍ ବ୍ୟବହାର କଲେ ତ୍ୱଚାରେ ମାସ୍କ ଯୋଗୁ ବିଶେଷ ଦାଗ କି କ୍ଷତ ହେବନାହିଁ । ଶତପ୍ରତିଶତ ସୂତା କପଡ଼ାର ମାସ୍କ ପିନ୍ଧିବା, ଏହାକୁ ସବୁବେଳେ ସଫା ରଖିବା, ଗରମ ପାଣିରେ ପୁଃନବ୍ୟବହାର ଯୋଗ୍ୟ ମାସ୍କ ଧୋଇବା ତଥା ଯେଉଁ ମାସ୍କ ଅଧିକ ଝାଳ ବାହାରୁଥିବ ତାହା ନପିନ୍ଧିବାକୁ ଡା.ସେଠୀ କହିଛନ୍ତି ।

ଯଦି ମାସ୍କନେ ସମସ୍ୟା ହୁଏ, ତେବେ କ୍ଷତରେ ମେଡିକେଟେଡ୍ କ୍ରିମ୍ ବ୍ୟବହାର କରିପାରିବେ । ଅଧିକ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ସେ କହିଥିବା କ୍ରିମ୍ ବ୍ୟବହାର କରନ୍ତୁ । ମାସ୍କ ପିନ୍ଧିବାର ହେଲେ ମୁହଁରେ ଆଦୌ ମେକ୍‌ଅପ ନକରିବା ଉଚିତ । କେବଳ କନ୍‌ସିଲର ଲଗାଇପାରିବେ, ଦାଗ ଓ କୁଞ୍ଚନ ଥିବା ସ୍ଥାନରେ କ୍ରିମ୍ ଲଗାଇହେବ । ତ୍ୱଚାକୁ ଯେତେ ଖୋଲା ରଖିବେ, ଭଲ ।

**ମେକ୍‌ଅପରୁ ମୁକ୍ତ ହୁଅନ୍ତୁ:**

ମାସ୍କ ପିନ୍ଧାଯାଉଥିବାରୁ ଅଧିକ ପ୍ରସାଧନ ସମଗ୍ରୀ ବ୍ୟବହାର ଆବଶ୍ୟକ ନୁହେଁ । ମାସ୍କ ଏବଂ ତ୍ୱଚାର ଘର୍ଷଣ କମାଇବା ଲାଗି ମଏଶ୍ଚରାଇଜର ବ୍ୟବହାର



କରିପାରିବେ । ଏସିଡ କିମ୍ବା ରେଟିନଲ୍‌ସଯୁକ୍ତ ଉତ୍ପାଦ ବ୍ୟବହାର ନକରିବା ଉଚିତ । ଯଦି ଭିଡିଓ କଲ୍ ପାଇଁ ମେକ୍‌ଅପ କରୁଛନ୍ତି, ତେବେ ବାହାରକୁ ଯିବା ପୂର୍ବରୁ ଏହାକୁ ସଫା କରିଦିଅନ୍ତୁ । ମେକ୍‌ଅପ ଅଭ୍ୟାସ ଛାଡ଼ିବା କିମ୍ବା କମ୍ କରିବା ଲାଗି ଏହା ସଠିକ୍ ସମୟ । ଅଧିକ ମେକ୍‌ଅପ ନନେଇ ସନ୍‌ସ୍କ୍ରିନ୍ ଲୋସନ୍ ତଥା ମଏଶ୍ଚରାଇଜର ବ୍ୟବହାର କରିପାରିବେ । ମାସ୍କ ପିନ୍ଧିଥିବା ବେଳେ ଭିତରେ ଝାଳ ବୋହିଲେ ନରମ କ୍ଲିନରରେ ସଫା କରନ୍ତୁ ।

ହାଇପରପିଗ୍‌ମେଣ୍ଟସନ୍ ସମସ୍ୟା ଥିଲେ ଘର ଭିତରେ ବି ସନ୍‌ସ୍କ୍ରିନ୍ ଲୋସନ ବ୍ୟବହାର କରନ୍ତୁ । ମୁହଁ ଅତ୍ୟଧିକ କୁଣ୍ଡାଇ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ଉଦ୍‌ବେଗ, ସ୍ୱାସ୍ଥ୍ୟକର ଖାଦ୍ୟ ନଖାଇବା, ଚକୋଲେଟ୍, ଗ୍ଲାଇସେମିକ୍ ଫଳ, ଅତ୍ୟଧିକ ଦୁଗ୍ଧଜାତ ଖାଦ୍ୟ ଖାଇବା ମଧ ବ୍ରଣର କାରଣ ହୋଇପାରେ । ତେଣୁ ବ୍ରଣ ହେଲେ ଏସବୁ ପ୍ରତି ବିଶେଷଦୃଷ୍ଟି ଦିଅନ୍ତୁ । ବ୍ରଣ ହେବାଠାରୁ କରୋନା ସମସ୍ୟ ଅଧିକ ଭୟଙ୍କର । ତେଣୁ ଏହା ପିନ୍ଧିବା ଜରୁରୀ । କ୍ରମାଗତ ଭାବେ ମାସ୍କ ପିନ୍ଧି କାମ କରୁଥିବା ଆଗଧାଡ଼ିର କରୋନା ଯୋଦ୍ଧା ତଥା ସମ୍ବେଦନଶୀଳ ତ୍ୱଚା ଥିବା ବ୍ୟକ୍ତିଙ୍କ ପାଇଁ ମାସ୍କ ପିନ୍ଧିବା ବିଶେଷ ସମସ୍ୟା କରିଥାଏ । ମେକ୍‌ଅପ ନେବା ପରେ ତ୍ୱଚାର ରନ୍ଧ୍ର ବନ୍ଦ ହୋଇଯାଉଥିବାରୁ ଏହା ଉପରେ ମାସ୍କ ପିନ୍ଧିଲେ ବ୍ରଣ ହେବା ପରି ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ । ମାସ୍କ ପିନ୍ଧିଲେ ମେକ୍‌ଅପ ନିଅନ୍ତୁ ନାହିଁ କି ବାରମ୍ବାର ନିଜ ମୁହଁକୁ ଛୁଅନ୍ତୁ ନାହିଁ ।

## ସେଦିନର ବଲିଉଡ୍: ଜନି ମେରା ନାମ




୧୯୭୦ରେ ମୁକ୍ତିଲାଭ କରିଥିଲା ଗୁଲଶନ ରାୟ ପ୍ରଯୋଜିତ ଏବଂ ବିଜୟ ଆନନ୍ଦ ନିର୍ଦ୍ଦେଶିତ 'ଜନି ମେରା ନାମ' । ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଦେବ ଆନନ୍ଦ, ହେମା ମାଲିନୀ, ପ୍ରାଣ, ପ୍ରେମନାଥ, ଜୀବନ ଓ ତିନିଟି ଭୂମିକାରେ ଆଏସ୍ ଜୌହର । ଫିଲ୍ମ ତଥା ଏହାର ସମସ୍ତ ଗୀତ ସୁପର-ହିଟ୍ ହୋଇଥିଲା । ସଂଗୀତ ନିର୍ଦ୍ଦେଶନା ଦେଇଥିଲେ କଲ୍ୟାଣଜୀ-ଆନନ୍ଦଜୀ ଯୋଡ଼ି । 'ଓ ମେରେ ରାଜା', 'ପଲ୍ ଭର୍ କେ ଲିୟେ କୋଈ ହମେ ପ୍ୟାର୍ କର୍ ଲେ, ଝୁଠା ହୀ ସହୀ', 'ଓ ବାବୁଲ ପ୍ୟାରେ', 'ନଫରତ କରନେ ୱାଲୋଁ କୋ', 'ହୁସନ କେ ଲାଖୋ ରଂଗ' ଆଦି ଗୀତଗୁଡ଼ିକ ଏବେ ବି ଅଭୁଲା । 'ପହଲେ ରାମ'।, ଦୂଜା ରାମ' ଓ 'ତୀଜା ରାମ' ଭୂମିକାରେ ଲୋକଙ୍କୁ ହସାଇଥିଲେ ଜୌହର ଏବଂ ପାଇଥିଲେ ଫିଲ୍ମଫେଆର୍ ପୁରସ୍କାର । ଫିଲ୍ମଟି ପରେ ତେଲୁଗୁ, କନ୍ନଡ଼ ଓ ତମିଳ ଭାଷାରେ ପୁନଃ ନିର୍ମିତ ହୋଇଥିଲା । ରିମେକ୍‌ଗୁଡ଼ିକ ମଧ୍ୟ ବିପୁଳ ଲୋକପ୍ରିୟତା ହାସଲ କରିଥିଲା ।

## ରାକୁଲଙ୍କ ମନୋକ୍ରୋମ୍ ଫଟୋ ଭାଇରାଲ୍

ଅନଲକ୍-୧ର ଏହି ପର୍ଯ୍ୟାୟରେ ଅଭିନେତ୍ରୀ ରାକୁଲପ୍ରୀତ ସିଂହ ଦିଲ୍ଲୀରେ ତାଙ୍କ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି । ତେବେ ଏହି ସମୟରେ ନିଜର ସବୁ ଗତିବିଧି ବିଷୟରେ ପ୍ରଶଂସକମାନଙ୍କୁ ଅପ୍‌ଡେଟ୍ ଦେବାକୁ ସେ ଭୁଲୁନାହାନ୍ତି । ଆଜି ରାକୁଲ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ନିଜର ଏକ ମନୋକ୍ରୋମ୍ ଫଟୋ ପୋଷ୍ଟ କରିଛନ୍ତି । ଫଟୋରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିବାବେଳେ ସୂର୍ଯ୍ୟକିରଣ ତାଙ୍କର ପ୍ରିୟ ଗହଣା ବୋଲି କ୍ୟାପସନ୍‌ରେ ଲେଖିଛନ୍ତି । ପୋଷ୍ଟ ହେବା ପରଠାରୁ ଫଟୋଟି ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ଏପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଲୋକ ତାକୁ ଦେଖିସାରିଲେଣି । ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ରାକୁଲ୍‌ଙ୍କୁ ଆଗକୁ 'ଆଟାକ୍'ରେ ଦେଖିବାକୁ ମିଳିବ । ସେଥିରେ ତାଙ୍କ ସହିତ ଜନ୍ ଆବ୍ରାହମ୍ ଏବଂ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ବି ନଜର ଆସିବେ । ଅର୍ଜ୍ଜୁନ କପୁରଙ୍କ ସହିତ ଏକ ରୋମାଣ୍ଟିକ୍ କମେଡି ଫିଲ୍ମରେ ମଧ୍ୟ ସେ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଛି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଜୁଲାଇ ୨୦୨୦, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶୃଙ୍ଖଳାର ବାର୍ତ୍ତା...

କୋଟି କୋଟି ଓଡ଼ିଆ ପ୍ରାଣର ସ୍ପନ୍ଦର ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ସମ୍ପନ୍ନ ହୋଇଛି । ଚଳିତ ବର୍ଷର ରଥଯାତ୍ରା ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ଓ ଅନନ୍ୟ । ଇତିହାସରେ ସ୍ୱତଃ ଲେଖାହୋଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ସୃଷ୍ଟି କରିଛି ଏକ ବିରଳ ଦୃଷ୍ଟାନ୍ତ । ଭାବ-ଭକ୍ତି-ଆବେଗ-ଉତ୍କଣ୍ଠା-ଭୟ-ଆହ୍ୱାନ-ସାହସ ବିଜଡ଼ିତ ଚଳିତ ବର୍ଷର ରଥଯାତ୍ରା ଏଭଳି ଏକ ସମୟରେ ଶାନ୍ତି-ଶୃଙ୍ଖଳା-ସଂଯମ ସହିତ ସମାପନ ହୋଇଛି ଯେତେବେଳେ ସମଗ୍ର ବିଶ୍ୱବାସୀ କୋଭିଡ୍ ମହାମାରୀର ଆତଙ୍କରେ ତ୍ରସ୍ତ; ଆତଙ୍କିତ ଓ ଅସ୍ଥିର । ଆଇନ-କାନୁନ-କଟକଣାର ଲକ୍ଷ୍ମଣରେଖା ମଧ୍ୟରେ ଏବଂ ଆଶା-ନିରାଶା, ନିଶ୍ଚିତ-ଅନିଶ୍ଚିତ, ଆସ୍ତି-ନାସ୍ତିର ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ରହି ପରୀକ୍ଷା ଦେବାର ଯେଉଁ କଠିନ ଆହ୍ୱାନ ସୃଷ୍ଟି ହୋଇଥିଲା ସେଥିରେ ଓଡ଼ିଶାବାସୀ ଯେ ସଫଳ ହୋଇଛନ୍ତି ତାହାର ସର୍ବଶ୍ରେଷ୍ଠ ପ୍ରମାଣ ଓ ପ୍ରତୀକ ହେଉଛି ଇଚ୍ଛାମୟ ଓ ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା । ତେଣୁ ଏହା ନିର୍ଦ୍ୱନ୍ଦରେ ବିଜୟ ବାହୁଡ଼ା । ଏହି ବିଜୟ ହେଉଛି ସ୍ୱୟଂ ମହାପ୍ରଭୁଙ୍କର, କିନ୍ତୁ ସେ ତ ସକଳ ବ୍ରହ୍ମାଣ୍ଡର କର୍ତ୍ତା । ତେଣୁ ତାଙ୍କର ପୁଣି ଜୟ-ପରାଜୟ କ'ଣ ? ଯେତେବେଳେ ଓଡ଼ିଆମାନଙ୍କର ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ଉଠିଛି ସେତେବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ଭାଇ ବଳଭଦ୍ରଙ୍କ ସହିତ ଧଳାଘୋଡ଼ା କଳାଘୋଡ଼ା ଚଢ଼ି ସ୍ୱୟଂ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇଛନ୍ତି । କାଞ୍ଚି ଅଭିଯାନ ଏହାର ସାକ୍ଷୀ । କାଞ୍ଚି ବିଜୟକୁ ଯଦି ଗଜପତି ପୁରୁଷୋତ୍ତମଦେବ ମହାପ୍ରଭୁଙ୍କ ବିଜୟ ବୋଲି ଘୋଷଣା କରିପାରିଲେ ତେବେ ଆଜିର ବିଜୟ ବାହୁଡ଼ାକୁ ମହାପ୍ରଭୁଙ୍କୁ ସମର୍ପଣ କରା ନଯିବ ବା କାହିଁକି ? ଆଜିର ଏହି ସମ୍ମାନର ପ୍ରଶ୍ନ ବିଜଡ଼ିତ ମହାସଂଗ୍ରାମରେ କୋଟି କୋଟି ଓଡ଼ିଆଙ୍କ ବିଜୟମଣ୍ଡିତ କରିବା ପାଇଁ ସ୍ୱୟଂ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇ ନଥିବେ ବା କାହିଁକି ? ଏ ବିଜୟ ହେଉଛି ଆସ୍ଥା ଓ ବିଶ୍ୱାସର, ଯାହା ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ଶ୍ରୀଦିବ୍ୟସିଂହ ଦେବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଗରେ ଉପସ୍ଥାପନା କରଥିଲେ । ଏ ବିଜୟ ହେଉଛି ଶୃଙ୍ଖଳା ଓ ସଂଯମର, ଯାହା ଶ୍ରୀକ୍ଷେତ୍ରବାସୀ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ଏ ବିଜୟ ହେଉଛି କର୍ତ୍ତବ୍ୟ ଓ ନିଷ୍ଠାର, ଯାହା ପୁଲିସ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ନିର୍ବାହ କରିଥିଲେ । ସର୍ବୋପରି ଏ ବିଜୟ ହେଉଛି ସେବା ଓ ସମର୍ପିତ ଭାବନାର, ଯାହା ମହାପ୍ରଭୁଙ୍କ ସେବକମାନଙ୍କ ଭାବ, ଭକ୍ତି ଓ କର୍ତ୍ତବ୍ୟରେ ପ୍ରତିଫଳିତ ହୋଇଛି । ସେମାନେ ବିଶ୍ୱବାସୀଙ୍କ ଆଗରେ ପ୍ରମାଣିତ କରିଦେଇଛନ୍ତି ସ୍ୱାର୍ଥପରତା ନୁହେଁ, ସେବାପରାୟଣତା ହିଁ ଜୀବନର ମନ୍ତ୍ର ଓ ସଂକଳ୍ପ । ଶେଷ ମୁହୂର୍ତ୍ତରେ ରଥଯାତ୍ରାର ସମ୍ଭାବନା ଆଇନକାନୁନର କଟକଣା ଓ କୋର୍ଟକଚେରିର କାଠଗଡ଼ା ଲଂଘି ଯେଭଳି ଭାବରେ ଓ ଯେଉଁ ପରିସ୍ଥିତିରେ ସାକାର ହେଲା, ସେଥିରୁ ପ୍ରମାଣିତ ହେଲା ଯେ ଚଳିତ ବର୍ଷର ଘୋଷଯାତ୍ରା ଭୟ ଓ କାପୁରୁଷତା ଉପରେ ସାହସର ବିଜୟ । ଅନିଶ୍ଚିତତା ଉପରେ ସକାରାତ୍ମକ ଭାବନାର ବିଜୟ ଏବଂ ତର୍କ ଉପରେ ଭକ୍ତିର ବିଜୟ । ବାହୁଡ଼ା ବିଜୟ ସହିତ ବିଶ୍ୱ ଦରବାରରେ ପୁଣି ଥରେ ପ୍ରମାଣିତ ହୋଇଗଲା ଯେ 'କଳିଙ୍ଗାଃ ସାହାସିକାଃ' । ଦିନେ ଜଣେ ଅଣ ହିନ୍ଦୁ ଭକ୍ତର ଡାକରେ ପ୍ରଭୁଙ୍କ ରଥା ବଡ଼ଦାଣ୍ଡରେ ଅଟକି ଯାଇଥିଲା । ଏବେ ଆଉ ଜଣେ ଅଣ ହିନ୍ଦୁ ଭକ୍ତର ଉଦ୍ୟମରେ ବଡ଼ଦାଣ୍ଡରେ ରଥ ଚଳଚଞ୍ଚଳ ହେଲା । ଗୁଣ୍ଡିଚି ମୂଷାର ଅବଦାନ ହେଉ ପଛକେ ରଥଯାତ୍ରା ସପକ୍ଷବାଦୀ ନ୍ୟାୟିକ ସଂଗ୍ରାମରେ ନୟାଗଡ଼ ନିବାସୀ ଜନୈକ ଅଣ ହିନ୍ଦୁ ଭକ୍ତଙ୍କ ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ । ତେଣୁ କହିବାର ଆଦୌ ଦ୍ୱିଧା ରହିବା ଅନୁଚିତ ଯେ ଏହି ବିଜୟ ଅସୂୟା ଉପରେ ଭାତୃତ୍ୱର ବିଜୟ ଦ୍ୱେଷ ଉପରେ ପ୍ରେମ ବିଜୟ ସାମ୍ପ୍ରଦାୟିକତା ଉପରେ ଏକେଶ୍ୱରବାଦର ବିଜୟ । ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିବାର କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱ ଏବଂ ତାଙ୍କର ପରିବାରର ସଦସ୍ୟ କେବଳ ହିନ୍ଦୁ ନୁହନ୍ତି, ତାହା ପୁଣି ପ୍ରମାଣିତ ହୋଇଗଲା । ବାହୁଡ଼ା ବିଜୟ କରୋନା ବିରୋଧୀ ମହାସଂଗ୍ରାମରେ ବିଶ୍ୱବାସୀଙ୍କ ପାଇଁ ପ୍ରେରଣାର ନବଉନ୍ମାଦନା ସୃଷ୍ଟି କରୁ । ମାନବିକତାର ଆଦର୍ଶ ଅକ୍ଷୁର୍ଣ୍ଣ ରହୁ । ବିଶ୍ୱରେ ଶାନ୍ତିର ସନ୍ଦେଶ ବିତରିତ ହେଉ ।




### ଜୀବନ ଚକ

ଶାନ୍ତିଲତା ପଲାଇ

ସଞ୍ଜ ଥିଲେ ସକାଳ
ଦିନ ଥିଲେ ରାତି,
କଳା ଥିଲେ ଧଳା
ଆଦି ଥିଲେ ଇତି,
ମିଳନ ପରେ ବିଚ୍ଛେଦ
ଆନନ୍ଦ ପରେ ବିଷାଦ,
ସଂସାରର ଗତାନୁଗତିକ ନିୟମ !
ଜୀବନର ଚକ ଗଡ଼ିଚାଲିଛି..

ଶିଶୁରୁ ବାଳକ
ବାଳକରୁ କିଶୋର,
କିଶୋରରୁ ଯୁବକ
ଯୁବକରୁ ପ୍ରୌଢ଼... ବୃଦ୍ଧ,
ଜୀବନର ଚିରନ୍ତନ ସତ୍ୟ ଅଧ୍ୟାୟ !
ଅନୁକୂଳ ବାତାବରଣ
ଆଣିଦିଏ ଶାନ୍ତି,
ପ୍ରତିକୂଳ ପର୍ଯ୍ୟାବରଣ
ଭରିଦିଏ ଅସୁମାରୀ ଦୁଃଖ !
ଦୀର୍ଘ ଜୀବନ ଘାଣ୍ଟି ହୁଏ
ବୟସ୍କଙ୍କ ସଂସାର ରେ,
ଆଉଟୁ ପାଉଟୁ ହେଲାପରି ଭୋକରେ,
ବସ୍ତୁ ଅଶାନ୍ତିରେ

ସଂସାର ସମସ୍ୟାର ବୋଝରେ !
ଅସ୍ତବ୍ୟସ୍ତ ହୋଇପଡ଼େ ସେ
ଜଂଜାଳ ଆଉ ଦାୟିତ୍ୱର ତାଡ଼ନାରେ !
ଧୀରେ ଧୀରେ ବଦଳିଯାଏ ଚେହେରା,
କିନ୍ତୁ ହଜିଯାଏନା ନିଜସ୍ୱ ମୌଳିକତା,
ସ୍ୱତନ୍ତ୍ର ଗାମ୍ଭିର୍ଯ୍ୟ ଆଉ ପରିପକ୍ୱତା
ଜାବୁଡ଼ି ଧରିଥାଏ ନିଜର ବ୍ୟକ୍ତିତ୍ୱ"
ଜୀବନର ସୂର୍ଯ୍ୟାସ୍ତରେ...

ଏକାଠି ହୋଇଥିବା
ବାଲିର ପାହାଡ଼ ପରି,
କିଛି ସୁଖ ଦୁଃଖ
କିଛି ଅଭୁଲା ସ୍ମୃତି
ମନେ ମନେ ତର୍ଜମା କରିଚାଲେ,
ସାଜେ... ନିଜେ ନିଜର
ଆଲୋଚକ, ପର୍ଯ୍ୟାଲୋଚକ
ବା ସମାଲୋଚକ !
ଜୀବନର ଖୋଲା ଖାତାରେ
ଲିପିବଦ୍ଧ କରି ରଖେ
କର୍ମକାଣ୍ଡର ସମୀକ୍ଷା
ଅମ୍ଳାନ ହେଉ ବା ମଳିନ.. !


+ ବାଙ୍ଗାଲୋର,
ମୋ: ୯୮୫୩୫୧୧୫୦୩


## ଶାନ୍ତ ମନର୍ ଅଶାନ୍ତ ବିଦ୍ରୋହ ! ବୌଦ୍ଧଧର୍ମ ପ୍ରତି ଘାତକତା !!

**ପଙ୍କଜ କୁମାର ପାଣିଗ୍ରାହୀ**

ଅବଚେତନର ଅବସାନରେ ମାନବିକତା ହରାଇ ବସିଥିବା ମଣିଷର
ଗନ୍ତବ୍ୟ ଲକ୍ଷକୁ ବୁଝିବା ଯେତିକି ଜଟିଳ,
ତାକୁ ଭେଦ କରିବା ମଧ ତାହାଠାରୁ କିଛି କମ ନୁହେଁ !
ବିଗ୍ରହଶୀଳ ନିର୍ଣ୍ଣାୟକ ଧାର୍ଯ୍ୟ କରାନଗଲେ ମଣିଷ ସମାଜର
ସାଧାରଣ ଜୀବନଯାତ୍ରା ବାଧିତ ହେବା ଅବଶ୍ୟମ୍ଭାବୀ !!

ବୌଦ୍ଧ ଧର୍ମର ଉତ୍ପତ୍ତି ସ୍ଥଳ, ଅଖଣ୍ଡ ଭାରତବର୍ଷରେ ତାହାର ଯେତିକି ମାନ୍ୟତା, ଜନାଦୃତତା ଅଛି ତାହାଠାରୁ ଆଶାତୀତ ଅଧିକ ଆମ ପଡୋଶୀ ରାଷ୍ଟ୍ର ଗୁଡିକରେ ଅଦ୍ୟାବଧି ଦେଖିବାକୁ ମିଳିବ। ମହାତ୍ମା ବୁଦ୍ଧଙ୍କର ନୀତି, ବାଣୀ ଏବଂ ମାନବିକ ଚାରିତ୍ରିକ ବିଶ୍ଲେଷଣ ଓ ଚର୍ଯ୍ୟା ଗୁଡିକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମେ ମଣିଷର ଜୀବନଚର୍ଯ୍ୟା, ଦ୍ୱିତୀୟରେ ମଣିଷ ଜୀବନର ରହସ୍ୟ ଉନ୍ମୋଚନ, ତୃତୀୟରେ ମାନବ ସମାଜ ପାଇଁ ଅବଦାନ ଏବଂ ଚତୁର୍ଥରେ ନିଜର ସୁରକ୍ଷା, ଏହିଭଳି ଚାରୋଟି ମୁଖ୍ୟ ବିଷୟ ଉପରେ ଆଧାରିତ ବୌଦ୍ଧଧର୍ମ । ଖ୍ରୀଷ୍ଟପୂର୍ବ ୬୦୦ ବର୍ଷ ତଳେ ଜନ୍ମଗ୍ରହଣ କରିଥିବା ଜଣେ ମଣିଷ ଏତେ ପ୍ରଗାଢ଼ ଅନ୍ତର୍ଜ୍ଞାନର ଅଧିକାରୀ ହୋଇ ପାରିଥିଲେଯେ ତାହା ପରବର୍ତ୍ତୀ ଏକବିଂଶ ଶତାବ୍ଦୀରେ ପାଦଦେଇ ସୁଦ୍ଧା ଗୋଟିଏ ମଣିଷ ତାଙ୍କରି ସମତୁଲ୍ୟ ହୋଇଥିବା ଦେଖିବାକୁ ମିଳୁନି ଅଦ୍ୟାବଧି ! ଅତି ଆଶ୍ଚର୍ଯ୍ୟର କଥାଯେ ଯେଉଁମାନେ ବୌଦ୍ଧଧର୍ମକୁ ଅନୁସରଣ କରି ନିଜର ଜୀବନଚର୍ଯ୍ୟାକୁ ରୂପାନ୍ତରିତ କରିପାରିଲେ ସେହି ମଣିଷ ଗୁଡିକ ଆଜି ପୃଥିବୀର ଗୋଟିଏ ଗୋଟିଏ ପ୍ରତିଭାବାନ ବିକଶିତ ରାଷ୍ଟ୍ର ଭଳି ଦେଖିବାକୁ ମିଳୁଛନ୍ତି, ଏହିକଥା କେହି ଅସ୍ୱୀକାର କରିପାରିବେ ନାହିଁ। ପୃଥିବୀର ସବୁ ମଣିଷଙ୍କ ଭାବଧାରା ସମାନ ନଥିବାବେଳେ ବୌଦ୍ଧ ଧର୍ମାବଲମ୍ବୀ ମଣିଷ ମାନଙ୍କର ଚାରିତ୍ରିକ ଏବଂ ମାନବିକ ମୂଲ୍ୟବୋଧ ଯଥେଷ୍ଟ ଉର୍ଦ୍ଧରେ ରହୁଥିବା ସ୍ୱୀକାର ଯୋଗ୍ୟ । କିନ୍ତୁ ପରିବେଶ, ପରିସ୍ଥିତି ଏବଂ ଜନ୍ମଗତ ଚାରିତ୍ରିକ ବିଗ୍ରହଧାରାକୁ ନେଇ କିଛି ବିପରୀତଧର୍ମୀ ମଣିଷ ବୌଦ୍ଧ ସମାଜରେ ରହିବା କୌଣସି ଆଶ୍ଚର୍ଯ୍ୟାନ୍ୱିତ କଥା ନୁହେଁ ! ସେହି ବିପରତିଧର୍ମୀ କିଛି ମଣିଷଙ୍କୁ ସମାଜର ଉର୍ଦ୍ଧସ୍ଥାନର କ୍ଷମତା ପ୍ରଦାନ କରାଯିବାରେ ସମଗ୍ର ପରିପାର୍ଶ୍ୱିକ ପରିସ୍ଥିତି, ଅବସ୍ଥିତି ବିପର୍ଜନକ ହେବା ଅନିବାର୍ଯ୍ୟ ! ଆଜିସମୟର କରାଳତା ଉପରେ ଆଧାରକରି ଜାଣିହେବ, ସେହି ବିପରୀତମୁଖୀ ମଣିଷର ଷଡ଼ଯନ୍ତ୍ରରେ କବଳିତ ସମଗ୍ର ବିଶ ସହିତ ଯୁଦ୍ଧର ଦୁର୍ଦ୍ଦିନ ପରବର୍ତ୍ତୀ କରାଳତାର ଅପେକ୍ଷାରେ ସାଧାରଣ ଜୀବନର ଗତି କେଉଁଆଡେ ବିଗ୍ରହକରି ଦେଖିବା.......!!

ହିନ୍ଦୁଧର୍ମର ଦଶାବତାର ମଧ୍ୟରୁ ବୌଦ୍ଧବତାର ଗୋଟିଏ ବୋଲି ବର୍ଣ୍ଣନା କରାଯାଇ ସ୍ଥାନ ଦିଆଯାଇଥିଲେ ମଧ ବୌଦ୍ଧପ୍ରାପ୍ତ ସ୍ଥାନ ଭାରତବର୍ଷରେ ତାଙ୍କର ମାନ୍ୟତା ସାଧାରଣ ଲୋକଙ୍କ ପାଖରେ କ୍ଷୀଣ ପଡ଼ିଯାଇଥିବା ସ୍ୱିକାରଯୋଗ୍ୟ । କିନ୍ତୁ ପ୍ରାୟତଃ ସବୁ ପଡୋଶୀ ରାଷ୍ଟ୍ର ଗୁଡିକ ବୌଦ୍ଧଧର୍ମ ତଥା ବୁଦ୍ଧଙ୍କ ପ୍ରତି ପ୍ରଗାଢ଼ ଅନୁରାଗ ରଖିଆସୁଛନ୍ତି । ସେମାନେ ବୁଦ୍ଧଙ୍କୁ ଭଗବାନ ବୋଲି ମାନୁଛନ୍ତି । ସେହି ଭଗବାନ ମାନ୍ୟତା ପାଇଥିବା ବୁଦ୍ଧ ଅବତାର ଶାନ୍ତିର ପ୍ରତୀକ ବୋଲି ବର୍ଣ୍ଣନା କରାଯାଏ । କିନ୍ତୁ ସେହି ଶାନ୍ତିର ପ୍ରତୀକ ବୁଦ୍ଧଙ୍କ ଭିତରେ ପ୍ରକାଣ୍ଡ ଆକ୍ରମଣ ରୋଧକ କ୍ଷମତା, ଶକ୍ତି ଥିଲା ଯାହା ସେ କେବେହେଲେ ବ୍ୟବହାର କରିନଥିଲେ ! ଭୟଙ୍କର ଜଙ୍ଗଲ ଭିତରେ ନିରୋଳା ଏକାକୀ ଧ୍ୟାନମଗ୍ନ ରହୁଥିବାବେଳେ ବନ୍ୟ ହିଂସ୍ର ଜନ୍ତୁଙ୍କ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସେ ସେମାନଙ୍କ ଆଚରଣବିଧି ଏବଂ ପ୍ରତିରକ୍ଷା କୌଶଳ ଗୁଡିକୁ ଅନୁକରଣ, ଅଭ୍ୟାସ କରି ଭିନ୍ନ ଭିନ୍ନ ଜନ୍ତୁ ମାନଙ୍କର ଆକ୍ରୋସର ଶିକାର ହେଲେ ସେମାନଙ୍କୁ ନମାରି କେବଳ ଭୟଭୀତ କରାଇ ଘଉଡାଉଥିଲେ ! ପରବର୍ତ୍ତୀ ସମୟରେ ନିଜ ଅନୁଭୂତିରୁ ସେହିସବୁ କୌଶଳ ଜ୍ଞାନ ଗୁଡିକ ଲିପିବଦ୍ଧ କରି ବିଭିନ୍ନ ସମୟରେ ମଣିଷ ମାନେ ନିଜକୁ କିଭଳି ସୁରକ୍ଷିତ ରହିବେ, ସେହି ଶିକ୍ଷା ଦେଉଥିଲେ। ଯାହା ଆଜି ଆମେ କରାଟେ, କୁଙ୍ଫୁ, ଜୁଡୋ ବୋଲି କହୁଛେ ସେସବୁର ଉଦ୍ଭାବକ ସ୍ୱୟଂ ବୁଦ୍ଧହିଁ ଅଟନ୍ତି ! କିନ୍ତୁ ଏତେଗୁଡିଏ ଶକ୍ତିର ଅଧିକାରୀ ହୋଇ ମଧ ସେ ନିଜକୁ କାହା ଆଗରେ ପ୍ରକାଶ ନକରି ବରଂ ପ୍ରେମ ବାଣ୍ଟି ସମାଜକୁ ଏକ କରିବାର ସ୍ୱପ୍ନ ଦେଖି ବୌଦ୍ଧଧର୍ମ ପ୍ରଚାରରେ ନିଜକୁ ପ୍ରେମ ଭିକ୍ଷୁକ ସଦୃଶ ଉପସ୍ଥାପନ କରୁଥିଲେ ! ଜଣେ ମହାରାଜା ନିଜକୁ ଭିକ୍ଷୁକ ରୂପରେ ସଜାଇ ଲୋକଙ୍କ ପ୍ରେମ ଭିକ୍ଷା କରି ବୁଲି ବୁଲି ଜଗତ ଉଦ୍ଧାର କରିବା ଲକ୍ଷ ରଖିଥିବା ବେଳେ ତାଙ୍କରି ଚେତନାରେ ଅନୁପ୍ରାଣିତ ଜଣେ ମଣିଷ ଆଜି ତାହାର ବିପରୀତ ଚିନ୍ତନ, ବୌଦ୍ଧ ଧର୍ମ ପ୍ରତି ଘାତକତା ବୋଲି କହିବା ଅଯୌକ୍ତିକ ନୁହେଁ !! ଅଖଣ୍ଡ କ୍ଷମତାର ଅଧିକାରୀ ବୁଦ୍ଧଙ୍କ ଶାନ୍ତ ମନରେ କେବେହେଲେ ଅଶାନ୍ତିର ବିଦ୍ରୋହ ସୃଷ୍ଟି କରିପାରିନଥିବା ବେଳେ ଜଣେ ବୌଦ୍ଧ ଧର୍ମୀ ତାଙ୍କର ବିପରୀତ ଚିନ୍ତା କରିବା, ବୁଦ୍ଧଙ୍କର ସେହି ମାନବବାଦୀ ଚିନ୍ତାଧାରା ପ୍ରତି କୁଠାରଘାତ ବୋଲି କୁହାଯିବ ଅଥବା ସେହି ମଣିଷକୁ ଜଣେ ଲାଳାୟିତ ପଶୁ ବୋଲି ବିବେଚନା କରାଯାଇପାରେ, ବିଗ୍ରହଯୋଗ୍ୟ !!

ବୌଦ୍ଧଧର୍ମ ଏକ ମାନାବାଦୀ ଧର୍ମ ଯାହା ମଣିଷକୁ ନିଜର ଜୀବନଚର୍ଯ୍ୟା ଶିକ୍ଷାଦେଇ ମଣିଷକୁ ମଣିଷ ଭଳି ଗଢିତୋଳିବା ଲକ୍ଷ ରଖିଥାଏ । କୌଣସି ଅଲୌକିକ ଶକ୍ତିକୁ ଅନ୍ଧ ବିଶ୍ୱାସ ନକରି କେବଳ ମଣିଷକୁ ନିଜର କର୍ତ୍ତବ୍ୟ ଅକର୍ତ୍ତବ୍ୟ ଶିକ୍ଷା ଦେଇଥାଏ ବୌଦ୍ଧ ଧର୍ମ । ଧ୍ୟାନ ମାଧମରେ ନିଗୂଢ଼ ମନୋନିବେଶ ମଣିଷର ଅନ୍ତର୍ଜ୍ଞାନ ଉଦୟକରେ ଯାହାଦ୍ୱାରା ମଣିଷ ନିଜ ଜୀବନର ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଥାଏ, ତାହାରି ଉପରେ ଗୁରୁତ୍ୱାରୋପ କରିଥାଏ ବୌଦ୍ଧଧର୍ମ । ମଣିଷ ଜୀବନର ନିର୍ଦ୍ଦିଷ୍ଟ ସମୟ ମଧରେ ତାହାର ଜୀବନଧାରଣ ପ୍ରକ୍ରିୟା ସମାପ୍ତି ପରବର୍ତ୍ତୀ ସମୟ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରି ଏକ ପ୍ରେମମୟ ମଣିଷ ସମାଜ ଗଠନ କରିବାର ଶିକ୍ଷା ଦେଇଥାଏ ବୌଦ୍ଧଧର୍ମ । ଶେଷରେ କୌଣସି ବିପତ୍ତି ଆସିଲେ ନିଜକୁ ସୁରକ୍ଷିତ ରଖିବା ଉଦେଶ୍ୟରେ ଯୋଗାଭ୍ୟାସ ଶିକ୍ଷା ଦେଉଥଏ ବୌଦ୍ଧଧର୍ମ । କିନ୍ତୁ କୌଣସି ସମୟରେ କାହାକୁ ଆଘାତ ନକରି ବରଂ ନିଜେ ଦୁଃଖ, କଷ୍ଟ ସହନ କରି ଅନ୍ୟକୁ ସାହାଯ୍ୟ କରିବା ବୌଦ୍ଧଧର୍ମର ମୂଳତତ୍ତ୍ୱ କହିଲେ ଅଯୁକ୍ତି ହେବନାହିଁ ! ଆଜିର ମଣିଷ କିନ୍ତୁ ସେସବୁକୁ ପଛରେ ପକାଇ ପୁଣି ସେହି ମାନବୀୟ ଚେତନାର ବିପରିତରେ କାର୍ଯ୍ୟ ନିର୍ବାହ କରୁଥିବା ଅୟନ୍ତ ପରିତାପର ବିଷୟ।

ବର୍ତ୍ତମାନର ପରିସ୍ଥିତିକୁ ସମୀକ୍ଷା କଲେ ଜଣାଯାଏ ଯେ ବୁଦ୍ଧଙ୍କର ସେହି ଚାରୋଟି ମୂଳ ଉପାଦାନ ମଧରୁ ଚତୁର୍ଥଟିକୁ ବିପରୀତ ବ୍ୟବହାର କରାଯାଇ ଅମାନୁଷିକ ଭାବେ ଯେଉଁଭଳି ପରିସ୍ଥିତି ସୃଷ୍ଟି କରାଯାଉଅଛି ସେଇଥିରେ ପ୍ରେମ ବଦଳରେ ହିଂସାର ବାତାବରଣ ଖେଳିଯାଇଅଛି, ଯାହାଦ୍ୱାରା ନିରୀହ ସାଧାରଣ ଲୋକଙ୍କ ମନରେ ଦ୍ୱେଷଭାବ ସୃଷ୍ଟିହୋଇ ଏକରକମ ଅପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି ! କୌଣସି ମଣିଷ ହଜାର ହଜାର ବର୍ଷ ବଞ୍ଚିରହିବାର କ୍ଷମତା ରଖିନଥାନ୍ତି ! ଅଧିକରୁ ଅଧିକ ଏକଶତ ବର୍ଷ ବଞ୍ଚିରହିବା ଅସମ୍ଭବ ହୋଇପଡିଛି ଆଜିର ବାତାବରଣରେ ! ସେତିକି ସମୟ ମଧରେ ଜଣେ ଯାହା କରିପାରେ ତାକୁ ଉପଭୋଗ କରି ଗଲିଗଲାପରେ ସେହି ମଣିଷ ପୁନର୍ବାର ସେହି ସ୍ଥାନରେ ସେସବୁ ଉପଭୋଗ କରିବାପାଇଁ କୌଣସି ପ୍ରାବଧାନ ରଖିନାହିଁ ପ୍ରକୃତି ଯିଏ ତାକୁ ଜନ୍ମଦେଇ ସଂସାରକୁ ପଠାଇଥାଏ ! କିନ୍ତୁ ମଣିଷର ସେହି କାର୍ଯ୍ୟକଳାପରେ ପ୍ରଭାବିତ ସାମାଜିକ ବ୍ୟବସ୍ଥାରେ ଯୁଗଯୁଗ ପାଇଁ ଦାଗ ହୋଇ ରହିଯାଇଥାଏ, ଯାହା କୋଟି କୋଟି ଭବିଷ୍ୟତ ପିଢିଙ୍କୁ ସବୁଦିନେ ଜାଳି ଜାଳି କ୍ଷୁର୍ଣ୍ଣ କରିବାରେ ସମର୍ଥନ ହୋଇଥାଏ ! ମଣିଷର ଅମାନୁଷିକ ଚିଂତନରୁ ଉଧୃତ ସେହି ରାକ୍ଷସ ପ୍ରକୃତି କେତେଯେ ଧନଜୀବନକୁ ପ୍ରଭାବିତ କରିପାରେ, ସେହି କେଳେଙ୍କାରୀ ଘାତକ ମଣିଷର ବୁଝିବା କ୍ଷମତା ବର୍ହିଭୁତ !! କ୍ଷମତାର ଅଭିବୃଦ୍ଧି ଲକ୍ଷ୍ୟରେ ଅମାନୁଷିକ ବର୍ବର କାଣ୍ଡ ଭିଆଇ କେବଳ ଧନ, ଜୀବନ କ୍ଷତି କରିବା ବ୍ୟତୀତ ଆଜି ସମୟରେ ଅନ୍ୟ କୌଣସି ଲାଭ ହେବନାହିଁ ବୋଲି ବିଗ୍ରହ ନଥିବା ସେହି ମଣିଷଙ୍କୁ ପଦଚ୍ୟୁତ କରାନଗଲେ ସମସ୍ୟା ପ୍ରଶମିତ ହେଲେ ମଧ ତାହାର କୁହୁଳା ଧୂଆଁ ସବୁବେଳେ ଅସ୍ଥିରତା ମଧରେ ରଖିବା ନିଶ୍ଚିତ ! ତେଣୁ ମଣିଷ ନିଜ ମନକୁ ଶାନ୍ତ କରି ରଖିପାରିଲେ ସେଇଥିରେ ଅଶାନ୍ତର ବିଦ୍ରୋହ ଶୃଷ୍ଟିନହୋଇ ଏକ ସୁନ୍ଦର ପ୍ରେମମୟ ମଣିଷ ସମାଜ ଗଠନ ହୋଇପାରିଥାନ୍ତା ଯାହା ବୁଦ୍ଧଙ୍କର ସ୍ୱପ୍ନ ଥିଲା ! କିନ୍ତୁ ପଥଭ୍ରଷ୍ଟ ମଣିଷ ଆଜି ତାହାର ବିପରୀତମୁଖୀ ହେଉଥିବାହେତୁ ସମଗ୍ର ବିଶ ଆତଙ୍କିତ ଦ୍ୱେଷ ଭରା ପରିବେଶ ପରିସ୍ଥିତିରେ ଉବୁଟୁବୁ ହେଉଥିବା ଦେବାକୁ ମିଳୁଛି ! ଠିକଣା ସମୟରେ ସାଧାରଣ ମଣିଷ ସମାଜ ତାହାର ଉପଯୁକ୍ତ ଜବାବ ଦେବା ଲକ୍ଷରଖି ଏକ ବିଶାଳ ଗଣ ଆନ୍ଦୋଳନର ଡାକରା ଦେଇ ସେହି ଘାତକ ମାନଙ୍କୁ ବିଲୁପ୍ତ କରିବା ବିଧେୟ କିନାହିଁ ବିଗ୍ରହ ଆପଣ ମାନଙ୍କର......!!

ଧନ୍ୟବାଦ


+ ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗାମ.
ଦୁରଭାଷ-୯୪୩୭୩୨୪୯୧୭


## ଚିତୋର୍ ଗଡ-ରକ୍ତ ଭିଜାମାଟିର୍ କଥା

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**

ଦେଶପ୍ରେମ ଓ ଆତ୍ମତ୍ୟାଗର ପ୍ରତୀକ ରୂପେ ଭାରତର ଯଦି କେଉଁ ମାଟିକୁ ଗ୍ରହଣ କରାଯାଏ, ତାହାଲେ ତାହା ହେଉଚି ଚିତୋରଗଡ ରକ୍ତ ଭିଜା ପାହାଡିଆ ବକ୍ଷ । ଏହାର ସ୍ୱାଧିନତା ରକ୍ଷା ପାଇଁ କେତେଯେ ବୀର ସନ୍ତାନ ନିଜର ରକ୍ତ ଯେ ତାହା ମାଟିରେ ଢାଳି ଦେଇଛନ୍ତି, ତାହାର ମୁକସାକ୍ଷୀ ରୂପେ ଏହାର ଇତିହାସ ହିଁ ରହିଅଛି । ଏହି ମାଟି ହେଉଛି ଆମେ ଦେଶ ପ୍ରେମର ପ୍ରତୀକ ରୂପେ ଗ୍ରହଣ କରିଥିବା ମହାରାଣା ରାଣାପ୍ରତାପ ଙ୍କ ଜନ୍ମ ମାଟି । ରାଣା ବାପ୍ପା ରାଓ୍ୱାଲ,ରାଣା କୁମ୍ଭ.ରାଣା ହମିର,ରାଣା ସଂଗ୍ରାମ ସିଂ, ରାଣା ଉଦୟ ସିଂ, ରାଣା ଲକ୍ଷ, ରାଣା ମୁକୁଳ, ମହାବୀର ଚଣ୍ଡ ଓ ଅନ୍ୟାନ ଅନେକ ଶାସକ ନିଜର ଅମିତ ବିରତ୍ୱ ପାଇଁ କାଳବକ୍ଷରେ ଅମ୍ଳାନ ହୋଇ ରହିଛନ୍ତି ।ଏବେବି ରାଜପୁତନାର ହାଟ ବଜାର,ରାସ୍ତାରେ ଭାଟ ଓ ଚାରଣ ମାନେ ସେହି କାହାଣୀ କୁ ଗୀତ ଆକାରରେ ବୋଲି ଲୋକ ଓ ଭ୍ରମଣକାରୀ ଙ୍କ ଆଖିରୁ ଲୁହ ବୁହାଇ ଦିଅନ୍ତି । ରାଜପୁତନାର ଦକ୍ଷିଣ ସୀମାନ୍ତରେ, ବେରାଚ ଓ ଗମ୍ଭୀରା ନଦୀର ମଝିରେ ସମୁଦ୍ର ପତନରୁ ୧୨୯୪ ଫୁଟ ଉଚ୍ଚରେ ପ୍ରାୟ ୨୦୦ହେକ୍ଟର ବା ୨.୫ ବର୍ଗ କିଲୋମିଟର ଆୟତନର ଭାରତ ତଥାଏସିଆର ଏହି ସର୍ବବୃହତ ଦୁର୍ଗର ଭଗ୍ନାବଶେଷ ଆଜମିର ଠାରୁ ୨୫୦ କିମି ଦୂରରେ ଜାତୀୟ ରାଜପଥ ୮ପାର୍ଶ୍ୱରେ ଦେଖାଯାଏ । ଏବେବି ଅନେକ ମନ୍ଦିର, ହ୍ରଦ,ରାଜପ୍ରସାଦ, ଅସ୍ତ୍ରାଗାର, ସୁଡଙ୍ଗ, ଗଡଖାଇର ଚିହ୍ନ ଭ୍ରମଣକାରୀ ମାନଙ୍କୁ ଏହାର ଗୌରବ ମୟ ଇତିହାସକୁ ମନେ ପକାଇ ଦିଏ । ଏହାର ଶାସକ ମାନଙ୍କୁ ରାଣା କୁହାଯାଏ । ଏକଲିଙ୍ଗ ମହାଦେବ ରାଜବଂଶର ଆରାଧ୍ୟ ଦେବତା । ଚିତ୍ରାଙ୍ଗଦ ନାମକ ଜଣେ ମୌର୍ଯ୍ୟ ରାଜା (ମୋରିସ)ଏହି ଦୁର୍ଗ ସ୍ଥାପନ କରିଥିଲେ । ଏହା ୩୦୦ ଖ୍ରିଷ୍ଟପୂର୍ବ ଶତାବ୍ଦୀ ର କଥା । ତାହାପରେ ଏହା ପାରମାର ବଂଶ ଙ୍କ ହାତକୁ ଗଲା । ଗେହଲଟ ବଂଶର ବାପି ରାଓଲ, ଯେକି ପାରମର ରାଜବଂଶର ଜାମାତା ଥିଲେଏହାକୁ ଅଧିକାର କରି ସ୍ୱାଧିନରାଜ୍ୟ ମେବାର ସ୍ଥାପନ କଲେ । ଆରବ ମାନଙ୍କ ର ଭାରତ ଆକ୍ରମଣ ବେଳେ ୭୧୩ ଖ୍ରୀଷ୍ଟାବ୍ଦ ରେ ସେମାନଙ୍କୁ ପରାସ୍ତ କରି ଭାରତ ଅଭ୍ୟନ୍ତରକୁ ପ୍ରବେଶ ରେ ବାଧା ଦେବାରେ ବାପା ସଫଳ ହୋଇଥିଲେ ।

ଏହାର ପ୍ରତିରକ୍ଷା ପାଇଁ ଚାର କଡରେ ସମୁଦାୟ ୮୪ ଟି ଦୁର୍ଗ ସ୍ଥାପିତ ହେଇଥିଲା । ରାଣା କୁମ୍ଭଙ୍କ ଦ୍ୱାରା ସ୍ଥାପିତ କୁମ୍ଭଲଗଡ ଗୁର୍ଗର ପ୍ରଚୀର ଚିନର ବୃହତ ପ୍ରାଚୀର ପରେ ପୃଥବୀର ଦୀର୍ଘତମ ପ୍ରାଚୀରର ମାନ୍ୟତା ପାଇଛି। ୨୦୦୩ ମସିହାରେ ୟୁନେସ୍କୋ ଦ୍ୱାରା ଏହା ଓ୍ୱାରଲଡ ହେରିଟେଜରେ ସ୍ଥାନ ପାଇଛି । ମୁସଲମାନଙ୍କର ବାରମ୍ୱାର ଆକ୍ରମଣ ଏହି ଦୁର୍ଗ ଉପରେ ହୋଇଥିଲା ।୧୩୦୩ ମସିହାରେ ରାଣା ରତନସିଂ ଶାସକ ଥିଲାବେଳେ, ଆଲାଉଦ୍ଦିନ ଖିଲିଜ, ଦିଲ୍ଲୀ ସୁଲତାନ ଏହାକୁ ଆକ୍ରମଣକରି ଅବରୋଧ କରିଥିଲେ । ଚିତୋରର ଅପରୂପ ସୌନ୍ଦର୍ଯ୍ୟମୟୀ ରାଣୀ ପଦ୍ମିନୀଙ୍କୁ ପାଇବା ପାଇଁ ଏହି ଆକ୍ରମଣ ହୋଇଥିଲା । ପ୍ରଥମ ଥର ବିଫଳ ହୋଇ ଫେରି ଆର ବର୍ଷ କୁ ଏକ ବିଶାଳ ସେନାଧରି ପୁଣି ଆସିଥିଲେ । ଅନେକ ଦିନ ଅବରୋଧ ଚାଲିଲା । ଶେଷ କୁ ପଦ୍ମିନୀ ସମେତ ସମସ୍ତ ମହିଳା ନିଜର ସମ୍ମାନ ବଂଚାଇବା ପାଇଁ ଜହର ବ୍ରତ ପାଳନ କଲେ ଓ ସମସ୍ତ ପୁରୁଷ ମାନେ ଦୁର୍ଗରୁ ବାହାରି ଯୁଦ୍ଧ କରି ପ୍ରାଣପାତ କରି ସେମାନଙ୍କର ପରମ୍ପରା ରକ୍ଷା କଲେ । ପରେ ମହାରାଣା କୁମ୍ଭ ଏହାକୁ ସ୍ୱାଧିନ କରିଥରଲେ। ସେ ସିସୋଦିଆ ରାଜବଂଶ ସ୍ଥାପନ କଲେ । ତାଙ୍କ ସମୟରେ ମେବାର ର ଗୌରବ ଶୀର୍ଷ ରେ ପହଂଚିଥିଲା । ସେ ମାଳବ, ଗୁଜୁରାଟ ଓ ଦିଲ୍ଲୀର ସୁଲତାନ ମାନଙ୍କୁ ବାରମ୍ୱାର ପରାସ୍ତ କରିଥିଲେ ଓ ତାହାର ସ୍ମୃତି ସ୍ୱରୁପ ବିଜୟ ସ୍ତମ୍ଭ ଏବେବି ବିଦ୍ୟମାନ। ରାଣା ସଂଗ୍ରାମ ସିଂଙ୍କ ଜୀବନୀ ଆଉଏକ ଗୌରବ କାହାଣୀ । ରାଣା ସଙ୍ଗ ନାମରେ ପରିଚିତ ସେ ମଧ୍ୟ ବାରମ୍ୱାର ମୁସଲମାନ ଶାସକ ମାନଙ୍କୁ ପରାସ୍ତ କରିଥିଲେ । କୁହାଯାଏ, ଯୁଦ୍ଧରେ ସେ ଗୋଟିଏ ଆଖି, ଗୋଡ ହରାଇ ଦେହରେ ୮୦ ଟି କ୍ଷତଚିହ୍ନ ବହନ କରିଥିଲେ । ଏକ ହିନ୍ଦୁ ସାମ୍ରାଜ୍ୟ ସ୍ଥାପନ ପାଇଁ ସେ ସବୁ ରାଜପୁତ ରାଜାଙ୍କୁ ଏକାଠି କରିଥିଲେ । ମାତ୍ର ଦେଶର ଦୁର୍ଭାଗ୍ୟକୁ ବାବରଙ୍କ ଦ୍ୱାରା ୧୫୨୭ ମସିହାରେ ଖାନୱା ରଣ କ୍ଷେତ୍ରରେ ପରାସ୍ତ ହେଲେ ଓ ଅଳ୍ପଦିନ ପରେ ମୃତ୍ୟୁ ବରଣ କଲେ । ସେମାନଙ୍କର ମହାଭାରତ ଯୁଗ ର ଯୁଦ୍ଧ ପ୍ରଣାଳି ବାବରଙ୍କର ତୋପ ଓ ବନ୍ଧୁକ ଆଗରେ ତିଷ୍ଠି ପାରିଲା ନାହିଁ । ତାଙ୍କ ମୃତ୍ୟୁ ପରେ ୧୫୩୫ ମସିହାରେ ଗୁଜୁରାଟ ର ସୁଲତାନ ବାହାଦୁର ଶାହା ଚିତୋର ଆକ୍ରମଣ କରି ଧ୍ୱଂସ କରିଦେଲେ ।

ମହାରାଣା ଉଦୟ ସିଂ ସଂଗ୍ରାମ ସିଂଙ୍କର ପୁଅ । ପିତାଙ୍କ ମୃତ୍ୟୁପରେ କୁଚକ୍ରୀ ବନବିର ଠାରୁ ରକ୍ଷା ପାଇବା ପାଇଁ ଧାଇ ପାନ୍ନା ଦ୍ୱାରା ସେ ଦେଶାନ୍ତର ହୋଇଥିଲେ । ପରେ ବୟଃପ୍ରାପ୍ତ ହେଲାପରେ ସିଂହାସନରେ ବସିଲେ । ତାଙ୍କରି ସମୟରେ୧୫୬୭-୬୮ମସିହାରେ ବାଦଶା ଆକବର ମେବାର ଆକ୍ରମଣ କରିଥିଲେ । ୨୦.୧୦.୧୫୬୭ ଦିନ ଏକ ବିଶାଳ ସେନା ନେଇ ଆକବର ଚିତୋର ଦୁର୍ଗ ଅବରୋଧ ଆରମ୍ଭ କଲେ । ରାଣା ଚିତୋର ଭାର ସେନାପତି ଜୟମଲ୍ଲ ଓପୁତା ଙ୍କୁ ଦେଇ ନିଜେ ପରିବାର ସହ ଗୋଗୁଣ୍ଡାକୁ ଚାଲିଗଲେ । ଜୟମଲ୍ଲ ଓ ପୁତ ଙ୍କ ବିରତ୍ୱ ଆଉଏକ କାହାଣୀ ସୃଷ୍ଟିକଲା । ଆକବର ନିଜେ ଉପସ୍ଥିତ ରହି ଚାରିମାସ କାଳ ଦୁର୍ଗ ଅବରୋଧ କଲେ । କମାଣ ମାଡରେ ଦୁର୍ଗର କିଛି ଅଂଶ ଭାଙ୍ଗି ଗଲା । ନିଜେ ଜୟମଲ୍ଲ ପାଚେରି ଉପରେ ଠିଆହୋଇ ମରାମତ କାମ ତଦାରଖ କରୁଥିବା ବେଳେ ଆକବର ଲକ୍ଷ୍ୟ କରି ଗୁଳି ମାରିଲେ ଓ ଜୟମଲ୍ଲ ନିହତ ହେଲେ(୨୦.୧୦.୧୫୬୮)। ଅନ୍ୟ ରାଜପୁତ ମାନେ ପୁତ ଙ୍କ ନେତୃତ୍ୱରେ ସମ୍ମୁଖ ଯୁଦ୍ଧରେ ନିହତ ହେଲେ। ମହିଳା ମାନେ ଜହର ବ୍ରତ ପାଳନ କଲେ। ନିଷ୍ଠୁର ଆକବର ପ୍ରାୟ ୩୦ ହଜାର ସାଧାରଣ ନାଗରୀକ ଙ୍କୁ ହତ୍ୟା କରି ଦୁର୍ଗ କୁ ମାଟିରେ ମିଶାଇଦେଲେ ।

ମହାରାଣା ଉଦୟ ସିଂ ଆରାବଳୀ ପର୍ବତ ଶ୍ରେଣୀ ମଧ୍ୟରେ ଉଦୟପୁର ଠାରେ ନୂତନ ରାଜଧାନୀ ସ୍ଥାପନା କଲେ । ତାଙ୍କ ମୃତ୍ୟୁପରେ ରାଣା ପ୍ରତାପ ସିଂହାସନରେ ବସିଲେ । ପ୍ରିୟ ଚିତୋର ଦୁର୍ଗ ର ମୁକ୍ତି ପାଇଁ ସେ କଠିନ ଶପଥ ନେଲେ । ଭୂମିଶଯ୍ୟା କରି ମାଟି ପାତ୍ରରେ ଖାଇଲେ । ସୁନାରୁପା ର ଅଳଙ୍କାର ପରିତ୍ୟାଗ କଲେ । ଶେଷରେ ୧୮.୬.୧୫୭୬ ମସିହାରେ ଆକବର ଙ୍କ ସୈନ୍ୟ ସହ ତାଙ୍କର ହଳଦିଘାଟ ରଣକ୍ଷେତ୍ର ରେ ଲଢେଇ ହେଲା । ତାଙ୍କ ପାଇଁ ଜଙ୍ଗଲ ର ଭୀଲ ଓ ଅନେକ ଦେଶ ପ୍ରେମୀ ରାଜପୁତ ଜୀବନ ଦେଲେ । ଯୁଦ୍ଧରେ ମୋଗଲ ମାନଙ୍କର ଜୟ ହେଲା । ରାଜପୁତ ରକ୍ତରେ ମାଟି ଓଦା ହୋଇଗଲା । ନିଜେ ରାଣା ଆହତ ହୋଇ ତାଙ୍କ ପ୍ରିୟ ଅଶ୍ୱ ଚୈତକ ଉପରେ ବସି ଅରଣ୍ୟକୁ ପଳାଇଲେ । ମୋଗଲ ମାନେ କୁମ୍ଭଲଗଡ, ଉଦୟପୁର, ଗୋଗୁଣ୍ଡା ଅଧିକାର କଲେ । ଅନେକ କଷ୍ଟ ସହିଲେ ମଧ୍ୟ ରାଣା ମୁଣ୍ଡ ନୁଆଇଲେ ନାହିଁ । ଚାଭେଣ୍ଡ ଠାରେ ନୂଆ ରାଜଧାନୀ ବସାଇଲେ । ଦିନ ଗଡି ଚାଲିଲା । ରାନା ଙ୍କ ପରିବାର ଜଙ୍ଗଲରେ ଖାଇବାକୁ ମଧ୍ୟ ପାଇଲେ ନାହିଁ । ହତୋତ୍ସାହ ରାଣାପ୍ରତାପ ନିଜର କିଛି ଅନୁଗତଙ୍କ ସହିତ ମରୁଭୁମିର ଅପରପାର୍ଶ୍ୱ କୁ ଯାଇ ଏକ ସ୍ୱାଧିନ ରାଜ୍ୟର କଳ୍ପନା କଲେ, ବାହାରି ପଡିଲେ ମଧ୍ୟ । ଏତିକିବେଳେ ତାଙ୍କର ଜଣେ ପୁର୍ବତନ ମନ୍ତ୍ରୀ ଭିମ ସିଂ ତାଙ୍କ ପାଖରେ ଥିବା ବିପୁଳ ଧନ କୁ ପ୍ରତାପଙ୍କୁ ଦେଇ ସ୍ୱାଧିନତା ସଂଗ୍ରାମ ଚାଲୁ ରଖିବାକୁ ପରାମର୍ଶ ଦେଲେ । ଏକ ବିରାଟ ସୈନ୍ୟ ବାହିନୀ ସେ ଅର୍ଥରେ୧୦ବର୍ଷ ଚଳି ପାରିବେ । ପୁଣି ଯୁଦ୍ଧ ଆରମ୍ଭ ହେଲା । ମୋଗଲ ମାନଙ୍କୁ ୧୫୮୨ ମସିହାରେ ଦେବାର ଠାରେ ପରାସ୍ତ କରି ରାଣା କୁମ୍ଭଲଗଡ, ଉଦୟପୁର ଅଧିକାର କଲେ । ଆକବର ମେବାର ରେଥିବା ସମସ୍ତ ୩୬ ସୈନ୍ୟ ଶିବିର କୁ ଉଠାଇ ନେଲେ । ମାତ୍ର ପ୍ରୀୟ ଚିତୋର ଦୁର୍ଗ କୁ ମୁକ୍ତି କଲା ପୂର୍ବରୁ ତାଙ୍କର ମୃତ୍ୟୁ ହେଲା (୧୫୯୭) । ତାଙ୍କ ପରେ ପୁତ୍ର ଅମର ସିଂ ଯୁଦ୍ଧ ଚାଲୁ ରଖିଲେ ।ଶେଷକୁ ୧୬୧୬ ମସିହାରେମୋଗଲ ବାହିନୀ କୁ ଦେଓ୍ୱାର ରଣ କ୍ଷେତ୍ର ରେ ପରାସ୍ତ କଲେ ମଧ୍ୟ ରାଜ୍ୟ ର ହିତ ଦୃଷ୍ଟିରୁ ବାଦଶା ଜାହାଙ୍ଗିରଙ୍କ ସମୟରେ ଏକ ସମ୍ମାନ ଜନକ ସନ୍ଧି ହୋଇ ଚିତୋର ମୋଗଲ ମାନଙ୍କର ବଶ୍ୟତା ସ୍ୱୀକାର କଲା।

ଆକବର ଶତ୍ରୁ ହେଲେ ମଧ୍ୟ ଜୟମଲ୍ଲ ଓ ପୁତା ଙ୍କ ବିରତ୍ୱ ରେ ଏତେ ମୁଗ୍ଧ ହୋଇଗଲେ ଯେ ଲାଲକିଲ୍ଲାର ପ୍ରବେଶ ପଥରେ ସେମାନଙ୍କର ପ୍ରତିମୂର୍ତ୍ତି ବସାଇଥିଲେ। ଜାହାଙ୍ଗିର ମଧ୍ୟ ଅମର ସିଂ ଙ୍କ ମୂର୍ତ୍ତି ସ୍ଥାପନା କରି ମେବାରର ବିରତ୍ୱର ପ୍ରଶଂସା କରିଥିଲେ । ନେପାଳର ଭକ୍ତ ପୁର ଠାରେ ଏକ ମନ୍ଦିରରେ ମଧ୍ୟ ଜୟମଲ୍ଲ, ପୁତଙ୍କ ପ୍ରତିମା ପୂଜା ପାଉଛି । ଖାଲି ବିରତ୍ୱ ନୁହେଁ, ବୈଷ୍ଣବ ଭକ୍ତି ଆନ୍ଦୋଳନର ନାରୀ ଭକ୍ତ ମୀରାବାଇ ଚିତୋରର ରାଜବଧୂ ଥିଲେ ଓ ତାଙ୍କ ରଚିତ ମୀରା ଭଜନ ଉତର ଭାରତରେ ଅତି ଲୋକପ୍ରିୟ । ମେବାର ମହାରାଣାଙ୍କୁ ତାଙ୍କର ବଂଶ ଗାରିମା ପାଇଁ ବିଶ୍ୱହିନ୍ଦୁ ପରିଷଦର ସଭାପତି କରାଯାଇଥିଲା । ଏହି ମାଟି ଆଜି କୋଟି କୋଟି ଭାରତୀୟ ଙ୍କର ନମସ୍ୟ ହୋଇ ଦେଶ ପ୍ରେମରେ ସେମାନଙ୍କୁ ଉଦବୁଦ୍ଧ କରୁଛି ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

## ସୁସ୍ଥ ତ୍ୱଚା ପାଇଁ ପାଚିଲା ଆମ୍ବ



ସୁସ୍ଥ ତ୍ୱଚା ପାଇବା ପାଇଁ ପାଚିଲା ଆମ୍ବ ଲାଭଦାୟକ ବୋଲି ନିକଟରେ ଏକ ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଇଛି । ପାଚିଲା ଆମ୍ବରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଥାଏ । ଯାହା ତ୍ୱଚାରୁ ମୃତ କୋଷ ବାହାର କରି ତ୍ୱଚାର ଆର୍ଦ୍ରତା ବଜାୟ କରିଥାଏ । ଏହାସହ ଚର୍ମ କୁଞ୍ଚନରୁ ରକ୍ଷା ମିଳେ । ଆମ୍ବରେ ଭିଟାମିନ ସି, ଭିଟାମିନ ଏ ଏବଂ ଭିଟାମିନ ବି୬ ରହିଥାଏ । ଏସବୁ ଭିଟାମିନ ତ୍ୱଚାରୁ କଳାଦାଗ ହଟାଇ ଚର୍ମ ଉଜ୍ଜ୍ୱଳ କରିବା ସହ ତ୍ୱଚାକୁ ପ୍ରଦୂଷଣ ଓ ଅତିବାଇଗଣୀ ରଶ୍ମିଠାରୁ ରକ୍ଷା କରିଥାଏ । ପ୍ରତ୍ୟେକ ଦିନ ତ୍ୱଚାରେ ପାଚିଲା ଆମ୍ବ ମାଲିସ କରିବା ଦ୍ୱାରା ଲୋମ ମୂଳରେ ଥିବା ତେଲ ବାହାରି ଯାଇଥାଏ ଏବଂ ତ୍ୱଚାରେ ବ୍ରଣ ହୋଇନଥାଏ । ଚର୍ମରୋଗ ନିବାରଣ ପାଇଁ ପୁରାତନ ବ୍ରଣ ହୋଇନଥାଏ । ଚର୍ମରୋଗ ନିବାରଣ ପାଇଁ ପୁରାତନ କାଳେ ଆମ୍ବରସ ସହ ମହୁ ମିଶାଇ ବୈଦ୍ୟମାନେ ସେବନ କରିବା ପାଇ ଦେଇଥାନ୍ତି । କାରଣ ଆମ୍ବରେ ବିଷାକ୍ତ ପଦାର୍ଥକୁ ସଫା କରିବାର ଗୁଣ ରହିଥାଏ । ଏହା ପେଟ ସଫା କରିବା ସହ ପାଚନ ପ୍ରକ୍ରିୟାକୁ ସରଳ କରାଇଥାଏ ।

## କ୍ରୋଧକୁ ନିୟନ୍ତ୍ରଣ କରି ଉପଭୋଗ କରନ୍ତୁ ପାରିବାରିକ ଜୀବନ

ଜଣେ ବ୍ୟକ୍ତିର ସ୍ୱଭାବ ପରିବେଶ ଓ ପରିସ୍ଥିତି ଅନୁସାରେ ବଦଳିଥାଏ । ଆମେ ନିଜ ସ୍ୱାଭାବକୁ ଏକ ଅଭିନେତା ଭାବେ ଦୁନିଆ ଆଗରେ ରଖୁଥିଲା ବେଳେ ପ୍ରକୃତ ସ୍ୱାଭାବ ଭିତରେ ଭିନ୍ନ ଥାଏ । କର୍ପୋରେଟ ସଂସ୍କୃତି, ପ୍ରତିଯୋଗିତା, ପାରିବାରିକ ସମସ୍ୟା, ଆର୍ଥିକ ସ୍ଥିତି ଆଦି କାରଣରୁ ବିଭିନ୍ନ ସମୟରେ ଜାଣିଶୁଣି ଆମେ ଆମ ସ୍ୱାଭାବକୁ ବଦଳାଇଥାଉ । ହେଲେ ଧିରେ ଧିରେ ଏକ ଭିନ୍ନ ସ୍ୱାଭାବ ଆମ ଜୀବନର ଧାରାକୁ ପ୍ରଭାବିତ





କରିଥାଏ । ବିଶେଷ କରି କ୍ରୋଧ ଯେତେବେଳେ ଏକ ସ୍ୱଭାବ ଭାବେ ବଦଳିଯାଇଥାଏ ସେତେବେଳେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିଥାଏ । କ୍ରୋଧ ଯେତେବେଳେ ବ୍ୟକ୍ତିର ସ୍ୱାଭାବରେ ସାମିଲ ହୋଇଯାଏ ସେତେବେଳେ ଏହା ପ୍ରଥମେ ଆମର ବିଚାରଧାରାକୁ ନଷ୍ଟ କରିଦେଇଥାଏ । ପରେ ଆମ ଭିତରେ ଥିବା ସମ୍ବେଦନଶୀଳତାକୁ ପ୍ରଭାବିତ କରିଥାଏ । ଆଉ ସମ୍ବେଦନହୀନତା ମଣିଷକୁ ପଶୁବତ କରିଦେଇଥାଏ । ତେଣୁ କ୍ରୋଧକୁ ଯେତେବେଳେ ବ୍ୟକ୍ତିର ସ୍ୱାଭାବରେ ସାମିଲ ହୋଇଯାଏ ସେତେବେଳେ ଏହା ପ୍ରଥମେ ଆମର ବିଚାରଧାରାକୁ ନଷ୍ଟ କରିଦେଇଥାଏ । ପରେ ଆମ ଭିତରେ ଥିବା ସମ୍ବେଦନଶୀଳତାକୁ ପ୍ରଭାବିତ କରିଥାଏ । ଆଉ ସମ୍ବେଦନହୀନତା ମଣିଷକୁ ପଶୁବତ୍ କରିଦେଇଥାଏ । ତେଣୁ କ୍ରୋଧକୁ ସ୍ୱଭାବରୁ ଦୂରେଇ ରଖିବା ନିହାତି ଜରୁରୀ । ବାହାର ଦୁନିଆ ଏବଂ ପାରିବାରିକ ଜୀବନ ଭିତରେ କିଛିଟା ପାର୍ଥକ୍ୟ ନିହାତି ରହିବା ଆବଶ୍ୟକ । ୧. କ୍ରୋଧକୁ ନିୟନ୍ତ୍ରଣ ପାଇଁ ଦୈନିକ ଧ୍ୟାନ କରିବା ଆବଶ୍ୟକ । ଏହାଦ୍ୱାରା ଶକ୍ତି ମିଳିଥାଏ, କିଛି ସମୟ ନିଜକୁ ନିଜ ସହ ମିଶିବାର ଅବସର ଦେଇଥାଏ ।

୨. ପରିବାର ସହ ଅଧିକ ସମୟ ବିତାନ୍ତୁ, ନିୟମ ବନାନ୍ତୁ ଯେପରି ଦୈନିକ ଅତି କମରେ ଏକଘଣ୍ଟା ପରିବାର ପାଇଁ ସମୟ ଦେଇହେବ ।

୩. କିଛି ସମୟ ନିଜ ପାଇଁ କାଢ଼ନ୍ତୁ, ଏକାନ୍ତରେ ନିଜେ ରହନ୍ତୁ । କୌଣସି ମନ୍ଦିର କିମ୍ବା ପ୍ରାକୃତିକ ସ୍ଥାନରେ ସମୟ କାଟିବାର ବ୍ୟବସ୍ଥା କରନ୍ତୁ । ଏହାଦ୍ୱାରା ନିଜେ ନିଜକୁ ବିଶ୍ଳେଷଣ କରିବାର ସମୟ ମିଳିବ ।

୪. ନିଜ ସଉକ ଜୀବିତ ରଖନ୍ତୁ, ଯେପରି ଗୀତ ଶୁଣିବା, ବହି ପଢ଼ିବା, ଖେଳିବା ଇତ୍ୟାଦି । ସବୁବେଳେ ନହେଲେ ମଧ୍ୟ ସପ୍ତାହକୁ ଥରେ କିମ୍ବା ଦୁଇଥର ନିଜ ସଉକ ଅନୁସାରେ କାମ କରନ୍ତୁ । ଏହାର ଏକ ବଡ଼ ଉଦାହରଣ ହେଉଛି ମହାଭାରତ । ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ସଂସାରର ସବୁ କାମ ପାଇଁ ନିଜେ ସମୟ ଦେଉଥିଲେ । ହେଲେ ନିଜ ପାଇଁ ମଧ୍ୟ ସମୟ କାଢୁଥିଲେ । କେତେବେଳେ ସେ ଏକୁଟିଆ ଯମୁନା କୂଳରେ ବସି ବଂଶୀବାଦନ କରୁଥିଲେ ତ ଆଉ କେତେବେଳେ ଗୋପୀଙ୍କ ମେଳରେ ଖେଳୁଥିଲେ । ପରିବାର ସହ ମଧ୍ୟ ସେ ସମୟ କାଟୁଥିଲେ । କୃଷ୍ଣ କହିଛନ୍ତି ଯେତେବେଳେ ଜଣେ ନିଜ ପାଇଁ ସମୟ ଦେବ, ନିଜ ଉପରେ ଅଧିକ ଧ୍ୟାନ ଦେବ ସେତେବେଳେ ସଂସାରର ବାହ୍ୟ ଆବରଣ ବାହାରେ ହିଁ ରହିବ । ଏହା ବ୍ୟକ୍ତିର ଜୀବନଧାରା ଓ ସ୍ୱାଭାବକୁ ଆଦୌ ପ୍ରଭାବିତ କରିପାରିବ ନାହିଁ । ତେଣୁ କ୍ରୋଧକୁ ନିୟନ୍ତ୍ରଣ କରି ଜୀବନକୁ ସମସ୍ତେ ସବୁପ୍ରକାରର ସ୍ଥିତିରେ ଉପଭୋଗ କରିବା ନିହାତି ଜରୁରୀ ।

## ନିୟନ୍ତ୍ରଣ କରନ୍ତୁ ୟୁରିକ୍ ଏସିଡ୍




ଖାଦ୍ୟପେୟକୁ ନିୟନ୍ତ୍ରଣ କରି ଶରୀରରେ ୟୁରିକ ଏସିଡ୍ ମାତ୍ରାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ହାଡ଼ ବିନ୍ଧିବାର ମୁଖ୍ୟ କାରଣ ୟୁରିକ୍ ଏସିଡ୍ ମୂତ୍ର ରୂପରେ ଶରୀରରୁ ବାହାରିଯାଇଥାଏ। କିନ୍ତୁ ବେଳେବେଳେ ଏହାର ମାତ୍ରା ଶରୀରରେ ଅଧିକ ହେଲେ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ଖାଦ୍ୟପେୟରେ ଭିଟାମିନ ସି ର ମାତ୍ରା ଅଧିକ ରହିଲେ ମାସେ ବା ଦୁଇମାସରେ ୟୁରିକ ଏସିଡ୍ ନିୟନ୍ତ୍ରଣ ହୋଇପାରିବ। ସଂତୃପ୍ତ ଓ ଟ୍ରାନ୍ସଫ୍ୟାଟ୍ ଖାଦ୍ୟ ଶରୀରରେ ୟୁରିକ ଏସିଡ ମାତ୍ରା ବୃଦ୍ଧି କରିଥାଏ। ତେଣୁ ବେକାରୀ ଖାଦ୍ୟ ଯେପରିକି ପେଷ୍ଟ୍ରିଜ, କୁକିଜ୍ ଆଦିରୁ ଦୂରେଇ ରୁହନ୍ତୁ। ଭୋଜନରେ ଫାଇବର ଖାଦ୍ୟ ଅଧିକ ସାମିଲ କରନ୍ତୁ। ମୂତ୍ର ସମ୍ବନ୍ଧିତ ସମସ୍ତ ସମସ୍ୟାକୁ ଦୂର କରିଥାଏ ଜୁଆଣି, ତେଣୁ ଜୁଆଣି ଖାଆନ୍ତୁ।

## ପ୍ରଥମ ରୋବୋ ଚିତ୍ରକର



ବୈଜ୍ଞାନିକ ଏଡନ୍ ମେଲରଙ୍କ ଦ୍ୱାରା ପ୍ରସ୍ତୁତ ରୋବୋ ଆଇଡା ବିଶ୍ୱର ପ୍ରଥମ ରୋବୋ ଚିତ୍ରକର । ଗଣିତଜ୍ଞ ଆଇଡା ଲବସେଭକ ନାମ ଅନୁସାରେ ଏହି ରୋବୋଯିର ନାମ ରଖାଯାଇଛି । ବୈଜ୍ଞାନିକ ଏଡନଙ୍କ ରିପୋର୍ଟ ଅନୁଯାୟୀ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଆଲଗୋରିଦିମ୍ ସାହାଯ୍ୟରେ ଏହି ରୋବୋ ପ୍ରସ୍ତୁତ । ମାତ୍ର ରୋବୋ ଆଙ୍ଗୁଠିକୁ ଲଣ୍ଡନର ଇଞ୍ଜିନିୟମାନେ ନିର୍ମାଣ କରିଛନ୍ତି । ରୋବୋ ଆଇଡାର ଶରୀର ଏବଂ ମୁହଁର ଆକାରକୁ ମହିଳାଙ୍କ ଆକାର ଭଳି କରାଯାଇଛି । ଆଇଡା ଆଗରେ ସାଦାକାଗଜ ରଖିଲେ ସେ କାଗଜର ଆକାରକୁ ପର୍ଯ୍ୟବେକ୍ଷଣ କରି ରଙ୍ଗ ସାହାଯ୍ୟରେ ଚିତ୍ର କରିଥାଏ । ଏହାଛଡ଼ା ରୋବୋଟିର କଳାତ୍ମକ ଭାବନା ରହିଛି । ସେଥିପାଇଁ ରୋବୋ ପ୍ରସ୍ତୁତି ସମୟରେ ଏକ ବିଶେଷ ପ୍ରୋଗ୍ରାମିଂ କରାଯାଇ ଆଇଡା ଉପରେ ପରୀକ୍ଷା କରାଯାଇଥିଲା । ତେବେ ଆଇଡ ଉପରେ ପରୀକ୍ଷା କରାଯାଇଥିଲା । ତେବେ ଆଇଡା କିଛି ଚିତ୍ର ଆଙ୍କିଛି । ଯାହା ଚଳିତ ମାସ ୧୨ ତାରିଖରେ ଆକ୍ସଫୋର୍ଡ ୟୁନିଭର୍ସିଟିରେ ପ୍ରଦର୍ଶିତ ହେବ ବୋଲି ବୈଜ୍ଞାନିକ ଏଡନ୍ କହିଛନ୍ତି । ସେହି ପ୍ରର୍ଦାନୀରେ ଆଇଡାର ଚିତ୍ର ସହ, ସ୍ଥାପତ୍ୟ ଓ ଆଇଡାର କିଛି ଭିଡିଓ ପ୍ରଦର୍ଶିତ ହେବ । ଭିଡିଓରେ ଆଇଡା ଚିତ୍ର କରିବା ସହ ଦୈନନ୍ଦିନ କାର୍ଯ୍ୟକରୁଥିବାର ଦୃଶ୍ୟ ରହିଛି ।

## ଭାରତୀୟ ଯୁବତୀଙ୍କ ଆଦର



୨୦୧୮ ମଧ୍ୟଭାଗରେ ବିଶ୍ୱସ୍ତରରେ ଏକ ସର୍ବେକ୍ଷର ହୋଇଥିଲା । ଇଉରୋପୀୟ ଆମେରିକୀୟ ଆଫ୍ରିକୀୟ ଏସୀୟ ରାଷ୍ଟ୍ରର ଯୁବକ ଓ ମଧ୍ୟବୟସ୍କ ପୁରୁଷମାନଙ୍କୁ ଏଥିରେ ସାମିଲ କରାଯାଇଥିଲା । ବିଦେଶୀ ଯୁବକମାନେ ମଧ୍ୟ ଭାରତୀୟ ଯୁବତୀଙ୍କୁ ଜୀବନସାଥି ଭାବେ ଗ୍ରହଣ କରିବାକୁ ଉଚିତ ମଣୁଛନ୍ତି । ଆମେରିକାର ଉଚ୍ଚ ପଦରେ କାର୍ଯ୍ୟରତ ୩୭ ବର୍ଷିୟ ମାଥ୍ୟୁ ଇଡେନ୍‌ଙ୍କ ମତରେ ଭାରତୀୟ ପରିବାର ସଂସ୍ପର୍ଶରେ ଆସିବା ପରେ ସେ ଜଣେ ଭାରତୀୟ ଯୁବତୀଙ୍କୁ ହିଁ ବିବାହ କରିବେ । ବିଭିନ୍ନ ରାଷ୍ଟ୍ରର ଯୁବବର୍ଗଙ୍କ ମତାମତ ନିଆଯିବା ପରେ କେତେକ ତଥ୍ୟ ଏ ବାବଦରେ ଉପସ୍ଥାପନ କରାଯାଇଛି । ପରିବାରର ଦାୟିତ୍ୱ ଏମାନେ ଭଲଭାବେ ନେଇଥାନ୍ତି । ବିଦେଶୀ ରାଇଜର ଝିଅମାନେ ଭାବନା କଣ ଜାଣନ୍ତିନାହିଁ । ଏହା ସହ ବିବାହ ପରେ ସେମାନେ କୌଣସି ଦାୟିତ୍ୱକୁ ବୋଝ ବୋଲି ନାମ ଦେଇଥାନ୍ତି । ବିଶ୍ୱର ଯେ କୌଣସି ପ୍ରନ୍ତରେ ଭାରତୀୟ ଯୁବତୀମାନେ କାମ କଲେ ମଧ୍ୟ ସେମାନଙ୍କ ପରମ୍ପରାକୁ ଭୁଲିନଥାନ୍ତି । ପ୍ରତ୍ୟେକ ପର୍ବପର୍ବାଣିକୁ ଖୁବ ଉତ୍ସାହର ସହ ସେମାନେ ପାଳନ କରୁଥିବାର ଦେଖାଯାଇଛି । ଇଉରୋପୀୟ ଓ ଆମେରିକୀୟ ରାଷ୍ଟର ଯୁବତୀମାନଙ୍କ ପାଇଁ ଛାଡ଼ପତ୍ର ଏକ ସାଧାରଣ ପ୍ରସଙ୍ଗ । ହେଲେ ଭାରତୀୟ ଯୁବତୀମାନେ ପରିସ୍ଥିତି ସେଭଳି ଗୁରୁତର ନ ହେଲେ ଏ ବାବଦରେ ଚିନ୍ତା କରିବାକୁ ଉଚିତ୍ ମଣିନଥାନ୍ତି । ବିଦେଶୀ ମା'ଙ୍କ ତୁଳନାରେ ଆମ ଭାରତୀୟ ମା ମାନଙ୍କୁ ସବୁବେଳେ ଅଧିକ ଦାୟିତ୍ୱବାନ ବୋଲି କୁହାଯାଇଛି । ପିଲାଙ୍କର ଯତ୍ନ ଓ ଲାଳନପାଳନ କରିବାରେ ଭାରତୀୟ ମା ମାନେ ସବୁବେଳେ ଆଗରେ ରହିଆସିଛନ୍ତି ।



## ଜାଣିନ୍ତି କି ?



ଯଅ ପୁଷ୍ଟିସାର ଓ ତନ୍ତୁରେ ପରିପୂର୍ଣ୍ଣ । ରକ୍ତରେ କୋଲେଷ୍ଟ୍ରେଲ୍ ପରିମାଣ ଠିକ୍ ରଖୁଥିବାରୁ ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ ଭଲ। ରକ୍ତ ନଳିରେ ଚର୍ବି ଜମିବାକୁ ଦିଏନାହିଁ । ହୃଦରୋଗ, ହୃଦ୍‌ଘାତ ଆଶଙ୍କା କମାଏ । ନିୟମିତ ଯଅ ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଆଶଙ୍କା ସାତ ପ୍ରତିଶତ କମ୍ । ଟାଇପ୍-୨ ମଧୁମେହ ରୋଗୀଙ୍କ ପାଇଁ ଯଅ ଉତ୍ତମ ଆହାର । ଯଅ ଓଜନ ବଢ଼ିବାକୁ ଦିଏନାହିଁ । ସବୁଜ ଚାହାର ମୁଖ୍ୟ ଉପଦାନ ପଲିଫେନଲ୍ ଓ ଫ୍ଲାବନୋଏଡ୍ ଆଣ୍ଟି - ଅକ୍ସିଡାନଟ୍ । ନିୟମିତ ସବୁଜ ଚାହା ପିଇଲେ, ରକ୍ତ ସଂଚାଳନ ସକ୍ରିୟ ରହେ ଓ ଅନାବଶ୍ୟକ ଚର୍ବି ନଷ୍ଟ ହୁଏ । ରୋଗ ପ୍ରତିରୋଧକ ଶକ୍ତିବଢ଼େ । କାଶ-କଫ ସମସ୍ୟା ଦୂର ହୁଏ । ସ୍ମରଣ ଶକ୍ତି ବଢ଼େ । ସକାଳେ ସବୁଜ ଚାହା ପାନ ଅଧିକ ଉପକାରୀ ।

ଲାଉ : କର୍କଟ ପ୍ରତିରୋଧୀ । ଲାଉ ରସରେ ଥିବା ଲେକ୍ ଟିନ୍ ପୁଷ୍ଟିସାର କର୍କଟ କୋଷ ବଢବାକୁ ଦିଏନାହିଁ । ଲାଉ ରସ ପିଥଲେ, ଉଚ୍ଚ ରକ୍ତଚାପ ଓ ମଧୁମେହ ନିୟନ୍ତ୍ରଣରେ ରହେ ଏବଂ ଓଜନ ବଢ଼େନାହିଁ ।

ତରଭୁଜ : ମଞ୍ଜି ଲୌହ, ଜିଙ୍କ୍, ମାଗନେସିଅମ୍, ତନ୍ତୁ ଓ ପୁଷ୍ଟିସାରରେ ଭରପୂର । ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ମଧୁମେହ ଓ ହୃଦ୍‌ରୋଗରୁ ସୁରକ୍ଷା ଦିଏ । ସ୍ନାୟୁ ଓ ପେଶୀ ଦୁର୍ବଳତା କମାଏ । ଏହାକୁ କଞ୍ଚା କିଂବା ସିଝାଇ ଖିଆଯାଇପାରେ ।

## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ



ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ। ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ। ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି। ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ। ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ। ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି। ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ। ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ।

## ଗୋଟିଏ ଗଛରେ ୪୦ ପ୍ରକାର ଫଳ

ଆମ୍ବ ଗଛ ଲଗେଇ କୌଣସି ବ୍ୟକ୍ତି ଫଳ ଖାଇବାର ଆଶା ରଖନ୍ତି ନାହିଁ । କାରଣ ଏକ ନିର୍ଦ୍ଦିଷ୍ଟ ପ୍ରକାର ଗଛରେ ଏକ ପ୍ରକାର ଫଳ ହିଁ ଫଳିଥାଏ । କିନ୍ତୁ ଦୁନିଆରେ ଏମିତି ଗୋଟିଏ ଜାଗା ଅଛି ଯେଉଁଠାରେ ଗୋଟିଏ ଗଛରେ ଗୋଟିଏ ନୁହେଁ ୪୦ ପ୍ରକାରର ଫଳ ଫଳୁଛି । ଆମେରିକାର ଜଣେ ଭିଜୁଆଲ ଆର୍ଟସ ପ୍ରଫେସର ଏହି ଅଦଗୁତ ପ୍ରକାର ଗଛର ଉଦ୍ଭାବନ କରିଛନ୍ତି । ଏ ଗଛର ନାଁ ରଖାଯାଇଛି 'ଟ୍ରି ଅଫ୍ ୪୦' । ତେବେ ଏହି ଅଦଭୁତ ଗଛର ମୂଲ୍ୟ ହେଉଛି ୧୯ଲକ୍ଷ ଟଙ୍କା। ଗଛକୁ ବିକଶୀତ କରିବା ପାଇଁ ଆମେରିକାର ସେରାକ୍ୟୁଜ ୟୁନିଭରସିଟିର ପ୍ରଫେସର ସାମବାନ ଏକେନଙ୍କୁ ବିଜ୍ଞାନର ସାହାଯ୍ୟ ନେବାକୁ ପଡ଼ିଛି । ୨୦୦୮ରେ ସାମ ଏ କାର୍ଯ୍ୟ ଆରମ୍ଭ କରିଥିଲେ । ନ୍ୟୁୟର୍କର ଏକ ବଗିଚାରେ ସାମ ତାଙ୍କୁ ଆକର୍ଷଣ କଲାଭଳି ଗୋଟିଏ ବଗିଚା ଦେଖିଥିଲେ ଯେଉଁଥିରେ ପାଖାପାଖି ୩୨୦୦ ପ୍ରକାର କୋଳି ଗଛ ଥିଲା । ଅର୍ଥ ଅଭାବ କାରଣରୁ ଏହୀ ବଗିଚାଟି ଅଚଳ ହେବାକୁ ବସିଥିବାବେଳେ ସାମ ଏହି ବଗିଚାକୁ ଲିଜରେ ନେଇ ଏହାର ଦେଖାଶୁଣା କରିଥିଲେ । ଗ୍ରାଫଟିଂ ଟେକନିକ ମାଧ୍ୟମରେ ଏ ପ୍ରକାର ଗଛ ବିକଶିତ କରିବା ପାଇଁ ଶୀତ ଋତୁରେ ଗଛର ଡାଳ କଢ଼ ସହିତ କଟାଯାଇ ଡାଳକୁ ମୁଖ୍ୟ ଗଛରେ ଛିଦ୍ର ଦ୍ୱାରା ଲଗାଯାଏ । ଏହା ପରେ ଯୋଡ଼ା ଯାଇଥିବା ଜଗାରେ ପୋଷକତତ୍ତ୍ୱ ଦିଆଯାଇ ସଂଯୋଗ ଜାଗାରେ ପଟି ବନ୍ଧାଯାଏ । ଏହାପରେ ହାଲଟି ମୁଖ୍ୟ ଗଛ ସହିତ ଯୋଡ଼ି ହୋଇଯାଏ ଆଉ ପରେ ଏଥିରେ ବିଭିନ୍ନ ପ୍ରକାର ଫଳ ଫଳିଥାଏ ।



# କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରକୁ ଜୁଲାଇ ୩୧ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

## ପ୍ରାଣୀ ସମ୍ପଦ ମାଧ୍ୟମରେ ଚାଷୀମାନଙ୍କ ଆୟ ବୃଦ୍ଧି କରାଯାଇ ପାରିବ : ଅରୁଣ ସାହୁ

ଭୁବନେଶ୍ୱର, ୦୩/୭ (ନି.ପ୍ର): କୋଭିଡ-୧୯ ପରିସ୍ଥିତିରେ ଚାଷୀଙ୍କ ଆୟ ବୃଦ୍ଧି ସହିତ ପୁଷ୍ଟିକର ଖାଦ୍ୟ ଯୋଗାଣ ଦିଗରେ ପ୍ରାଣୀ ସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକ ସେବା ଭବନଠାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ଅଧିକରୁ ଅଧିକ ଚାଷୀମାନଙ୍କୁ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ପ୍ରଚାର ପ୍ରସାର କାର୍ଯ୍ୟ ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ । ରାଜ୍ୟର ଥିବା ସମସ୍ତ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରକୁ ଜୁଲାଇ ୩୧ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀ ଡଃ ସାହୁ ନିର୍ଦ୍ଦେଶ ଦେଇଥିଲେ । କୋଭିଡ-୧୯ ପରିସ୍ଥିତରେ ରାଜ୍ୟରେ କୁକୁଡ଼ା ଚାଷକୁ ପ୍ରୋତ୍ସାହିତ କରିବା, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ଲୋକମାନଙ୍କ ରୋଜଗାରର ସୁଯୋଗ ସୃଷ୍ଟି କରିବା ପାଇଁ ବିଭିନ୍ନ ଯୋଜନା ଚାଲୁ କରାଯାଉଛି । ରାଜ୍ୟ ଯୋଜନା ଅନ୍ତର୍ଗତ ଏକ କାର୍ଯ୍ୟକ୍ରମରେ ୬୫୬ ଜଣ ଚାଷୀଙ୍କୁ ଅଣ୍ଡାଦିଆ କୁକୁଡ଼ା ଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଏହି ଯୋଜନାରେ ହିତାଧିକାରୀଙ୍କୁ ୪୦ ପ୍ରତିଶତ ରିହାତି ଦିଆଯିବାର ବ୍ୟବସ୍ଥା ରହିଛି । ଏହା ମାଧ୍ୟମରେ ରାଜ୍ୟରେ ଦୈନିକ ପ୍ରାୟ ୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହୋଇ ପାରିବ । ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଡିପ୍ ଲିଟର ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିରେ ୧୦୦୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହା ମାଧ୍ୟମରେ ୧୦ ହଜାର ୨୦ଜଣ ହିତାଧିକାରୀ ଉପକୃତ ହେବେ । ଏଥିରେ ୫୦ ପ୍ରତିଶତ ସବ୍‌ସିଡିର ବ୍ୟବସ୍ଥା ରହିଥିବା ବେଳେ ଦିନକୁ ୧.୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ଅନ୍ୟ ଏକ ଯୋଜନାରେ ପ୍ରବାସୀ ଶ୍ରମିକ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ରୋଜଗାର ଯୋଗାଇ ଦେବା ନିମନ୍ତେ ବ୍ରଏଲର କୁକୁଡ଼ା ପାଳନର ଲକ୍ଷ୍ୟ ରଖାଯାଇଛି । ଏଥିରେ ୧୫୩୫ ଜଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ୪୦ ପ୍ରତିଶତ ରିହାତି ଯୋଗାଇ ଦିଆଯିବ । ଏହାଦ୍ୱାରା ବର୍ଷକୁ ୨୭୦୭୫ ମେଟ୍ରିକ୍ ଟନ ଅଧିକ ମାଂସ ଉତ୍ପାଦନ ହୋଇପାରିବ । ଏଥିସହିତ ବାରି ଅଗଣାରେ କୁକୁଡ଼ା ପାଳନ ମାଧ୍ୟମରେ ଗ୍ରାମାଂଚଳ ଲୋକମାନଙ୍କର ଆୟବୃଦ୍ଧି କରିବାର ପ୍ରଭୂତ ସୁଯୋଗ ରହିଥିବାରୁ ଏହାକୁ ଅଧିକ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଡଃ ସାହୁ କହିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ଆବେଦନ କରିଥିବା ଉଦ୍ୟୋଗୀମାନେ ଯେପରି ଆବଶ୍ୟକୀୟ ବ୍ୟାଙ୍କ ଋଣ ପାଇ ପାରିବେ, ସେଥିନିମନ୍ତେ ନିୟମିତ ତଦାରଖ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏଥିନିମନ୍ତେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଏବଂ ଆପିକଲର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ସ୍ୱତନ୍ତ୍ର ବୈଠକ କରି ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ରାଜ୍ୟ ଅର୍ଥନୀତିରେ ପ୍ରାଣୀସମ୍ପଦ ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିନିମନ୍ତେ ପ୍ରାଣୀପାଳକଙ୍କ ନିକଟରେ ସୂଚନା ଓ ଜ୍ଞାନ ଉପଲବ୍ଧ ହେବା ଜରୁରୀ ଅଟେ । ତେଣୁ ସେମାନଙ୍କ ନିକଟରେ ସୂଚନା ପ୍ରଦାନ ନିମନ୍ତେ ସାମାଜିକ ଗଣମାଧ୍ୟମ, ହ୍ୱାଟସ୍ ଆପ୍ , ଫେସ୍‌ବୁକ୍, ଟୁଇଟର ଆଦିର ବହୁଳ ଉପଯୋଗ କରିବା ଉପରେ ଡଃ ସାହୁ ଗୁରୁତ୍ୱାରୋପ କରିଥିଲେ । ଏହାଦ୍ୱାରା ଚାଷୀମାନଙ୍କ ନିକଟରେ ସିଧାସଳଖ ପହଂଚି ହେବ ବୋଲି ମନ୍ତ୍ରୀ ଡଃ ସାହୁ କହିଥିଲେ । ଏଥିସହିତ ବୈଠକରେ ଗାଇଗୋରୁଙ୍କ ଟୀକାକରଣ, ଔଷଧ ଯୋଗାଣ ଏବଂ ପଶୁ ଚିକିତ୍ସା କେନ୍ଦ୍ରଗୁଡ଼ିକର ଉନ୍ନତିକରଣ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା । ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର୍. ରଘୁ ପ୍ରସାଦ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ରନିାକର ରାଉତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ରାସ୍ତା ସମସ୍ୟାର ସମାଧାନ ନହେବାରୁ ଶେଷରେ ବିଡିଓଙ୍କୁ ଘେରିଲେ ଗ୍ରାମବାସୀ



ବାରିପଦା, ୦୩/୭ (ନି.ପ୍ର): ଚମ୍ପାଜର ଗ୍ରାମ ପଂଚାୟତ ଅଫିସ ଠାରୁ ମାତ୍ର ଅଢେଇ କିମି ଦୂରରେ ଅବସ୍ଥିତ ଅସନବଣି ଗାଁ । ପଂଚାୟତ କାର୍ଯ୍ୟାଳୟ ସାମନାରେ ଏହି ଗାଁକୁ ରାସ୍ତା । କିନ୍ତୁ ଏହି ରାସ୍ତାରେ ଚାରିଚକିଆ ଯାନ ଯାଇ ପାରିବନାହିଁ । ଟିକେ ବର୍ଷାହେଲେ ଏହି ରାସ୍ତାରେ ସାଇକେଲ କିମ୍ବା ମୋଟର ସାଇକେଲ ମଧ୍ୟ ଯାଇ ପାରିବନାହିଁ । ଏଠାରେ ଉପସ୍ଥାପନା କରାଯାଉଛି ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକ୍‌ର ଚମ୍ପାଝର ପଂଚାୟତ ଅସନବଣି ଗାଁ ର କଥା । ନିକଟରେ ଜଣେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଯାଇନ ପାରିବାରୁ ଗାଁ ଲୋକେ ରୋଗୀଙ୍କୁ ଖଟିଆରେ ନେଇ ଅଢେଇ କିମି ଯିବାପରେ ଆମ୍ବୁଲାନ୍ସ ପାଖରେ ପହଂଚାଇବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହି ଅସନବଣି ଗାଁରେ ବାସ କରନ୍ତି ୧୫୦ରୁ ଊର୍ଦ୍ଧ୍ୱ ପରିବାର । ଗ୍ରାମବାସୀମାନେ ସରପଂଚ ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ଏହି ଅଢେଇ କିମି ରାସ୍ତାର ସମସ୍ୟା ସମାଧାନ କରିବାକୁ ବାରମ୍ବାର ଦାବି ଜଣାଇ ଆସୁଥିଲେ । ହେଲେ ସମସ୍ୟାର ସମାଧାନର କୌଣସି ଫଳ ନମିଳିବାରୁ ଗତ କାଲି ୧ ତାରିଖ ଦିନ ଅସନବଣି ଗ୍ରାମବାସୀ ମାନେ ଠାକୁରମୁଣ୍ଡା ବ୍ଲକ୍ ଅଫିସ୍ ଘେରାଓ କରି ବିଡିଓଙ୍କୁ ଏହି ରାସ୍ତା ସମସ୍ୟାର ସମାଧାନ ପାଇଁ ପୁଣି ଦାବି କରିଥିବାର ଜଣାପଡିଛି । ଯଦି ରାସ୍ତା ସମସ୍ୟାର ସମାଧାନ ଶୀଘ୍ର କରାନଯାଏ ତେବେ ଗ୍ରାମବାସୀ ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି ।

## କଟକ ରେଳ ଷ୍ଟେସନ ଠାରେ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୩/୭ (ନି.ପ୍ର): ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର କଟକ ରେଳ ଷ୍ଟେସନ ଠାରେ ରେଳ କର୍ମଚାରୀ ଓ ରେଳ ବ୍ୟବହାରକାରୀ ମାନଙ୍କୁ କୋରୋନା ଭାଇରସ ସଂକ୍ରମଣ ଠାରୁ ଦୁରେଇ ରହିବା ପାଇଁ ବିଭିନ୍ନ ଉପାୟ ଓ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଛନ୍ତି । ଏହି ଅବସରରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ରାଜ କୁମାର ଓ ଅତିରିକ୍ତ ମୁଖ୍ୟ ମେଡିକାଲ ସୁପରିନଟେଣ୍ଡେଂଟ୍ ଡାକ୍ତର ପ୍ରଭାତ କୁମାର ପଟ୍ଟନାୟକ ମାସ୍କ ବ୍ୟବହାର, ହାତ ଧୋଇବାର ଅଭ୍ୟାସ, ସାମାଜିକ ଦୂରତ୍ୱ ପାଳନ ସହିତ କରୋନା ରୋଗକୁ ଜୟ କରିବା ପାଇଁ ବିଭିନ୍ନ ଉପାୟ ଓ ଅଭ୍ୟାସ ଗୁଡିକର ଆଲୋଚନା ଓ ପ୍ରଦର୍ଶନ କରିଥିଲେ ।

## ‘ରୂପାୟନ’ ପକ୍ଷରୁ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର, ୦୩/୭ (ନି.ପ୍ର): ଉପ-ଜିଲ୍ଲାପାଳ ପଦବୀରୁ ଅନ୍ୟ ପଦବୀକୁ ଅବସ୍ଥାପିତ ହେବାକୁ ଯାଉଥିବା ବାଲେଶ୍ୱର ଉପ-ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପାୟନ ପକ୍ଷରୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ପ୍ରଧାନ ଓ ମୁଖ୍ୟ ଉପଦେଷ୍ଟା ସୁବ୍ରତ କରଙ୍କ ସମେତ ଜୟଶ୍ରୀ ବିଶ୍ୱାଳ, ଦମୟନ୍ତୀ ପଣ୍ଡା, ଯଶୋଦା ନନ୍ଦନ ଆଶ, ବୀଣାପାଣି ନାୟକ, ମନୋଜ ବେହେରା ପ୍ରମୁଖ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସଦର ଉପଖଣ୍ଡରେ ଉପଜିଲ୍ଲାପାଳ ଭାବେ କାର୍ଯ୍ୟକାଳ ମଧ୍ୟରେ ପ୍ରତିଟି କ୍ଷେତ୍ରରେ ସେ ଲୋକଙ୍କୁ ସେବା ଯୋଗାଇ ଆସିଥିଲେ ବୋଲି ରୂପାୟନ କର୍ମକର୍ତ୍ତାମାନେ କହିଥିଲେ । ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ଶ୍ରୀ ମହାପାତ୍ର ସହାଧାରଣ ଜନତାଙ୍କ ସମେତ ସହଯୋଗୀ କର୍ମଚାରୀ ଓ ଅଧିକାରୀଙ୍କର ପ୍ରିୟପାତ୍ର ଥିଲେ ବୋଲି ସେମାନେ ମତ ଦେଇଥିଲେ । ସମ୍ବର୍ଦ୍ଧିତ ଅବସରରେ ଉପ-ଜିଲ୍ଲାପାଳ ଶ୍ରୀ ମହାପାତ୍ର ସନ୍ତୋଷ ପ୍ରକାଶ ସହ ବାଲେଶ୍ୱରବାସୀଙ୍କ ସହଯୋଗ ତାଙ୍କର ସବୁଦିନ ମନେ ରହିବ ବୋଲି କହିଥିଲେ ।

## ସର୍ବ ଭାରତୀୟ ଚିକିତ୍ସକ ଦିବସ ପାଳିତ ଓ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୩/୭ (ହି.ସ.) - ଗତକାଲି ହୋଟେଲ ବ୍ଲୁ ଭାଇନ ସମ୍ମିଳନୀ କକ୍ଷରେ ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଶାଖା ପକ୍ଷରୁ ସଂଘର ସଭାପତି ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସମ୍ପାଦକ ଡାକ୍ତର ହରେକୃଷ୍ଣ ନାୟକ ପ୍ରାରମ୍ଭିକ ସୂଚନା ଦେଇ ସ୍ୱର୍ଗତ ଡାକ୍ତର ବିଧାନ ରାୟଙ୍କ ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଆଲୋକପାତ କରିଥିଲେ । ବର୍ତ୍ତମାନର ମହାମାରୀ କୋଭିଡ଼ - ୧୯କୁ ଆଖି ଆଗରେ ରଖି ସାମାଜିକ ଦରତ୍ୱ ପାଳନ ସହ ସାଙ୍କେତିକ ରୂପେ ନିମ୍ନ ଲିଖିତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ଡାକ୍ତର ଦୁର୍ଯ୍ୟୋଧନ ଦାସ, ଡାକ୍ତର ଅନିଲ କୁମାର ଦାଶ, ଡାକ୍ତର ସୁରଥ ବିଶ୍ୱାଳ, ଡାକ୍ତର ରବୀନ୍ଦ୍ର ପାଣିଗ୍ରାହୀ, ଡା. ଭଗବାନ ଦୀକ୍ଷିତ, ଡାକ୍ତର ଶତୃଘ୍ନ ହାତୀ, ଡାକ୍ତର ସଂଗୀତା ବଳ, ଡାକ୍ତର ବିକାଶ ନନ୍ଦ, ସାରଥୀ ପଣ୍ଡା, ରଜତ ସାହୁ, ରବିନାରାୟଣ ଖୁଆ, ସଂଯୁକ୍ତା ଦଳେଇ, ଜ୍ୟୋତିଷ ଗୁପ୍ତା ପ୍ରମୁଖଙ୍କୁ ଡାକ୍ତର ପ୍ରଦୀପ ନାୟକ, ଡାକ୍ତର ଝସକେତନ ସାହୁ ଏବଂ ଡାକ୍ତର ଅଧର ନାୟକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ବିଶିଷ୍ଟ ଶିକ୍ଷାବିତ କୁମୁଦ ରଂଜନ ପଟ୍ଟନାୟକଙ୍କ ପରଲୋକ

ବୌଦ୍ଧ, ୦୩/୭ (ନି.ପ୍ର): ବୌଦ୍ଧ ସହରର ବିଶିଷ୍ଟ ଶିକ୍ଷାବିତ କୁମୁଦ ରଂଜନ ପଟ୍ଟନାୟକଙ୍କ ବୁଧବାର ରାତ୍ରୀରେ ନୂଆଦିଲ୍ଲୀ ଠାରେ ହୃଦଘାତରେ ପରଲୋକ ହୋଇଅଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ସେ କିଛି ଦିନ ହେଲା ଅସୁସ୍ଥ ରହୁଥିଲେ । ନୂଆଦିଲ୍ଲୀ ଠାରେ କାର୍ଯ୍ୟରତ ତାଙ୍କ ସାନପୁତ୍ର ଦିବ୍ୟରୂପ ପଟ୍ଟନାୟକଙ୍କ ପାଖକୁ କିଛିଦିନ ତଳେ ବୁଲିବାକୁ ଯାଇଥିଲେ । ଶେଷ ସମୟରେ ତାଙ୍କ ପତ୍ନୀ ଗାୟତ୍ରୀ ପଟ୍ଟନାୟକ, ସାନପୁଅ , ବହୁ ଏବଂ ନାତିନାତୁଣି ଉପସ୍ଥିତ ଥିଲେ । ସ୍ୱର୍ଗତ ପଟ୍ଟନାୟକ ସରକାରୀ ଶିକ୍ଷକ ଭାବେ ନିଜ ଜୀବନ ଅତିବାହିତ କରିଥିଲେ । ବିଲାସପୁର ହାଇସ୍କୁଲରେ ଶିକ୍ଷକତା କରି ୨୦୦୨ ମସିହାରେ ଅବସର ଗ୍ରହଣ କରିଥିଲେ । ତାଙ୍କର ଶେଷକୃତ୍ୟ ଶୁକ୍ରବାର ଦିନ ବୌଦ୍ଧ ରାଜଘାଟ ଠାରେ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ତାଙ୍କ ବଡପୁତ୍ର ସ୍ୱରୂପ ପଟ୍ଟନାୟକ ସୂଚନା ଦେଇଛନ୍ତି । ତାଙ୍କ ମରଶରୀରକୁ ଏକ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଅଣାଯାଉଅଛି ।

## ପାରିବାରିକ କଳହକୁ କେନ୍ଦ୍ରକରି ଭୁଜାଲି ମାଡ, ମହିଳା ଗୁରୁତର

ଭଦ୍ରକ, ୩/୭(ହି.ସ.) - ପାରିବାରିକ କଳହରୁ ମହିଳାଙ୍କୁ ଭୁଜାଲି ମାଡ ସହ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣରେ ୩ ଜଣ ଗୁରୁତର ହୋଇଥିବାର ଜଣାପଡିଛି । ସେମାନଙ୍କୁ ପ୍ରଥମେ ଧୂଷୁରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ପରେ ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି । ଏପରି ଏକ ଘଟଣା ଘଟିଛି ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନସ୍ଥ ଭଣ୍ଡାରିପଡା ଗାଁରେ, ଘର କାମ ଚାଲୁଥିବାବେଳେ ରେଣୁକା ନାୟକ, ତାଙ୍କ ପୁଅ ଓ ଝିଅଙ୍କୁ ତାଙ୍କର ଦିଅରମାନେ ମାରଣାସ୍ତ୍ର ସାହାଯ୍ୟରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏହି ଘଟଣାରେ ରେଣୁକାଙ୍କ ଦେହରେ ବିଭିନ୍ନ ସ୍ଥାନରେ ଭୁଜାଲିର ବଡ ବଡ କ୍ଷତ ଚିହ୍ନ ଥିବା ବେଳେ ମାଆଙ୍କୁ ରକ୍ଷା କରିବାକୁ ଯାଇ ପୁଅ ଓ ଝିଅ ଆହତ ହୋଇଥିଲେ । ପ୍ରଥମରେ ଏହି ୩ ଜଣଙ୍କୁ ଧୂଷୁରୀ ଡାକ୍ତରଖାନା ଓ ପରେ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏନେଇ ରେଣୁକାଙ୍କ ଝିଅ ପାୟଲ ଧୂଷୁରୀ ଥାନାରେ ଏତଲା ଦେଇଥିଲେ । ଧୂଷୁରୀ ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଦୁଇ ପରିବାର ମଧ୍ୟରେ ପୂର୍ବରୁ ଅନେକ ସମୟରେ କଳହ ଲାଗୁଥିଲେ । ଗତାକଲି କୌଣସି କାରଣରେ ଏମାନଙ୍କ ମଧ୍ୟରେ ବଚସା ହୋଇ ପରେ ଆକ୍ରମଣ ହୋଇଥିଲା ।

## ଫୁଲବାଣୀ ସମେତ ସମଗ୍ର ଜିଲାରେ ଫରେଷ୍ଟ ୱିକ୍ ପାଳନ,ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ

କନ୍ଧମାଳ, ୦୩/୭ (ନି.ପ୍ର): ଗତ ୧ ତାରିଖଠାରୁ କନ୍ଧମାଳ ଜିଲାରେ ଜଙ୍ଗଲ ବିଭାଗ ପକ୍ଷରୁ ଫରେଷ୍ଟ ୱିକ୍ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ ଗୁଡିକୁ ଚାରା ବଣ୍ଟନ କରାଯିବା ସହିତ ଅନେକ ଯାଗାରେ ବୃକ୍ଷ ରୋପଣ ମଧ୍ୟ କରାଯାଇଛି । ପ୍ରଥମେ ଫୁଲବାଣୀ ରେଞ୍ଜରଙ୍କ କାର୍ଯ୍ୟାଳୟ ଆଗରେ ଏକ ଷ୍ଟଲ ନିର୍ମାଣ କରାଯାଇ ସେଠାରେ ଲୋକଙ୍କୁ ବିଭିନ୍ନ ବୃକ୍ଷରଚାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଫୁଲବାଣୀ ଡିଏଫଓ ଲକ୍ଷ୍ମୀନାରାୟଣ ବେହେରା ଉଦଘାଟନ କରିଥିଲେ । ଏହି ଅବସରରେ ଏସିଏଫ୍ ବିକ୍ରମଦେବ ପଟ୍ଟନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଫୁଲବାଣୀ ରେଞ୍ଜ ଅଧିକାରୀ ସଚିଦାନନ୍ଦ ସେଠୀ ପରିଚାଳନା କରିଥିଲେ । ଆଜି ଫୁଲବାଣୀ ପବ୍ଲିକ ସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ କରାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଥିରେ ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନ,ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ପାତଞ୍ଜଳି ସାହୁ,ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସୁମତୀ ପଣ୍ଡା,ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ଆସନ୍ତା ସପ୍ତାହ ବ୍ୟପୀ ଜିଲାର ବିଭିନ୍ନ ଅଂଚଳରେ ବୃକ୍ଷ ରୋପଣ କରାଯିବା ସହିତ କଟ୍ରିଙ୍ଗିଆ,ଦୁତିପଡା ଓ ମା ନାରାୟଣୀ ମୁଣ୍ଡିଆରେ ବନ ବିଭାଗ ତରଫରୁ ବୃକ୍ଷ ରୋପଣ କରାଯିବା । ଏହି ଅବଧି ଭିତରେ ଜିଲାର ବିଭିନ୍ନ ଯାଗାରେ ଗାଡି ଯୋଗେ ବୁଲିବୁଲି ଲୋକଙ୍କୁ ବିଭିନ୍ନ ଗଛର ଚାରା ବିତରଣ କରାଯିବା କାର୍ଯ୍ୟକ୍ରମ ଥିବା ନେଇ ଫୁଲବାଣୀ ରେଞ୍ଜ ଅଶଧିକାରୀ ଶ୍ରୀ ସେଠୀ କହିଛନ୍ତି ।

## କେନ୍ଦୁଝର ଜିଲ୍ଲାରେ ଆଇ.ସି.ଡି.ଏସ୍. ଅନ୍ତର୍ଗତ ପ୍ରାକ୍ ବିଦ୍ୟାଳୟ ପିଲାଙ୍କ ସକାଳ ଜଳଖିଆରେ ସାମିଲ ହେଲା ମାଣ୍ଡିଆ ଲଡୁ

କେନ୍ଦୁଝର, ୦୩/୭ (ନି.ପ୍ର): ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି.ଏମ୍.ଏଫ.) ଫଣ୍ଡରେ କେନ୍ଦୁଝର ଜିଲ୍ଲାରେ ଆଇ.ସି.ଡି.ଏସ୍. ଅନ୍ତର୍ଗତ ପ୍ରାକ୍ ବିଦ୍ୟାଳୟ (୩ରୁ ୬ ବର୍ଷ ବୟସ୍କ) ଶିଶୁମାନଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡୁ ସାମିଲ୍ ହୋଇଛି । ଏହି ଉପଲକ୍ଷେ ଗୁରୁବାର ଦିନ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ କର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତାଙ୍କ ଉଦ୍‌ବୋଧନ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ସେମାନଙ୍କ ଖାଦ୍ୟ ମେନୁ ସହିତ ସପ୍ତାହରେ ଅତିରିକ୍ତ ଦୁଇଟି ମାଣ୍ଡିଆ ଲଡୁ ଦିଆଯିବ । ଶିଶୁମାନଙ୍କର ପୁଷ୍ଟିର ଅଭିବୃଦ୍ଧି ସହିତ କେନ୍ଦୁଝର ଜିଲ୍ଲାର ଜନଜାତିମାନଙ୍କର ପାରମ୍ପରିକ ଖାଦ୍ୟର ପୁନଃପ୍ରବର୍ତନ କରିବା, ମାଣ୍ଡିଅ ଚାଷ ଦ୍ୱାରା ଚାଷୀମାନେ ଉଚିତ୍ ମୂଲ୍ୟ ପାଇ ଲାଭବାନ୍ ହେବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଅତିରିକ୍ତ ଆୟ ଉତ୍ସ ବୃଦ୍ଧି କରିବା ଉକ୍ତ କର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଯେହେତୁ ଚାଉଳ/ଭାତ ତୁଳନାରେ ମାଣ୍ଡିଆରେ ଅଧିକ କ୍ୟାଲ୍‌ସିୟମ୍, ଲୌହସାର, ଫାଇବର, ମିନେରାଲସ୍ ଏବଂ ଆଂଟିଅକ୍ସିଡାଂଟ୍ସ୍ ବହୁ ପରିମାଣରେ ରହିଛି, ଏହା ଶିଶୁମାନଙ୍କର ପୁଷ୍ଟିସାଧନରେ ଉଲ୍ଲେଖନୀୟ କାର୍ଯ୍ୟ କରିବ । ମାଣ୍ଡିଆ ଲଡୁ ପ୍ରସ୍ତୁତ କରାଯାଇ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ବୁଧବାର ଓ ଶନିବାର ଦିନ ଶିଶୁମାନଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଖାଦ୍ୟ ସହିତ ଖାଇବାକୁ ଦିଆଯିବ । ବର୍ତମାନ କୋଭିଡ୍ ପରିସ୍ଥିତିରେ ଅଙ୍ଗନୱାଡି କେନ୍ଦ୍ର ଖୋଲାହେବା ପର୍ଯ୍ୟନ୍ତ ପ୍ରାକ୍ ରନ୍ଧା ଖାଦ୍ୟ, ରାଗି/ମାଣ୍ଡିଆ ଲଡୁ ମିକ୍ସ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଘରେ ଯୋଗାଇ ଦିଆଯିବ । ଘରେ ମାଆମାନେ ଲଡୁ ପ୍ରସ୍ତୁତ କରି ଶିଶୁଙ୍କୁ ଖାଇବା ପାଇଁ ଦେବେ । ଅଙ୍ଗନୱାଡି କେନ୍ଦ୍ର ଖୋଲା ହେଲେ ସେଠାରେ ଶିଶୁମାନଙ୍କୁ ଏହା ଖାଇବା ପାଇଁ ଦିଆଯିବ । ବିଭିନ୍ନ ଉଦ୍ୟୋଗ ପରିଚାଳନା କ୍ଷେତ୍ରରେ ଅଭିଜ୍ଞ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆ ଲଡୁ ମିକ୍ସ ପ୍ରସ୍ତୁତ କରିବେ । ଉତମମାନର ଏବଂ ସ୍ୱାସ୍ଥ୍ୟକର ମାଣ୍ଡିଆ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଯନ୍ତାଂଶ ସହ ମାଣ୍ଡିଆ ପ୍ରକ୍ରିୟାକରଣର ୟୁନିଟ୍ ସ୍ୱୟଂ ସହାୟକ ଗୋଷ୍ଠୀସ୍ତରରେ ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ଠାକରେ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ୨ ଜୁଲାଇ ୨୦୨୦ରୁ ସଦର ବ୍ଲକ୍‌ର ୩୩୫ଟି ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଯାଇଥିବା ଶିଶୁମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି । ପରେ ପରେ ଜିଲ୍ଲାର ୩୨୫୭ଟି ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିଶୁଙ୍କୁ ୧ ସେପ୍ଟେମ୍ବର ୨୦୨୦ ରୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କହିଥିଲେ । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନ୍ତର୍ଗତ କେନ୍ଦୁଝର ଜିଲ୍ଲର ଜନଜାତି ତଥା ଖଣି ଅଂଚଳରେ ମାଣ୍ଡିଆ ଚାଷର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଏହା ଅଂଶବିଶେଷ । ଏହି କାର୍ଯ୍ୟକ୍ରମରେ ଓଡିଶା ମିଲେଟ୍ ମିଶନ, କୃଷି ଓ କୃଷକ ସଶକ୍ତିକରଣ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସହଭାଗିତା ଏବଂ ଏନ୍.ସି.ଡି.ଏସ୍., ୱାସନ୍ ଓ ସି.ଏସ୍.ଆଇ.ଆର୍. – ସି.ଏଫ୍.ଟି.ଆର୍. ଆଇ ଙ୍କ ବୈଷୟିକ ସହଯୋଗ ରହିଛି । ଜିଲ୍ଲାରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧି, ବ୍ୟବହାର, ପ୍ରକ୍ରିୟା କରଣ ଏବଂ ବିପଣନର ଅଭିବୃଦ୍ଧି କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ଡି.ଏମ୍.ଏଫ୍. ତରଫରୁ ବାର୍ଷିକ ୧.୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ପ୍ରକାଶ କରିଥିଲେ । ମାଣ୍ଡିଆର ବିକେନ୍ଦ୍ରୀକରଣ ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ, ଯୋଗାଣ ଏବଂ ବ୍ୟବହାର କ୍ଷେତ୍ରରେ ସମଗ୍ର ଦେଶରେ ଏହା ଏକ ଅନନ୍ୟ ପଦକ୍ଷେପ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବଣମୂଳକରେ ଥିବା ଅଂଚଳରେ ଖାଦ୍ୟାଭାବ ସମୟରେ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟ ବଂଚିବାର ରାହା ଯୋଗାଉଥିଲା । ଏହା ଅତ୍ୟନ୍ତ ପୁଷ୍ଟିକର ଏବଂ ଏଥିରେ ଔଷଧୀୟ ଗୁଣ ରହିଛି । ଜିଲ୍ଲାରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଯୋଗାଇବା ଏକ ଉଲ୍ଲେଖନୀୟ ପଦକ୍ଷେପ । ଜିଲ୍ଲାରେ ମାଣ୍ଡିଆ ଚାଷର ଉନ୍ନତି କରାଗଲେ ଆର୍ଥିକ ବିକାଶ ଦିଗରେ ଏହା ସହାୟକ ହେବ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜିବ ବାରିକ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସତ୍ୟ ପ୍ରିୟଦର୍ଶନୀ ସାହୁ ଏ ସଂପର୍କରେ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଡି.ଏମ୍.ଏଫ୍‌ର ସିନିୟର ପ୍ରୋଜେକ୍ଟ ଅଫିସର ଶିଶିର ସାହୁ ପାୱାରପଂଏଂଟ୍ ପ୍ରେଜେନ୍‌ଟେସନ ମାଧ୍ୟମରେ କାର୍ଯ୍ୟକ୍ରମ ସଂପର୍କିତ ବିବରଣୀ ଉପସ୍ଥାପନ କରିଥିଲେ । ଓଡିଶା ମିଲେଟ୍ ମିଶନର ରାଜ୍ୟ ସଂଯୋଜିକା ଅସୀମା ଚୌଧୁରୀ ଓଡିଶା ମିଲେଟ୍ ମିଶନର କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରିବା ସହ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଡି.ଏମ୍.ଏଫ୍‌ର ଟିମ୍ ଲିଡର ଶ୍ରୀ ପ୍ରସନ୍ନା କ୍ରୀଷ୍ଣନ୍‌ଙ୍କ ନେତୃତ୍ୱରେ କମ୍ୟୁନିକେସନ୍ ଅଫିସର ସୁମନ୍ତ କୁମାର ମୁଦୁଲି ଏବଂ ଡି.ଏମ୍.ଏଫ୍‌ର କର୍ମକର୍ତା କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । କୋଭିଡ୍ ଗାଇନ୍ ଲାଇନ୍ ଅନୁପାଳନ ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ନୂଆ ରେକର୍ଡ

## ଚଳିତ ବର୍ଷ ୧୩ ହଜାର ୩୦୦ ମେଟ୍ରିକ୍ ଟନ୍ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ

ଭୁବନେଶ୍ୱର, ୦୩/୭ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ଓଡ଼ିଶା ଆଦିବାସୀ ସମବାୟ ଉନ୍ନୟନ ନିଗମ ଲିମିଟେଡ୍ ? (ଟି.ଡି.ସି.ସି.ଓ.ଏଲ୍) ନୋଡାଲ୍ ଏଜେନ୍ସି ଭାବେ ଲଘୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରୁଛନ୍ତି । ରାଜ୍ୟରେ ଟି.ଡି.ସି.ସି.ଓ.ଏଲ୍ ଦ୍ୱାରା ଲଘୁ ବନଜାତ ଦ୍ରବ୍ୟ ସ୍କିମ୍ କାର୍ଯ୍ୟକାରୀ ହେଉଛି । ପ୍ରାଥମିକ ସଂଗ୍ରହକାରୀ ନେଟ୍‌ୱାର୍କ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି (ଭି.ଏସ୍.ଏସ୍), ବନ୍ଧନ ବିକାଶ କେନ୍ଦ୍ର ମିଳିତ ଭାବେ ଲଘୁ ବନଜାତ ଯୋଜନାକୁ ତ୍ୱରାନ୍ୱିତ କରୁଛନ୍ତି । ରାଜ୍ୟର ମୁଖ୍ୟତଃ ୧୩ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଶାଳ ମଂଜି, ମଂଜି ତେନ୍ତୁଳି, ଚାର ମଂଜି, ପାହାଡ଼ି ଝାଡୁ ଇତ୍ୟାଦି ପ୍ରଚୁର ପରିମାଣରେ ଉପଲବ୍ଧ ହେଉଛି । ତେଣୁ, ଲଘୁ ବନ ଜାତ ଦ୍ରବ୍ୟ ସଂଗ୍ରହ କାର୍ଯ୍ୟ ତ୍ୱରିତ ଭାବେ ଆଗେଇ ଚାଲିଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଟି.ଡି.ସି.ସି.ଓ.ଏଲ୍ ୧୩ ହଜାର ୩୦୦ ମେଟ୍ରିକ୍ ଟନ୍ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିଛି । ଏହାର ମୂଲ୍ୟ ୨୮ କୋଟି ୧୦ ଲକ୍ଷ ଯାହାକି ଗତ ଛଅ ବର୍ଷର ସମୁଦାୟ ମୂଲ୍ୟଠାରୁ ଅଧିକ । ଗତ ଛଅ ବର୍ଷରେ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ମୂଲ୍ୟ ୪ କୋଟି ୯ ଲକ୍ଷ ହୋଇଥିଲା । ଏ ବର୍ଷ ଟି.ଡି.ସି.ସି.ଓ.ଏଲ୍ ପକ୍ଷରୁ ୩୭୦ଟି ସଂଗ୍ରହ କେନ୍ଦ୍ର ଜରିଆରେ ଗ୍ରାମାଂଚଳରେ ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ସଂଗ୍ରହକାରୀଙ୍କଠାରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଇଛି । ଏହା ଦ୍ୱାରା ୩୨ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ଆଦିବାସୀ ସଂଗ୍ରହକାରୀ ଉପକୃତ ହୋଇଛନ୍ତି । ଗତ ଛଅ ବର୍ଷରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ସ୍କିମ୍ ଦ୍ୱାରା ୧୨ ହଜାର ୫୦୦ ପ୍ରାଥମିକ ଆଦିବାସୀ ସଂଗ୍ରହକାରୀ ଉପକୃତ ହୋଇଥିଲେ । ମଧ୍ୟସ୍ଥିଙ୍କ ଦ୍ୱାରା ବେଆଇନ୍ ବିକ୍ରୟ ଓ ଶୋଷଣକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରାଥମିକ ଆଦିବାସୀ ସଂଗ୍ରହକାରୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଅର୍ଥ ପଠାଇବା ପାଇଁ ନିର୍ଦ୍ଦେଶ ରହିଛି । ଟି.ଡି.ସି.ସି.ଓ.ଏଲ୍ ପକ୍ଷରୁ ସମଗ୍ର ଲଘୁ ବନଜାତ ସଂଗ୍ରହ ପ୍ରକ୍ରିୟାକୁ ସ୍ୱୟଂ ଚାଳିତ କରାଯାଇଛି । ଆଗାମୀ ଶସ୍ୟ ସଂଗ୍ରହ ଋତୁରେ ଏହି ପ୍ରକ୍ରିୟାକୁ ଧାନ ସଂଗ୍ରହ ସ୍ୱୟଂକ୍ରିୟ ବ୍ୟବସ୍ଥା (ପି.ପି.ଏ.ଏସ୍) ଓ ସ୍ୱୟଂଚାଳିତ ଶସ୍ୟ କ୍ରୟ ବ୍ୟବସ୍ଥା (ଏମ୍-ପି.ଏ.ଏସ୍) ଭଳି ସ୍ୱୟଂଚାଳିତ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି । ପ୍ରତ୍ୟକ୍ଷ ସୁବିଧାହସ୍ତାନ୍ତର (ଡି.ବି.ଟି) ବ୍ୟବସ୍ଥା ଦ୍ୱାରା ଶସ୍ୟ ସଂଗ୍ରହ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ଓ କ୍ରିୟାଶୀଳ ହୋଇପାରିବ । ଚଳିତବର୍ଷର ଶସ୍ୟ ସଂଗ୍ରହ ପ୍ରକ୍ରିୟାରେ ‘ବନ୍ଧନ ବିକାଶ କେନ୍ଦ୍ର’ ଅଂଶ ଗ୍ରହଣ କରିଛି । ଏତଦ୍ ବ୍ୟତୀତ ଭି.ଡି.ଭି.କେ.ଏସ୍ ପକ୍ଷରୁ ଶସ୍ୟଦ୍ରବ୍ୟଗୁଡ଼ିକର ପ୍ୟାକେଟ୍ ଓ ବ୍ରାଣ୍ଡ ପ୍ରସ୍ତୁତି କରିବା ସହିତ ଲଘୁ ବନଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରାଯାଉଛି । ସ୍ଥାନୀୟ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ମୂଲ୍ୟଯୁକ୍ତ ନିମନ୍ତେ ଭି.ଡି.ଭି.କେ ସାଧାରଣ ସୁବିଧା କେନ୍ଦ୍ର ଭାବେ କାର୍ଯ୍ୟ କରୁଛି । ଏହା କୋଭିଡ୍ ସମୟରେ ଆଦିବାସୀମାନଙ୍କର ଆୟ ବୃଦ୍ଧିରେ ସହାୟକ ହୋଇପାରିଛି ।

# ଶ୍ରମ ଆଇନ୍ ସଂଶୋଧନ-ତୈଳଦର ବୃଦ୍ଧିକୁ ବିରୋଧ

## ଟିୟୁଏସିସି ପକ୍ଷରୁ ବାଲେଶ୍ୱରରେ ବିକ୍ଷୋଭ




ବାଲେଶ୍ୱର,୩।୭ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଜାତୀୟ ଫେଡେରେସନ୍‌ମାନଙ୍କ ଆହ୍ୱାନ କ୍ରମେ ବାଲେଶ୍ୱରରେ ଶ୍ରମିକ-କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟି.ୟୁ.ଏ.ସି.ସି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରିଟିପୂର୍ଣ୍ଣ ନିଷ୍ପତି ବିରୋଧରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏନେଇ ଏକ ବିରାଟ ଶୋଭାଯାତ୍ରା ଶୁକ୍ରବାର ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେସନରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ଶୋଭାଯାତ୍ରାକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଟି.ୟୁ.ଏ.ସି.ସି.ର ଚେୟାରମେନ୍ ତଥା ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ ଓ ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ଓ ରାଜ୍ୟସରକାର ଶ୍ରମିକଶ୍ରେଣୀ ଦୀର୍ଘବର୍ଷଧରି ସଂଗ୍ରାମ ଫଳରେ ହାସଲ କରିଥିବା ଆଇନ୍‌ଗୁଡ଼ିକୁ ସଂଶୋଧନ ଆଳରେ ପ୍ରତ୍ୟାହାର କରିବା ଉଦ୍ୟମକୁ ଦୃଢ଼ ନିନ୍ଦା କରିଥିଲେ । ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏ.ଆଇ.ଟି.ୟୁ.ସି.ର ଭାଗବତ ପ୍ରତିହାରୀ ଓ ଜୟନ୍ତ ଦାସ, ସି.ଆଇ.ଟି.ୟୁ. ପକ୍ଷରୁ ନିକୁଞ୍ଜ ବସନ୍ତ ରାୟ ଓ ନିର୍ମଳ ନାୟକ, ଆଇ.ଏନ୍.ଟି.ୟୁ.ସି. ପକ୍ଷରୁ ସୁରେଶଚନ୍ଦ୍ର ବେହେରା, ବାସନ୍ତୀ ସାମଲ, ଏଚ୍.ଏମ୍.ଏସ୍ ପକ୍ଷରୁ ଶମ୍ଭୁନାଥ ଦାଶ, ଏ.ଆଇ.ୟୁ.ଟି.ୟୁ.ସି. ପକ୍ଷରୁ ଉମାକାନ୍ତ ଦାସ, ଚାଷୀ ଏକତା ମଞ୍ଚର ସଭାପତି ଅରୁଣ ଜେନାଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶେଖ୍ ସଲାଉଦ୍ଦିନ୍, ମୋହିନୀ ମୋହନ ପରିଡ଼ା, ଈଷାଣୀ ଷଡ଼ଙ୍ଗୀ, ରାଜକିଶୋର ଲେଙ୍କା, ଗୌରୀ ଦାସ ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଓ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ । ସାଂପ୍ରତିକ କରୋନା ମହାମାରୀର ଜାତୀୟ ବିପତ୍ତିବେଳେ ପେଟ୍ରୋଲ୍ ଓ ଡିଜେଲ୍‌ର ଲଗାତର ଦରବୃଦ୍ଧିକୁ ବକ୍ତାମାନେ ଦୃଢ଼ବିରୋଧ କରିଥିଲେ । କରୋନା ମହାମାରୀ ସମୟରେ ଶ୍ରମଜୀବୀ ଜନଗଣ ନିଜର ଜୀବିକା ହରାଇଥିବାବେଳେ ଆୟକର ଦେଉନଥିବା ପରିବାରଙ୍କୁ ମାସିକ ୭୫୦୦ ଟଙ୍କା, ସମସ୍ତ ରେଶନ କାର୍ଡ଼ଧାରୀଙ୍କୁ ମାସିକ ମୁଣ୍ଡପିଛା ୧୦ କେ.ଜି. ଚାଉଳ/ଗହମ, ରେସନକାର୍ଡ଼ ପାଇନଥିବା ସମସ୍ତଙ୍କୁ ରେସନ କାର୍ଡ଼, ପ୍ରବାସୀ ଶ୍ରମିକ ଓ ସମସ୍ତ ଶ୍ରମଜୀବୀ ଜନଗଣଙ୍କୁ ବର୍ଷକୁ ସର୍ବନିମ୍ନ ୨୦୦ଦିନ ନିଶ୍ଚିତ ରୋଜଗାର ଓ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ବକ୍ତାମାନେ ଦୃଢ଼ ଦାବିକରିଥିଲେ । ମାଲିକମାନଙ୍କ ସପକ୍ଷରେ ଶ୍ରମଆଇନ୍ ସଂଶୋଧନ, ୮ଘଣ୍ଟା କାର୍ଯ୍ୟଦିବସକୁ ୧୨ଘଣ୍ଟାକୁ ବୃଦ୍ଧି, ଶ୍ରମିକ ଛଟେଇ ଓ ବେତନ କାଟ, କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ବେତନ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଓ ମହଙ୍ଗାଭତ୍ତା କାଟ, ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜିପ୍ରତ୍ୟାହାର, ପରିବହନ ଶିଳ୍ପରେ କଳା ଆଇନ୍, ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜିନିବେଶ, ବୃହତ ଶିଳ୍ପପତିମାନଙ୍କୁ କୃଷିକ୍ଷେତ୍ରରେ ଏକଚାଟିଆ ମୁନାଫା ଓ ଠିକାଚାଷକୁ ସୁଯୋଗ ଦେବା, ସ୍ଥାୟୀ କାମରେ ଠିକା ନିଯୁକ୍ତି ନୀତିକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟାହାର କରିବାକୁ ଏହି ବିକ୍ଷୋଭ ସଭାରେ ଦାବି କରାଯାଇଛି । ବିକ୍ଷୋଭ ସ୍ଥଳରୁ ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୧୫ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ । ଏହି ଦାବିପତ୍ରକୁ ଡେପୁଟି କଲେକ୍ଟର ସ୍ନିଗ୍‌ଧା ମହାପାତ୍ର ଗ୍ରହଣ କରିଥିଲେ । ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶରେ ସଞ୍ଜିବ ଗିରି, ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ପାତ୍ର, ଶଶିକାନ୍ତ ବେହେରା, ଆବିଦ୍ ଖାଁ, ଟିପିରି ସିଂ, ବେଣୁଧର ବାରିକ୍, ସନ୍ଧ୍ୟା ଦାସମଜୁମଦାର, ମୃତ୍ୟୁଞ୍ଜୟ ରାଉତ, ବନ୍ଦନା ବିଶ୍ୱାସ, ପ୍ରତିମା ପଣ୍ଡା, ଭାରତୀ ପଣ୍ଡା, ପ୍ରଜ୍ଞାପାରମିତା ମହାନ୍ତି, ବିଧାନ ଚନ୍ଦ୍ର ରାୟ, ଶରତ ଚନ୍ଦ୍ର ଦଳାଇ, ଯତୀନ୍ ପାତ୍ର, ତପନ ସିଟ୍, ସନ୍ତୋଷ ରଣା ଓ ସୁରଜିତ୍ ପୋଥାଳ ପ୍ରମୁଖ ନେତୃତ୍ୱ ନେଇଥିଲେ । ପ୍ରେମରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ ।

# ବିରଳା ଟାୟାର୍ସ ସମ୍ମୁଖରେ ଶ୍ରମିକ ପରିବାରଙ୍କ ଧାରଣା



ବାଲେଶ୍ୱର,୩।୭ (ନି.ପ୍ର): ବିରଳା ଟାୟାର୍ସର ଶ୍ରମିକଙ୍କ ଦୀର୍ଘ ୮ ମାସର ବକେୟା ଦରମା ଓ ବୋନସ୍ ଅର୍ଥ ପ୍ରଦାନ ନେଇ ବାରମ୍ବାର ହୋଇଆସୁଥିବା ଦାବି ଆଜି ବିସ୍ଫୋରକ ରୂପ ନେଇଥିବା ଲକ୍ଷ୍ୟ କରାଯାଇଛି । ପୂର୍ବରୁ ବିଭିନ୍ନ ସଂଗଠନ ଓ ନେତାଙ୍କ ଜରିଆରେ ନିଜର ହକ୍ ଉପସ୍ଥାପନ କରି କିଛି ସୁଫଳ ନପାଇବା ଯୋଗୁଁ ଆଜି ପରିବାର ସହ ଶ୍ରମିକମାନେ ବିରଳା ଟାୟାର୍ସ ଶିଳ୍ପାନୁଷ୍ଠାନ ଆଗରେ ଧାରଣା ଦେଇଥିଲେ । ଫଳରେ କର୍ମଚାରୀ ଓ ଅଧିକାରୀମାନେ ବାହାରକୁ ଆସିପାରୁ ନଥିଲେ କିମ୍ବା କାରଖାନା ମଧ୍ୟକୁ ପ୍ରବେଶ କରି ପାରିନଥିଲେ । ସକାଳଠାରୁ ରାତି ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିଥିଲା । ସଂଧ୍ୟାରେ ରେମୁଣା ତହସିଲଦାର, ସଦର ଏସଡିପିଓ ଓ ଶିଳ୍ପାଞ୍ଚଳ ଥାନାଧିକାରୀ ଧାରଣାସ୍ଥଳରେ ପହଞ୍ଚି ଶ୍ରମିକ ଓ ସେମାନଙ୍କ ପରିବାର ସହ ଆଲୋଚନା କରିଥିଲେ । ପରେ ଧାରଣାରତ ଶ୍ରମିକଙ୍କ ମଧ୍ୟରୁ ଏକ ୭ ଜଣିଆ ପ୍ରତିନିଧି ଦଳ କାରଖାନା ମଧ୍ୟକୁ ଯାଇ ଶିଳ୍ପାନୁଷ୍ଠାନ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । କାରଖାନାର ଅଚଳାବସ୍ଥା ସମୟରେ ଶ୍ରମିକଙ୍କ ଦାବି ପୂରଣ ସମ୍ଭବ ନୁହେଁ ବୋଲି ବିର୍ଲା ଟାୟାର୍ସ ଅଧିକାରୀମାନେ କହିଥିଲେ ଏବଂ ପରବର୍ତ୍ତୀ ସମୟରେ ଏନେଇ ଉଚ୍ଚପଦାଧିକାରୀଙ୍କ ସହ ଆଲୋଚନା କରିବା ନେଇ ସେମାନେ ପ୍ରତିଶ୍ରୁତି ବି ଦେଇଥିଲେ । ମାତ୍ର ଶ୍ରମିକପ୍ରତିନିଧିମାନେ ଏଥି ପ୍ରତି କର୍ଣ୍ଣପାତ ନ କରି ଦାବିରେ ଅଡ଼ିବସିଥିଲେ । ରାତି ୯ଟା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିଲେ ବି କୌଣସି ନିଷ୍କର୍ଷ ବାହାରି ନଥିଲା ।

# ରାଇବଣିଆ ଅଂଚଳର ପ୍ରବୀଣ ଶିକ୍ଷକ ପ୍ରୋମଦ ସାର୍‌ଙ୍କ ପରଲୋକ

ଜଳେଶ୍ୱର,୩।୭(ନିପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ଗାଁର ତଥା ସେ ଅଂଚଳର ଜଣେ ଗଣ୍ୟମାନ୍ୟ ଶିକ୍ଷକ, ଅତିତର ସିଆର୍‌ସି, ଜଣେ ବଂଧୁ ବତ୍ସଳ, ସଂଗଠକ, ଚିତ୍ରକର, ସଂଗୀତକାର ଭାବେ ପରିଚିତ ପ୍ରମୋଦ କୁମାର ଚାନ୍ଦଙ୍କର ୬୧ବର୍ଷ ବର୍ଷ ବୟସରେ ଆଜି ସକାଳେ ପରଲୋକ ହୋଇଛି । ଗାଁରେ ଥିବା ଜଗନ୍ନାଥ ମନ୍ଦିରର ବାହୁଡା ଯାତ୍ରାରେ ବିଭିନ୍ନକାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ । ଗତ ରାତିରେ ଛାତି ଯନ୍ତ୍ରଣା ହେବାରୁ ଭୋର ୫ଟାରେ ଜଳେଶ୍ୱର ଉଚ୍ଚର ହସ୍‌ପିଟାଲକୁ ଆଣିଥିଲେ ହେଁ ଡାଙ୍କର ତାଙ୍କୁ ମୃତ ଘୋଷଣା କରିଥିଲେ । ଖୁଆଡ ଏମ୍‌ଇ ସ୍କୁଲରେ ଚାକିରି ଆରମ୍ଭ କରି ପରେ ଘୋଳେଇ ପ୍ରାଥମିକ ବିଦ୍ୟାଳୟ ଓ ପରେ ଲୁହାପଡାର ନୂଆଗାଁ ପ୍ରାଥମିକ ବିଦ୍ୟାଳର ପ୍ରଧାନ ଶିକ୍ଷକଭାବେ କାଯର୍ଯ କରିଥିବା ବେଳେ ଦୀର୍ଘ ୭ବର୍ଷ ଧରି ସିଆର୍‌ସିଭାବେ ଦକ୍ଷତାର ସହ କାହର୍ଯକରି ୨୦୧୯ ଜୁନ୍ ମାସରେ ଅବସର ଗ୍ରହଣ କରିଥିଲେ । ତାଙ୍କର ରଚିତ ସଂଗୀତ ଏବେବି ଖୁଆଡସ୍ଥିତ କସ୍ତୁରବା ଆଶ୍ରମ ସ୍କୁଲରେ ଗାନ କରାଯାଇ ଆସୁଛି । ତାଙ୍କର ୨ପୁଅ ଓ ୨ଝିଅ ସ୍ତ୍ରୀ, ଭାଇ ଉପସ୍ଥିତ ଥିବା ବଡପୁଅ ଉତ୍କଳ କେଶରୀ ଚନ୍ଦ ନିଜ ଜନ୍ମ ମାଟିରେ ମୁଖାଗ୍ନିତ କରିବେ ବୋଲି ଜଣାଯାଇଛି । ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ତାଙ୍କୁ ଏକ ବିରାଟ ପଡୁଆରରେ ଅନ୍ତିମ ସଂସ୍କାରସ୍ଥାନ ପଯର୍ଯନ୍ତ ନେଇଯାଇଥିଲେ ।

# ଆକ୍ସିଡ଼େଣ୍ଟ ମନିଟରିଂ ସିଷ୍ଟମ୍ ଅନ-ଲାଇନ୍ ସେବା ଲୋକାର୍ପିତ

ଭୁବନେଶ୍ୱର,୩।୭ (ନି.ପ୍ର): ରାଜ୍ୟରେ ଥିବା କାରଖାନାଗୁଡ଼ିକରେ ଘଟୁଥିବା ଦୁର୍ଘଟଣାର ସଠିକ ରିପୋର୍ଟିଂ ଏବଂ ଟ୍ରାକିଂ ପାଇଁ ରାଜ୍ୟ ସରକାରଙ୍କର ଗ୍ରାମୀଣ ଉନ୍ନୟନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ ଆକ୍ସିଡ଼େଣ୍ଟ ମନିଟରିଂ ସିଷ୍ଟମ୍ ଶୀର୍ଷକ ଏକ ଅନ-ଲାଇନ୍ ସେବା ବ୍ୟବସ୍ଥାକୁ ଗତକାଲି ଲୋକସେବା ଭବନରୁ ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ଏହା ରାଜ୍ୟ ସରକାରଙ୍କ ଅଧିନସ୍ଥ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ୫ ଟି କାର୍ଯ୍ୟକ୍ରମରେ ଏକ ନୂଆ ପଦକ୍ଷେପ । ଏହି ନୂତନ ସିଷ୍ଟମ୍ ବ୍ୟବହାର ଦ୍ୱାରା ଫ୍ୟାକ୍ଟ୍ରୀଗୁଡ଼ିକରେ ଘଟୁଥିବା ଦୁର୍ଘଟଣାର ରିପୋର୍ଟିଂ ଶୀଘ୍ର ହୋଇପାରିବ ଓ ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥା ଖୁବ୍ ସହଜ ହେବ । ଏହାର ମୂଳ ଲକ୍ଷ୍ୟ ହେଉଛି – କାର୍ଯ୍ୟଦକ୍ଷତା ବୃଦ୍ଧି, ବିଭାଗୀୟ ଅଧିକାରୀ ତଥା ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଉନ୍ନତ ନିଷ୍ପତ୍ତି ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବା । ଏହି ପୋର୍ଟାଲ୍‌ର ସୁବିଧା ପାଇବା ପାଇଁ ଫ୍ୟାକ୍ଟ୍ରୀଗୁଡ଼ିକ ଅନ-ଲାଇନ୍ ଜରିଆରେ ନିଜକୁ ଏହି ପୋର୍ଟାଲ୍‌ରେ ପ୍ରଥମେ ପଞ୍ଜୀକୃତ କରାଇବେ । ପୂର୍ବରୁ ମାନୁ୍ୟଆଲ୍ ଜରିଆରେ ଦେଉଥିବା ଦୁର୍ଘଟଣା ବିବୃତି ବା ଆକ୍ସିଡ଼େଣ୍ଟ ରିପୋର୍ଟ (ଫର୍ମ ୧୮) ଏବଂ ତତ୍ ସମ୍ବନ୍ଧୀୟ ସମସ୍ତ ବିବରଣୀ ଅଧୁନା ଉପରୋକ୍ତ ଅନ୍-ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ପ୍ରଦାନ କରିପାରିବେ । ଏଥି ସହିତ, ଦୁର୍ଘଟଣା ସମ୍ବନ୍ଧୀୟ ପ୍ରାରମ୍ଭିକ ରିପୋର୍ଟ, ନିଷେଧାଦେଶ, ଅପ୍ ନିରୀକ୍ଷଣ ରିପୋର୍ଟ, ନିଷେଧାଦେଶ ପ୍ରତ୍ୟାହାର, ନିର୍ଣ୍ଣାୟକ ଅନୁସଂଧାନ ରିପୋର୍ଟ, ପ୍ରୋସିକ୍ୟୁସନ୍ ରିପୋର୍ଟ, ସୁପରଭାଇଜରୀ ଅଧିକାରୀଙ୍କ ରିପୋର୍ଟ, ସ୍ୱୟଂଚାଳିତ ଭାବେ ଅପ୍‌ଡ଼େଟ୍ ହୋଇପାରିବ । ଏଥିରେ ଟ୍ରାକିଂ ଓ ମନିଟରିଂ ସହଜ କରିବା ପାଇଁ ଡ଼୍ୟାସ୍ ବୋର୍ଡ଼ରେ ଆନାଲିସିସ୍‌ର ବ୍ୟବସ୍ଥା ରହିଅଛି । ଡ଼ିଭିଜନ୍ ଓ ଜୋନ୍ ସ୍ତରୀୟ ଦୁର୍ଘଟଣାର ସ୍ଥିତି ଜାଣିବା ପାଇଁ ସୁବିଧା ରହିଛି । ଏଥି ସହିତ ପ୍ରତ୍ୟେକଟି ଦୁର୍ଘଟଣା ଓ କ୍ଷତିଗ୍ରସ୍ତ ଶ୍ରମିକଙ୍କର ସବିଶେଷ ବିବରଣୀ ଏହି ପୋର୍ଟାଲ୍‌ରେ ଉପଲବ୍ଧ ହେବ । ଏହି ପୋର୍ଟଲ୍ ମାଧ୍ୟମରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସମସ୍ତ ଅଧିକାରୀ ଯଥା ଡ଼ାଇରେକ୍ଟର, ଜଏଣ୍ଟ ଡ଼ାଇରେକ୍ଟର, ଡ଼େପୁଟି ଡ଼ାଇରେକ୍ଟର ଏବଂ ଆସିଷ୍ଟାଣ୍ଟ ଡ଼ାଇରେକ୍ଟର ଡ଼୍ୟାସ୍ ବୋର୍ଡ଼ ଏବଂ ଏମ.ଆଇ.ଏସ୍. ରିପୋର୍ଟ ଦ୍ୱାରା ଟ୍ରାକିଂ ଏବଂ ମନିଟରିଂ କରିବା ସହ ଯଥା ସମୟରେ ସଠିକ ନିଷ୍ପତି ନେବାରେ ଏହି ପୋର୍ଟାଲ୍ ସହାୟକ ହୋଇପାରିବ । ଏହି ଭରଚ୍ୟୁଆଲ୍ ଲୋକାର୍ପଣ ଉତ୍ସବରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସମସ୍ତ ବିଭାଗୀୟ ଅଧିକାରୀ ତଥା ରାଜ୍ୟର ପ୍ରମୁଖ କଳକାରଖାନାଗୁଡ଼ିକର ପ୍ରତିନିଧିଗଣ ନିଜ ନିଜ ଅଂଚଳରେ ଥିବା ଏନ.ଆଇ.ସି. କେନ୍ଦ୍ରରେ ଉପସ୍ଥିତ ରହି ଯୋଗଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ଦୁର୍ଘଟଣା ହ୍ରାସ କରାଇବା ଉଦ୍ଦେଶ୍ୟରେ ସଚେତନତା, ଭାଗିଦାରୀ, ଉତ୍ତରଦାୟିତ୍ୱ, ଟେକ୍ନୋଲୋଜିର ପ୍ରୟୋଗ, ଶ୍ରମିକ ସଶକ୍ତିକରଣ, ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଦୁର୍ଘଟଣା ଅନୁସନ୍ଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀମତୀ ଅନୁ ଗର୍ଗ, ଆଇ.ଏ.ଏସ୍., ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମାର ପ୍ରମୁଖ ଶାସନ ସଚିବ ନିରୀକ୍ଷଣରେ ଗୁଣବତ୍ତା ଓ ପାରଦର୍ଶିତା ବୃଦ୍ଧି, ସୁରକ୍ଷା ଏବଂ ଶୂନ୍ୟ ଦୁର୍ଘଟଣା ଦିଗରେ ପ୍ରୟାସ, ବଏଲର ଏବଂ ବିପଦ୍‌ଜନକ ପ୍ରୋସେସ୍ ଥିବା କାରଖାନାମାନଙ୍କ ଉପରେ ବିଶେଷ ଧ୍ୟାନ ଦେବା ସଙ୍ଗେ ସଙ୍ଗେ ନିର୍ଦ୍ଧାରିତ ସମୟରେ ଅନ-ଲାଇନ୍ ଆପ୍ଲିକେସନ୍‌ର ତ୍ୱରିତ ଅନୁମୋଦନ ଉପରେ ଗୁରୁତ୍ୱ ଦେବା ପାଇଁ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡ଼ା. ଏନ୍. ଥିରୁମାଲା ନାୟକ, ଆଇ.ଏ.ଏସ୍., କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶକ ସ୍ୱାଗତ ଭାଷଣ ପ୍ରଦାନ କରି ନିର୍ଦ୍ଦେଶାଳୟର ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ ଏବଂ ଫିଲ୍ଡ ଅଧିକାରୀମାନଙ୍କୁ ୧୦-ସୂତ୍ରୀ କାର୍ଯ୍ୟକ୍ରମ, ଦୁର୍ଘଟଣା ନିରାକାରଣ ଏବଂ ଏସଓପି ପାଳନ ଆଦି କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୮୫୧ କରୋନା ପରୀକ୍ଷଣ

ଭୁବନେଶ୍ୱର,୩।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬୮୫୧ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୮୧୫୨୩ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ପାରାଦ୍ୱୀପରେ ଟ୍ରକ୍ ଚାଳକଙ୍କ ବେପରୁଆ ଗାଡି ଚାଳନା : ଡିଭାଇଡରରେ ଚଢ଼ିଲା ୨ ଟ୍ରକ

ପାରାଦ୍ୱୀପ ,୩।୭ (ନି.ପ୍ର): ବନ୍ଦର ସହର ପାରାଦ୍ୱୀପକୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଟ୍ରକ ପଣ୍ୟ ଖଲାସ ଓ ବୋଝେଇ ପାଇଁ ଆସିଥାନ୍ତି । ଏତେ ସଂଖ୍ୟାରେ ଟ୍ରକ୍ ଆସୁଛନ୍ତି ଯେ ଏହାର ଚଳାଚଳ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ୍‌କୁ କାଣିକର ପାଠ ହେବା ପରେ ପାରାଦ୍ୱୀପ ଅଞ୍ଚଳର ତିନିଗୋଟି ଟ୍ରକ୍ ମାଲିକ ସଂଘକୁ ନେଇ ଗଠିତ ହୋଇଥିବା ଯୁଗ୍ମ ପରିଚାଳନା କମିଟି (ଜେସିସି) ସଭ୍ୟମାନେ ପ୍ରତ୍ୟେହ ଦିନ ପାରାଦ୍ୱୀପ ଠାରୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ବୋଲେରୋ ରେ ଯାଇ ଭିଡ ନିୟନ୍ତ୍ରଣ କରିବା ସହ ଜାତୀୟ ରାଜପଥରୁ ଭିଡ ନିୟନ୍ତ୍ରଣ କରିଥାନ୍ତି । ଗତ ୩୦ ତାରିଖ ଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପାରାଦ୍ୱୀପ ଗୋପବନ୍ଧୁ ଷ୍ଟାଡିୟମ ଗସ୍ତ ବେଳେ ଟ୍ରକ୍ ମାଲିକ ସଂଘ ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ସମ୍ବନ୍ଧରେ ସୂଚନା ଦେଇଥିଲେ ଜେ.ସି.ସିର ସଂପାଦକ ତଥା ପାରାଦ୍ୱୀପ ଟ୍ରକ୍ ମାଲିକ ସଂଘର ସଭାପତି ସୁମନ୍ତ କୁମାର ବିଶ୍ୱାଳ । ଖୋଦ୍ ଏସ୍. ପିଙ୍କ ଆଗରେ ଏହି କଥା କହିବାର ୨୪ ଘଣ୍ଟା ପରେ ଅଠରବାଙ୍କୀ ଟର୍ମିନାଲ ଛକରେ ଏକ ଦୃତଗାମୀ ଟ୍ରକ୍ ଏକ ବାଇକ୍ ଉପରେ ଚଢିଯିବାରୁ ଗତ ୧ ତାରିଖ ସଂଧ୍ୟାରେ ଜଣେ କମ୍ପାନୀ କର୍ମଚାରୀ ମୃତ୍ୟୁ ବରଣ କରିଥିବା ବେଳେ ଆଉ ଜଣେ ଆହାତ ହୋଇଥିଲେ । ୨ତାରିଖ ଦିନ ପାରାଦ୍ୱୀପ ସବ୍‌ଷ୍ଟେସନ ଛକ ନିକଟରେ ଏକ ଦୃତଗାମୀ ଟ୍ରକ୍ ଫୁଟପାଥ୍ ଡିଭାଇଡର ଉପରେ ଚଢି ଯିବାରୁ ଫୁଟପାଥ୍ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ ଭାଙ୍ଗି ପଡିଛି । ସୌଭାଗ୍ୟ ବଶତଃ କେହି ମୃତାହତ ହୋଇନଥିବା ବେଳେ ପାରାଦ୍ୱୀପ ବନ୍ଦରର ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ପୂର୍ବାହ୍ନରେ ଏହି ଦୁର୍ଘଟଣା ଘଟିବାର ଅଳ୍ପ କିଛି ଘଣ୍ଟା ପରେ ମଧ୍ୟାହ୍ନରେ ଇଫକୋ ଛକ ନିକଟରେ ମଧ ଆଉ ଏକ ଦୃତ ଗାମୀ ଟ୍ରକ୍ ଡିଭାଇଡର ଉପରେ ଚଢିଯାଇଛି । ଦୁଇ ଦୁଇଟି ଟ୍ରକ୍ ଦୃତଗାମୀ ଭାବେ ଯାଇ ଫୁଟପାଥ୍ ଓ ଡିଭାଇଡର ଉପେର ଚଢିଯାଇଥିବା ବେଳେ ସୌଭାଗ୍ୟ ବଶତଃ ଗୁରୁବର ଦିନର ଏହି ଘଟଣାରେ କେହି ମୃତାହତ ହୋଇନାହାଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଭାରତୀୟ ଯବାନଙ୍କ...

ସେ କହିଛନ୍ତି ଭାରତ ଶାନ୍ତି ଓ ବନ୍ଧୁତ୍ୱ ପାଇଁ ଅଙ୍ଗୀକାରବଦ୍ଧ ହେଲେ ଏହା ଆମର ଦୁର୍ବଳତା ନୁହେଁ । ଜଳ, ଆକାଶ ଓ ମହାକାଶରେ ଆମ ସେନାର ଶକ୍ତି ଯୋଗୁ ଆଜି ଭାରତ ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି । ଅସ୍ତ୍ରଶସ୍ତ୍ର ଆଧୁନିକୀକରଣ ଓ ଉନ୍ନତ ଭିତିଭୂମି ଯୋଗୁ ଆମର ପ୍ରତିରକ୍ଷା ସାମର୍ଥ୍ୟ ବହୁଗୁଣିତ ହୋଇପାରିଛି । ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ସମେତ ବିଶ୍ୱର ଅନ୍ୟାନ୍ୟ ସାମରିକ ଅଭିଯାନରେ ଆମ ସୈନ୍ୟମାନଙ୍କ ସାହସିକତା ଓ ପରାକ୍ରମର ଇତିହାସ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବିକାଶର ଯୁଗ: ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିସ୍ତାରବାଦ ଯୁଗ ଆଉ ନାହିଁ । ବର୍ତମାନ ବିକାଶର ଯୁଗ ଚାଲିଛି । ବିସ୍ତାରବାଦୀ ଚିନ୍ତାଧାରା ଅତୀତରେ ପ୍ରବୃତ୍ତ କ୍ଷତି ସାଧନ କରିଛି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଗତ କିଛି ବର୍ଷ ମଧ୍ୟରେ ଆମ ସେନା ପାଇଁ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଓ ସେନାକୁ ସୁରକ୍ଷା ଦୃଷ୍ଟିରୁ ସଦାସର୍ବଦା ଜାଗ୍ରତ ରଖାଯାଇଛି । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଗ୍ରହଣ, ସୀମା ଭିତ୍ତିଭୂମି ବୃଦ୍ଧି, ସୀମା ସଡକ ବିକାଶ ଓ ସମ୍ପ୍ରସାରଣ ଯୋଗୁ ଏହା ସମ୍ଭବ ହୋଇଛି । ସୀମାନ୍ତ ଭିତିଭୂମି ସୁଦୃଢ଼ କରିବା ପାଇଁ ପୂର୍ବାପେକ୍ଷା ତିନିଗୁଣ ଅଧିକ ଖର୍ଚ୍ଚ କରାଯାଇଛି । ପ୍ରଧାନମନ୍ତ୍ରୀ ଜାତୀୟ ନିରାପତ୍ତା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସଶସ୍ତ୍ର ସେନାର କଲ୍ୟାଣ ଉପରେ ମଧ ଗୁରୁତ୍ୱାରୋପ କରିଛନ୍ତି । ନିକଟରେ ସିଡିଏସ ପଦବୀ ସୃଷ୍ଟି, ଭବ୍ୟ ଜାତୀୟ ଯୁଦ୍ଧ ସ୍ମାରକୀ ନିର୍ମାଣ ଓ ବହୁଦିନ ପରେ ୱାନ ରାଙ୍କ ୱାନ ପେନସନ ଯୋଜନାକୁ କାର୍ଯ୍ୟକାରୀ କରି ସଶସ୍ତ୍ର ସେନା ଏବଂ ସେମାନଙ୍କ ପରିବାରବର୍ଗଙ୍କ ସୁଖ ସାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦିଆଯାଇଛି ।

ଲଦାଖର ସଂସ୍କୃତି ପ୍ରତି କୃତଜ୍ଞତା: ସେନାବାହିନୀ ସହ ମତବିନିମୟ କାଳରେ ପ୍ରଧାନମନ୍ତ୍ରୀ ଲଦାଖର ମହାନ ସଂସ୍କୃତିକୁ ସ୍ମରଣ କରିବା ସହ କୁଶୋକ ବାକୁଲ ରିମପୋଚେଙ୍କ ସାଧୁବାଣୀ ପ୍ରତି କୃତଜ୍ଞତା ଜଣାଇଥିଲେ । ଲଦାଖକୁ ଏକ ତ୍ୟାଗ ଓ ଦେଶଭକ୍ତଙ୍କ ଭୂମି ଭାବେ ବର୍ଣ୍ଣନା କରିଥିଲେ । ଭାରତବାସୀ ଗୌତମ ବୁଦ୍ଧଙ୍କ ବାଣୀଦ୍ୱାରା ଅନୁପ୍ରାଣୀତ ଓ ସେମାନଙ୍କ ସାହସ ଦୃଢ଼ ମନ ଓ ଅନୁକମ୍ପା ସହ ଯୋଡି ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ ।

## ରଥ ଉପରେ...

ପାଲିଆ ମହାସୁଆରମାନେ ପଣା ପ୍ରସ୍ତୁତ କରିଥାନ୍ତି । ପଣା ପ୍ରସ୍ତୁତ ସମୟରେ ଧଳା ଜାଲି କରିଆରେ ଟେରା ବନ୍ଧା ଯାଇଥାଏ । ଅଧରହାଣ୍ଡି ଉପରେ ଧଳା ଜାଲିକନା ରଖାଯାଇ ପଣା ଢଳାଯାଇଥାଏ । ପୂଜାପଣ୍ଡାମାନେ ରଥ ଉପରେ ପଚୋଂପଚାରରେ ଏହି ପଣାକୁ ବିଗ୍ରହମାନଙ୍କୁ ଅର୍ପଣ କରିଥାନ୍ତି । ରଥ ଚାରିପଟେ ଥିବା ପାର୍ଶ୍ୱଦେବାଦେବୀ ମଧ ଏହି ପଣା ପାଇଥାନ୍ତି ।

## ଟାଇମ୍ ପାସ୍ ପାଇଁ ...

ଏହି ସର୍ଭେବେଳେ କୋଭିଡ୍ ଲକ୍ଷଣ ସହ ବୟସଜନିତ ରୋଗ ଯଥା ଡାଇବେଟିସ୍ , ବ୍ଲଡପ୍ରେସର ଓ ଯକ୍ଷ୍ମା ଆଦି ରୋଗୀଙ୍କୁ ମଧ ଚିହ୍ନଟ କରାଯିବ । ଏହି ସର୍ଭେବେଳେ ସହଯୋଗ କରନ୍ତୁ ଓ ସାମାନ୍ୟତମ ଲକ୍ଷଣ ଥିଲେ ତାକୁ ଲୁଚାନ୍ତୁ ନାହିଁ ବୋଲି ଶ୍ରୀ ବାଗଚୀ କହିଛନ୍ତି । ଯଦି କାହାକୁ ସାମାନ୍ୟତମ ଲକ୍ଷଣ ଦେଖାଯାଉଛି ସେମାନେ କ୍ୱାରେଂଟାଇନରେ ରହିବା ସହ ଯାଂଚ ପାଇଁ ଯାଉଥିବା ଆଶାଦିଦିମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ସହରାଂଚଳର ବସ୍ତିଗୁଡ଼ିକରେ ଏହି ସର୍ଭେ ଶତପ୍ରତିଶତ କରାଯିବ । ଶ୍ରୀ ବାଗଚୀ ଏହି ଅବସରରେ କହିଛନ୍ତି ଯେ, ସମଗ୍ର ଭାରତରେ ଜୁନ୍ ୨୪ତାରିଖରେ ସଂକ୍ରମିତଙ୍କ ସଂଖ୍ୟା ୪ଲକ୍ଷ ୭୨ହଜାର ୯୮୫ ଥିବାବେଳେ ଏବେ ଏହା ବୃଦ୍ଧି ପାଇଁ ୬.୨୮ଲକ୍ଷରେ ପହଂଚିଛି । ଭାରତ ଏବେ ବିଶ୍ୱର ତୃତୀୟ ସର୍ବାଧିକ ସଂକ୍ରମିତ ପାଲଟିଛି । ଆମେରିକାରେ ଗତକାଲି ୨୪ଘଂଟା ମଧରେ ୫୨ହଜାର ଲୋକ ସଂକ୍ରମିତ ହୋଇଥିବାବେଳେ ଭାରତରେ ୨୪ଘଂଟା ମଧରେ ସର୍ବାଧିକ ୨୧ହଜାର ଲୋକ କରୋନା ସଂକ୍ରମିତ ହୋଇଛନ୍ତି ବୋଲି ଶ୍ରୀ ବାଗଚୀ କହିଛନ୍ତି ।

## ଗୋଟିଏ ଦିନରେ...

କଳାହାଣ୍ଡି ଜିଲ୍ଲାରେ ୫ ଜଣ, କେନ୍ଦ୍ରାପଡା ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୬ ଜଣ , ଖୋର୍ଧା ଜିଲ୍ଲାରେ ୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪ ଜଣ, ମୟୁରଭଂଜ ଜିଲ୍ଲାରେ ୧୦ ଜଣ, ପୁରୀ ଜିଲ୍ଲାରେ ଜଣେ, ରାୟଗଡା ଜିଲ୍ଲାରେ୍ ୭୬ ଜଣ ସମ୍ବଲପୁର ଜିଲ୍ଲାରେ ୮ ଜଣ ଓ ସୁନ୍ଦରଗଡ ଜିଲ୍ଲାରେ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ସୁସ୍ଥ ହେଲେ ଆଉ...

ବରଗଡ଼ ଜିଲ୍ଲାରୁ ୭ ଜଣ, ମୟୂରଭଂଜ ଜିଲ୍ଲାରୁ ୬ ଜଣ, ରାୟଗଡ଼ା ଜିଲ୍ଲାରୁ ୫ ଜଣ, ବାଲେଶ୍ୱର ଓ କନ୍ଧମାଳ ଜିଲ୍ଲାରୁ ୩ ଜଣ ଲେଖାଏଁ, ପୁରୀ ଜିଲ୍ଲାରୁ ୨ ଜଣ ଓ ଦେବଗଡ଼, ଝାରସୁଗୁଡ଼ା, ମାଲକାନଗିରି, କେନ୍ଦୁଝର ଓ ନବରଙ୍ଗପୁର ଜିଲ୍ଲାରୁ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି । ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୨,୮୧,୫୨୩ ଟି ନମୁନା କୋଭିଡ୍ -୧୯ ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ସମୁଦାୟ ୮,୧୦୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୫,୭୦୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ୨୯ ଜଣ କୋଭିଡ୍ -୧୯ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨୩୬୪ ରହିଛି । ୨,୫୬୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

## ମଧୁବାବୁ ପେନସନ...

ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି । କିନ୍ନରମାନଙ୍କୁ ବୟସ ଅନୁସାରେ ୫୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ଭତା ଦିଆଯିବ । ଏହି ଯୋଜନାରେ ରାଜ୍ୟର ପ୍ରାୟ ୬ ହଜାର କିନ୍ନର ଉପକୃତ ହେବେ । ସେହିପରି ମଧୁବାବୁ ପେନସନ ଯୋଜନାରେ ସହାୟତା ପାଉଥିବା ହିତାଧିକାରୀଙ୍କୁ ଆଉ ହଜାରେ ଟଙ୍କା ଅଧିକ ମିଳିବ । ଏହି ଟଙ୍କା ଆସନ୍ତା ୪ ମାସ ପାଇଁ ସହାୟତା ଭାବେ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି । ଏଥିରେ ୪୮ ଲକ୍ଷ ହିତାଧିକାରୀ ଉପକୃତ ହେବେ । ସୂଚନାଯୋଗ୍ୟ, କରୋନା ପରିସ୍ଥିତିକୁ ନଜରରେ ରଖି ପୂର୍ବରୁ ହିତାଧିକାରୀମାନଙ୍କୁ ୪ ମାସ ପାଇଁ ହଜାରେ ଟଙ୍କା ଲେଖାଏଁ ମିଳିଥିଲା ।

## ସ୍କିମ୍ ୱାର୍କର୍ସଙ୍କ...

ମାସିକ ଅବସରକାଳୀନ ଭତ୍ତା ୧୦ହଜାର ଟଙ୍କା, ଇ.ଏସ୍.ଆଇ. ଓ ଇ.ପି.ଏଫ୍. ସୁବିଧା ପ୍ରଦାନ, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମାଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଙ୍ଗନୱାଡ଼ି ୱାର୍କର ବୀମାଯୋଜନା ଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା, ଏହି କର୍ମଚାରୀମାନଙ୍କ ପାଇଁ କୋଭିଡ୍-୧୯ ବାବଦରେ ମାସିକ ୧୦ହଜାର ଟଙ୍କା କରି ସ୍ୱତନ୍ତ୍ର ସହାୟତା ରାଶି ଅବିଳମ୍ବେ ପ୍ରଦାନ, କୋଭିଡ୍-୧୯ ମୁକାବିଲାରେ ସଂକ୍ରମିତ ହେଉଥିବା ଏହି କର୍ମଚାରୀମାନଙ୍କୁ ଅନ୍ୟୁନ୍ୟ ୧୦ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା, ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାମାନଙ୍କୁ ମାସିକ ୧୦ ହଜାର ହାରରେ ଆର୍ଥିକ ସହାୟତା ପ୍ରଦାନ, ଆୟକର ଦେଉନଥିବା ସମସ୍ତ କ୍ଷେତ୍ରର କର୍ମଚାରୀମାନଙ୍କୁ ମାଗଣା ରାଶନ ସହ ମାସିକ ସର୍ବନିମ୍ନ ୭୫୦୦ ଟଙ୍କା ହାରରେ ଅନ୍ୟୁନ୍ୟ ୬ମାସର ଦେୟ ପ୍ରଦାନ କରିବା, ସମସ୍ତଙ୍କୁ କାମ ଓ ସମସ୍ତଙ୍କୁ ରୋଜଗାର ଯୋଗାଇବା, ଗଣସ୍ୱାସ୍ଥ୍ୟ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ କରିବା ଓ ସାର୍ବଜନୀନ ପୁଷ୍ଟି ଉନ୍ନୟନ ନିମନ୍ତେ ମୌଳିକ ସୁବିଧାର ଘରୋଇକରଣ ବନ୍ଦ କରିବା ଇତ୍ୟାଦି ଦାବି ନେଇ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନମିତା ବେରା, ଜୟନ୍ତୀ ବିଶ୍ୱାଳ, ମନୋରମା ପରିଡ଼ା, ମାନସୀ ଦାସ, ପୁଷ୍ପଲତା ସାହୁ, ପଙ୍କଜିନୀ ଜେନା, ସୁମିତ୍ରା ବାରିକ୍, ଯମୁନା ବେହେରା, ରିଙ୍କି ହାଲଦାର, କବିତା ହାତୀ, ପଙ୍କଜିନୀ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

# ଇତିହାସ ରଚିଲା ପାରାଦ୍ୱୀପ ବନ୍ଦର: ପଣ୍ୟ କାରବାରରେ ବୃହତ ବନ୍ଦର ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର




ପାରାଦ୍ୱୀପ ,୩।୭ (ନି.ପ୍ର): ସାରା ବିଶ୍ୱରେ କୋଭିଡ୍-୧୯ ପ୍ରଭାବରେ ବ୍ୟବସାୟ, ଯୋଗାଣ ଓ ରପ୍ତାନୀ ଆମଦାନୀ ଇତ୍ୟାଦି କ୍ଷତିଗ୍ରସ୍ତ ହେଉଥିବା ବେଳେ ଏସବୁଥିରେ ଶିଥିଳତା ଦେଖାଯାଉଛି । ତେବେ ଏସବୁ ପ୍ରତିବନ୍ଧକ ସତ୍ୱେ ପଣ୍ୟ କାରବାର କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତୈମାସିକ ରେ ଦେଶର ବୃହତ ବନ୍ଦର ଗୁଡିକ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ପ୍ରତିକୂଳ ପରିସ୍ଥିତିରେ ୨୫.୭୩ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ପାରାଦ୍ୱୀପ ବନ୍ଦର ଏହି ବିରଳ କୃତିତ୍ୱ ହାସଲ କରି ଦେଶର ବୃହତ ବନ୍ଦର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏ ଏବଂ ଉପାଧ୍ୟକ୍ଷ ଏ.କେ.ବୋଷ, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟା ଏବଂ ସଚିବ ସଂଜୀବ ରଂଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ ଯୋଗୁଁ ସମ୍ଭବପର ହୋଇପାରିଥିବା ପ୍ରକାଶ କରିବା ସହ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେହିପରି ଏହି ସଫଳତା ପ୍ରତ୍ୟକ୍ଷ ଭାବେ ଜଡିତ ପ୍ରତ୍ୟେକ କର୍ମଚାରୀ, ଶ୍ରମିକ ସଂଘ, ରାଜ୍ୟ ସରକାର, ଜିଲ୍ଲାପ୍ରଶାସନ, ଆମଦାନୀ ରପ୍ତାନୀକାରୀ ସଂସ୍ଥା, ଷ୍ଟିଭେଡୋର୍ସ, ଜାହାଜ ଏଜେଣ୍ଟ, ବନ୍ଦର ବ୍ୟବହାର କାରୀ ଓ ଅନ୍ୟାନ୍ୟ ଷ୍ଟେକ୍‌ହୋଲଡର୍ସ ମାନଙ୍କୁ ସେମାନଙ୍କୁ ସହଯୋଗ ପାଇଁ କୃତଜ୍ଞତା ଓ ଅଭିନନ୍ଦନ ଜଣାଇଛନ୍ତି ବନ୍ଦର ଅଧକ୍ଷ ଓ ଉପାଧକ୍ଷ ।

ଶନିବାର,୪ ଜୁଲାଇ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଏଫଏମ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି

ବାଲେଶ୍ୱର,୩।୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ତଥା ଓଡ଼ିଶାର ଅନ୍ୟତମ ପୁରାତନ କଲେଜ 'ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ'କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କ୍ରମଶଃ ବଢ଼ିବାରେ ଲାଗିଛି। ଛାତ୍ରନେତା ତଥା ଏଫଏମ କଲେଜର ପୂର୍ବତନ ଛାତ୍ରସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ କଲେଜର ବହୁ ପୁରତନ ଛାତ୍ରଛାତ୍ରୀ ଓ ଛାତ୍ରନେତା ତଥା ବୁଦ୍ଧିଜୀବୀଙ୍କୁ ନେଇ ସାମାଜିକ ଦୂରତା ଭିତ୍ତିରେ ଶାନ୍ତିପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ଏହି ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ ମାପଦଣ୍ଡ ଉପଲବ୍ଧ ଥିବା ବେଳେ ଏଥି ପ୍ରତି ଦୃଷ୍ଟି ଦିଆଯାଉ ନଥିବା ଛାତ୍ରନେତାମାନେ କ୍ଷୋଭର ସହ ପ୍ରକାଶ କରିଥିଲେ। ୧୧୪୪ ମସିହାରେ ଏହି ଶିକ୍ଷାନୁଷ୍ଠାନ ସହ ପ୍ରତିଷ୍ଠା ହୋଇଥିବା ଗଙ୍ଗାଧର ମେହେର ମହାବିଦ୍ୟାଳୟ, ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିସାରିଛି। ସେହିଭଳି ୧୯୬୦ ମସିହା ପରେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା କଲେଜ, ଭବାନୀପାଟଣା କଲେଜକୁ ଇତିମଧ୍ୟରେ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିସାରିଛି। ବ୍ରହ୍ମପୁର, ସମ୍ବଲପୁର ଓ ଖୋର୍ଦ୍ଧା ଜିଲ୍ଲାରେ ଦୁଇଗୋଟି ଲେଖାଏଁ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ବାଲେଶ୍ୱରରେ ମଧ୍ୟ ୨ ଗୋଟି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାରେ ସମସ୍ୟା ନାହିଁ ବୋଲି ଛାତ୍ରନେତାମାନେ ଆରୋପ କରିଥିଲେ। ତେବେ ବାଲେଶ୍ୱରେ ଫକୀର ମୋହନ ୟୁନିଭର୍ସିଟି ରହିଥିବା ବେଳେ ଏହି କଲେଜକୁ ବ୍ୟାସକବି ବିଶ୍ୱବିଦ୍ୟାଳୟ ନାମରେ ମାନ୍ୟତା ଦେବା ପାଇଁ ସେମାନେ ଦାବି କରିଥିଲେ। ଦାବି ପୂରର ନହେବା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ବିକ୍ଷୋଭ, ଆନ୍ଦୋଳନ ଆଦି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି। ଛାତ୍ରନେତା ଶ୍ରୀ ପ୍ରଧାନଙ୍କ ସମେତ ବରୁଣ କୁମାର ମହାଳିକ, କମଳଲୋଚନ ମୈକାପ, ରଣଜିତ୍ ଜେନା, ଏସ ବି ସିମରନ୍, ଯମୁନା ମାଝୀ, ଜଗନ୍ନାଥ ବେହେରା, ଚିନ୍ମୟ ଗାଆଣ, ନିବାସିନୀ ଦାସ, ସୁବାସ ଚନ୍ଦ୍ର ଗିରି, ସୁଜାତ୍ ହୋନେ୍, ସପନ ଜେନା, ଲକ୍ଷ୍ମୀକାନ୍ତ ବାରିକ, ଗୋପାଳ ମାଝୀ ପ୍ରମୁଖ ଏହି ଶାନ୍ତିପୂର୍ଣ୍ଣ ଦାବି ଉପସ୍ଥାପନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜୁଲାଇ ୩୧ ପର୍ଯ୍ୟନ୍ତ ବିଏମସିକୁ ବାହାର ରାଜ୍ୟରୁ ଶ୍ରମଜୀବୀ ମନା

ଭୁବନେଶ୍ୱର,୩।୭ (ନି.ପ୍ର): ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ ଓ କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅଂଚଳ ମଧ୍ୟକୁ ବାହାର ରାଜ୍ୟରୁ ଶ୍ରମଜୀବୀମାନଙ୍କୁ ଆଣି କାମ କରିବାକୁ ଅନୁମତି ଦିଆଯିବ ନାହିଁ। ଉଭୟ ସରକାରୀ ଏବଂ ଘରୋଇ ଶିଳ୍ପ ସଂସ୍ଥା, ନିର୍ମାଣକାରୀ ସଂସ୍ଥା, ହୋଟେଲ୍ ଆଦିରେ କାର୍ଯ୍ୟ କରୁଥିବା ଠିକାଦାରମାନେ ସ୍ଥାନୀୟ ଶ୍ରମଜୀବୀମାନଙ୍କୁ ନେଇ କାର୍ଯ୍ୟ ଜାରି ରଖିବେ। ଯଦି କୌଣସି ସଂସ୍ଥା ଦ୍ୱାରା ଇତି ମଧ୍ୟରେ ବାହାର ରାଜ୍ୟରୁ ଶ୍ରମଜୀବୀମାନଙ୍କୁ ଅଣାଯାଇ ଥାଏ, ତେବେ ସେମାନଙ୍କୁ ୧୪ ଦିନ ପର୍ଯ୍ୟନ୍ତ ନିଶ୍ଚିତ ଭାବେ କ୍ୱାରାଂଟାଇନ୍‌ରେ ରଖିବେ। ଏହି ଶ୍ରମଜୀବୀଙ୍କ ମଧ୍ୟରୁ ଯଦି କାହାର କୋଭିଡ୍ ଲକ୍ଷଣ ପ୍ରକାଶ ପାଏ, ତେବେ ସଂପୃକ୍ତ ସଂସ୍ଥା ନିଜ ଖର୍ଚ୍ଚରେ ଶ୍ରମଜୀବୀଙ୍କ କୋଭିଡ୍ ଟେଷ୍ଟ କରି ବିଏମ୍ ସି କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ।

## ମଙ୍ଗୁଭାଇଙ୍କ ସ୍ୱପ୍ନ ସାକାର ପାଇଁ ପୁତ୍ର ମାନସକୁ ପ୍ରଭୁ ଶକ୍ତି ଦିଅନ୍ତୁ

### ସଦର ବିଧାୟକ ମଦନ ମୋହନ ଦତ୍ତଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୩।୭ (ନି.ପ୍ର): ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ ବା ମଙ୍ଗୁଭାଇଙ୍କ ଶୁଦ୍ଧିକ୍ରିୟା ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣମଣ୍ଡପ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ଯୋଗ ଦେଇ ସ୍ୱର୍ଗତ ଦତ୍ତଙ୍କ ଜୀବନାଦର୍ଶ ଓ ତାଙ୍କର ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ୯୦ ଦଶକରେ ବଜରଙ୍ଗ ଦଳ ଓ ହିନ୍ଦୁ ମହାସଭା ପାଇଁ କାର୍ଯ୍ୟ କରିବା ଅବସରରେ ମଙ୍ଗୁଭାଇଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା ବୋଲି ସେ କହିଥିଲେ। ତାଙ୍କ ଭଳି ଜଣେ ଉଦୀୟମାନ ନେତାଙ୍କ ବିୟୋଗ ପରିବାର, ଦଳ ତଥା ବାଲେଶ୍ୱରବାସୀଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ। ଓଡ଼ିଶା ବିଧାନସଭାର ବିରୋଧୀଦଳ ନେତା ପ୍ରଦୀପ କୁମାର ନାୟକ ଏଥିରେ ଯୋଗଦେଇ ମଙ୍ଗୁଭାଇଙ୍କ ପରିବାରକୁ ସମବେଦନା ଜଣାଇବା ସହ ମାନବ ଜୀବନର ଚିରନ୍ତନ ସତ୍ୟକୁ ସମସ୍ତେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ତାଙ୍କଭଳି ଜଣେ ପ୍ରିୟ ବ୍ୟକ୍ତିତ୍ୱଙ୍କ ଅବର୍ତ୍ତମାନରେ ହୋଇଥିବା କ୍ଷତି କେବେ ପୂରଣ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଓଡ଼ିଶା ବିଧାନସଭାର ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, କେନ୍ଦୁଝର ବିଧାୟକ ମୋହନ ଚନ୍ଦ୍ର ମାଝୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ଖାରବେଳ ସ୍ୱାଇଁ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପଦ୍ମଲୋଚନ ପଣ୍ଡା ଓ ମନ ମୋହନ ସାମଲ, ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜୀବନ ପ୍ରଦୀପ ଦାଶ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ସମାଜସେବୀ ସୁବାସିନୀ ଜେନା, କଂଗ୍ରେସ ନେତା ସଂଜୀବ ଗିରି ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ଲଢ଼ୁଆ ନେତା ଭାବେ ତୃଣମୂଳ ସ୍ତରରୁ ସଂଗଠନକୁ ଆଗେଇ ନେବା ସହିତ ଜନସମସ୍ୟା ସମାଧାନକୁ ଅଗ୍ରାଧିକାର ଦେଇ ସେ ବେଶ୍ ଲୋକପ୍ରିୟତା ଲାଭ କରି ପାରିଥିଲେ। ତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ହୁଏତ କେବେ ପୂରଣ ହୋଇ ନପାରେ ମାତ୍ର ତାଙ୍କର ଅଧୁରା କାର୍ଯ୍ୟ ଓ ସ୍ୱପ୍ନକୁ ସାକାର ପାଇଁ ପୁତ୍ର ମାନସକୁ ଭଗବାନ ଶକ୍ତି ଦିଅନ୍ତୁ ବୋଲି ବକ୍ତାମାନେ କହିଥିଲେ। ସେହିଭଳି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ମମତା ମହାପାତ୍ର, ଅରୁଣ ଜେନା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ଜୀବନୀ ଓ କାର୍ଯ୍ୟଧାରାକୁ ନେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦତ୍ତଙ୍କ ଜୀବନୀକୁ ନେଇ ସମ୍ପାଦିତ ଏକ ସ୍ମରଣିକା 'ଅସ୍ତହୀନ ମଦନ ମୋହନ' ଲୋକାର୍ପିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ଦତ୍ତ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ସମସ୍ତେ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଙ୍ଗୁଭାଇଙ୍କ ସହଯୋଗୀ, ସମର୍ଥକ ଓ ଜିଲ୍ଲା ବିଜେପିର ବହୁ କର୍ମୀ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଶ୍ରୀକାନ୍ତ ମାଧବ ବୈଦ୍ୟ ଆଇଓସିଏଲର ନୂତନ ଅଧ୍ୟକ୍ଷ



ପାରାଦ୍ୱୀପ ,୩।୭ (ନି.ପ୍ର): ରାଷ୍ଟ୍ରୟତ ଉଦ୍ୟୋଗ ଇଣ୍ଡିଆନ ଅଏଲ୍ କର୍ପୋରେସନର ନୂତନ ଅଧ୍ୟକ୍ଷ ଭାବେ ଶ୍ରୀକାନ୍ତ ମାଧବ ବୈଦ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ସଂଜୀବ ସିଂହ ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ରାଉରକେଲା ଏନ୍‌ଆଇଟି ରୁ କେମିକାଲ ଇଂଜିନିୟରିଂ କରିଥିବା ଶ୍ରୀ ବୈଦ୍ୟ ଦୀର୍ଘ ୩୪ବର୍ଷ ଧରି ଇଣ୍ଡିଆନ ଅଏଲ କର୍ପୋରେସନ୍ (ଆଇଓସିଏଲ) ସହିତ ଜଡିତ । ଏଥିସହିତ ସେ ଚେନାଇ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଅଧକ୍ଷ ଭାବେ କାର୍ଯ୍ୟ କରିବେ । ୨୦୧୯ ମସିହାରୁ ଶ୍ରୀ ବୈଦ୍ୟ ଇଣ୍ଡିଆନ୍ ଅଏଲ୍ ବୋର୍ଡ (ରିଫାଇନେରୀ) ର ନିର୍ଦ୍ଦେଶକ ଥିଲେ । ରତ୍ନଗିରି ରିଫାଇନେରୀ ଅଧକ୍ଷ ଓ ପ୍ରେଟୋନେଟ୍ ଏଲ୍‌ଏନ୍‌ଜି ର ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ରହିବେ । ଭାରତରେ ବିଏସ୍-୪ ଗ୍ରେଡ୍ ଠିକ ସମୟରେ ଉତ୍ପାଦନ ଓ ପ୍ରଚଳନ କ୍ଷେତ୍ରରେ ଶ୍ରୀ ବୈଦ୍ୟଙ୍କର ପ୍ରମୁଖ ଭୂମୀକା ଥିଲା । ଏହିଭଳି ଜଣେ ଦୂରଦର୍ଶୀ ପ୍ରଶାସକ ଆଗାମୀ ଦିନରେ ଭାରତରେ ତୈଳ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍‌କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିବେ ବୋଲି ଆଇଓସିଏଲ ର ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

## ପ୍ରତ୍ୟେକ ପଂଚାୟତରେ କୃଷକ ସାଥି ମାନଙ୍କ ଦ୍ୱାରା ଋଣ ପାଇଁ ନ ଥିବା ଚାଷୀଙ୍କ ତାଲିକା ପ୍ରସ୍ତୁତ ହେବ

ନୂଆଦିଲ୍ଲୀ,୩।୭ (ନି.ପ୍ର): ପ୍ରତ୍ୟେକ ପଂଚାୟତରେ କୃଷକ ସାଥି ମାନଙ୍କ ଦ୍ୱାରା ଋଣ ପାଇଁ ନ ଥିବା ଚାଷୀଙ୍କ ତାଲିକା ପ୍ରସ୍ତୁତ ହେବ। ଦେଢ ଲକ୍ଷରୁ ୨ ଲକ୍ଷ ପର୍ଯ୍ୟନ୍ତ ଋଣ ମିଳିବ ବୋଲି ସୂଚନା ଦେଇଛନ୍ତି କୃଷି ସଚିବ ସୌରଭ ଗର୍ଗ । ସେ କହିଛନ୍ତି ଯେ ଏବେ ସମବାୟ ବ୍ୟାଙ୍କ ଜରିଆରେ ଗ୍ରୁପକୁ ମାତ୍ର ୫୦ ହଜାର ଟଙ୍କା ମିଳୁଛି। ଏହାଦ୍ୱାରା ପ୍ରତି ଚାଷୀଙ୍କୁ ୧୦ ହଜାର ଟଙ୍କା ମିଳୁଛି, ଯାହା କୃଷି କାମ ପାଇଁ ଅଭାବ ପଡୁଛି। ଏବେ ଜାତୀୟକରଣ ବ୍ୟାଙ୍କ ଜରିଆରେ ଋଣ ମିଳିବ, ପ୍ରତ୍ୟେକ ଙ୍କୁ ୫୦ ହଜାର ଟଙ୍କା ମିଳିପାରିବ ।

## ନିଜ ଘର ଚାରିପଟେ ଅଧିକ ଗଛ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୩।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୧ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉତରପିଢ଼ିଙ୍କ ସୁସ୍ଥ ସୁନ୍ଦର ଭବିଷ୍ୟତ ପାଇଁ ଖାଲିଥିବା ନିଜସ୍ୱ ଜମି ବା ଘର ଚାରିପଟେ ଅଧିକରୁ ଅଧିକ ଗଛ ଲଗାଇ ତାହାର ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି ।

## ଝିଅ ଅପହରଣର ସପ୍ତାହେ ପରେ ଡକାୟତି : ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର

ଜଳେଶ୍ୱର,୩।୭ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଆରୁହା ପଂଚାୟତର ନିମପୁର ଗାଁରେ ଘନଶ୍ୟାମ ଜେନାଙ୍କ ଘରୁ ଏକ ବଡଧରଣର ଡକାୟତି ହୋଇଥିବାରୁ ସେଠାକୁ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସିଥିବା ଜଣାଯାଇଛି। ଘଟଣାର ୧ ସପ୍ତାହ ପୂର୍ବରୁ ଝିଅକୁ ଅପହରଣ କରାଯାଇଥିଲା । ଏଥିନେଇ ଏକ ମାମଲା ରୁଜୁ ହୋଇଛି । କିନ୍ତୁ ଅପହୃତ ଝିଅର ସନ୍ଧାନରେ ଘନଶ୍ୟାମ ଓ ତାଙ୍କ ସ୍ତ୍ରୀ ଅନ୍ୟତ୍ର ଯାଇଥିବା ବେଳେ ଦୁର୍ବୃର୍ତ୍ତମାନେ ଘରେ ପ୍ରବେଶ କରି ମଦ ପିଇବା, ଅପହୃତ ଝିଅର ପୋଷାକପତ୍ର ସହିତ ନଗଦ ୪୦ହଜାର ଟଙ୍କା ଓ ଘରେ ରଖାଯାଇଥିବା ଝିଅ ବାହାଘରପାଇଁ ପ୍ରାୟ ୧୫ଲକ୍ଷ ଟଙ୍କାମୂଲ୍ୟର ଅଳଙ୍କାର ଓ ଆସବାପତ୍ର ନେଇଯାଇଛନ୍ତି । କିନ୍ତୁ ଅପହରଣ ଘଟଣାରେ ୪ଜଣ ଯୁବକଙ୍କ ନାମ ଥିବାରୁ ସେମାନେ ଉକ୍ତ ଡକାୟତିରେ ସଂପୃକ୍ତ କିମ୍ବା ଏପରି ସୁଯୋଗରେ ଅନ୍ୟକେହି ଏପରି ଡାକାୟତି ଘଟଣାରେ ସଂପୃକ୍ତ ଏ ସଂପର୍କରେ ପୋଲିସ୍ ଛାନ୍‌ଭିନ୍ ଆରମ୍ଭ କରିଛି । ଏହି ଘଟଣା ଜଳେଶ୍ୱର ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ଭିଜିଲାନ୍ସ-ବନ ବିଭାଗର କରତ କଳ ଚଢ଼ଉ ଫାର୍ସ



ବାଲେଶ୍ୱର,୩।୭ (ନି.ପ୍ର): ବାଲେଶ୍ୱର ଭିଜିଲାନ୍ସ ଓ ଜିଲ୍ଲା ବନ ବିଭାଗ ପକ୍ଷରୁ ଆଜି ଦୁଇଗୋଟି ବେଆଇନ୍ କରତକଳ ଉପରେ ଚଢ଼ଉ ହୋଇ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଏବଂ ଯନ୍ତ୍ରାଂଶ ଜବତ୍ କରାଯାଇଛି। ରୂପସାର ନୁଆଗାଁ ଓ ସଦର ବ୍ଲକର ବଇଁଚା ଅଞ୍ଚଳରେ ବେଆଇନ୍ କରତ କଳ ଚାଲୁଥିବା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହେଉଥିଲା। ଅଭିଯୋଗକୁ ଆଧାର କରି ବନ ବିଭାଗ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ମିଳିତ ଚଢ଼ଉ ହୋଇଥିଲା। ଦୁଇଗୋଟି ସ' ମିଲରୁ ୫ ଲକ୍ଷ ଟଙ୍କାର ବହୁ ମୂଲ୍ୟବାନ କାଠ ଓ ଯନ୍ତ୍ରାଂଶ ଜବତ୍ କରାଯାଇ ବନ ବିଭାଗର ଚାନ୍ଦିପୁର ରେଞ୍ଜକୁ ହସ୍ତାନ୍ତର କରାଯାଇଛି। ଏନେଇ ଦୁଇଗୋଟି ମାମଲା ରୁଜୁ ହୋଇଛି। ତେବେ ଦୁଇଗୋଟି ବେଆଇନ୍ କରତ କଳ ଉପରେ ଚଢ଼ଉ ହେଲା ଅଥଚ ଜଣେ ହେଲେ ଅଭିଯୁକ୍ତ ମାଲିକ କିମ୍ବା କର୍ମଚାରୀଙ୍କୁ କିପରି ଗିରଫ କରାଗଲା ନାହିଁ ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ଏହି ଚଢ଼ଉକୁ ଭିଜିଲାନ୍ସ ବିଭାଗର ଫାର୍ସ ବୋଲି ସ୍ଥାନୀୟ ଅଞ୍ଚଳ ଲୋକେ କହୁଛନ୍ତି। ଦୀର୍ଘଦିନ ଧରି ବଟି ନେବା କାରଣରୁ ଏହି ବେଆଇନ୍ କରତ କଳ ଚାଲୁଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯଦିଚଃ ଚଢ଼ଉ ହେଲା ତେବେ ଏ ସମ୍ପର୍କରେ କରତକଳ ମାଲିକଙ୍କୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ନେଇ ବୁଦ୍ଧିଜୀବୀ ମହଲରୁ ଆରୋପ ହୋଇଛି।

## ପାରାଦ୍ୱୀପ ବନ୍ଦର ପକ୍ଷରୁ ବନ ମହୋତ୍ସବ ପାଳିତ




ପାରାଦ୍ୱୀପ ,୩।୭ (ନି.ପ୍ର): ସାରା ଦେଶରେ ବନ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ସଂପ୍ରତି କୋରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ରକ୍ଷା କରି ପାରାଦ୍ୱୀପ ବନ୍ଦର ପକ୍ଷରୁ ଏହି ଉତ୍ସବକୁ ସାଧାରଣ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ମେରାଇନ୍ ଡ୍ରାଇଭ କଡରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବନ୍ଦର ପକ୍ଷରୁ ଏକଲକ୍ଷ ଚାରା ରୋପଣ କରାଯିବାର ଯୋଜନା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୫ ହଜାର ଚାରା ରୋପଣ କରାଯାଇଛି । ତେବେ ଏହ ମହୋତ୍ସବ ପାଳନ ଅବସରରେ ଏକ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ରିଙ୍କେଶ ରଏ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷଙ୍କ ସମେତ ବନ୍ଦରର ବହୁ ବିଭାଗୀୟ ମୁଖ୍ୟ ଓ ଅଧିକାରୀ ମାନେ ଉପସ୍ଥିତ ରହି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ବନ୍ଦର ପ୍ରଶାସନ ତତ୍ତ୍ୱାବଧାନରେ ଓଡିଶା ଜଙ୍ଗଲ ଉନ୍ନୟନ ନିଗମ ଦ୍ୱାରା ପରିଚାଳନା ରକାଯାଉଛି। ବିଗତ ୧୦ରୁ ୧୫ ବର୍ଷ ମଧରେ ବିଭିନ୍ନ ବାତ୍ୟା ସମୟରେ ବନ୍ଦର ସହର, ବେଳାଭୂମୀ, ମାଛଧରା ବନ୍ଦର ଓ ମହାନଦୀ ମୁହାଁଣ ନିକଟରେ ବିଭିନ୍ନ ବୃକ୍ଷ ସମେତ ବହୁ ସଂଖ୍ୟାରେ ଝାଉଁ ଗଛ ସବୁ ନଷ୍ଟ ହୋଇଯାଇଛି। ତେଣୁ ଚଳିତ ବର୍ଷ ଏସବୁ ସ୍ଥାନରେ ଝାଉଁ ଗଛ ଲଗାଯାଇ ନୂତନ ଜଙ୍ଗଲ ସୃଷ୍ଟି କରିବାର ବନ୍ଦର ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସହରାଞ୍ଚଳରେ ବିଭିନ୍ନ କିସମର ଫଳ ବୃକ୍ଷ ଲଗାଯିବାର ଯୋଜନା ରହିଥିବା ବନ୍ଦର ସୂତ୍ରରୁ ପ୍ରକାଶ ।

## କାଳିଆ ପରେ ବଳିଆ ଯୋଜନା ସରକାରଙ୍କର ପୁଣି ଏକ ନିର୍ବାଚନୀ ଧୂଆଁବାଣ : କଂଗ୍ରେସ

ଭୁବନେଶ୍ୱର,୩।୭ (ନି.ପ୍ର): ଓଡ଼ିଶା ସରକାର ଭୂମିହୀନ ଚାଷୀଙ୍କପାଇଁ ପୁଣି ଏକ ନୂଆ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ଆଗାମୀ ୨ ବର୍ଷ ଭିତରେ ୭ଲକ୍ଷ ଚାଷୀ ପରିବାର ହଜାରେ ୪୦କୋଟି ଟଙ୍କାର ଋଣ ଯୋଗାଇବା ପାଇଁ ନିଷ୍ପତି ନେଇଛନ୍ତି। ଠିକ ୧୯ ନିର୍ବାଚନ ପୂର୍ବରୁ ସରକାର କାଳିଆ ନାମରେ ଏକ ଯୋଜନା ପ୍ରଣୟନ କରିଥିଲେ। ସରକାର ଯଦି କୃଷି ଓ କୃଷକର ଉନ୍ନତି ଚାହୁଁଛନ୍ତି ତେବେ ଏପରି ନିର୍ବାଚନୀ ବୈତରଣୀ ପାରହେବାପାଇଁ ଧୂଆଁବାଣ ନକରି ବାସ୍ତବ ରୂପରେଖ ସହ ଯୋଜନା ପ୍ରସ୍ତୁତ କରିବାପାଇଁ ପରାମର୍ଶ ଦେଇଛନ୍ତି ପିସିସି ସଭାପତି ନିରଂଜନ ପଟ୍ଟନାୟକ। ବର୍ତମାନ ଓଡ଼ିଶା ସରକାର କାଳିଆ ଯୋଜାନକୁ ପ୍ରଧାନମନ୍ତ୍ରୀ ଯୋଜନା ସାଥିରେ ମିଶାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ମାତ୍ର ୪ ହଜାର ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ବର୍ତମାନ ଏହି ପ୍ରରିପ୍ରେକ୍ଷୀରେ ରାଜ୍ୟ ସରକାର ବଳିଆ ଯୋଜନା ନାରେ ଭୂମିହୀନ ଚାଷୀମାନଙ୍କୁ ୫ଜଣିଆ ଗୋଷ୍ଠିକରି ଯେଉଁ ଋଣ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏବେ ସୁଦ୍ଧା ଓଡ଼ିଶାରେ ଭାଗଚାଷୀ ଚିହ୍ନଟ ପ୍ରକ୍ରିୟା ହୋଇପାରି ନାହିଁ। ସେମାନଙ୍କୁ ଲୋନ ପ୍ରଦାନ କରିବାପାଇଁ ଜମିମାଲିକମାନେ ସେମାନଙ୍କୁ ଅଧିକୃତ ଭାଗଚାଷୀ ଭାବରେ ବିଧିବଧ ସ୍ୱୀକୃତି ଦେବେ କି ବୋଲି ପ୍ରଶ୍ନ ଉଠାଇଛନ୍ତି ପିସିସି ସଭାପତି। ବର୍ତମାନ ସୁଦ୍ଧା ଓଡ଼ିଶାରେ ୪ଲକ୍ଷ ୨୭ହଜାରରୁ ଅଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ କାମକରୁଛନ୍ତି। ସରକାରଙ୍କ କାଳିଆ ଯୋଜନାପରେ ବଳିଆ ଯୋଜନା କଲେ ଏହାପରେ ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନା ଆଣନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ।

## ସ୍କିମ୍ ୱାର୍କର୍ସଙ୍କ ସାମାଜିକ ସୁରକ୍ଷା ନେଇ ଅଙ୍ଗନୱାଡ଼ି କର୍ମୀଙ୍କ ଦାବିପତ୍ର




ବାଲେଶ୍ୱର,୩।୭ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ ଫେଡେରେସନ୍‌ମାନଙ୍କ ଆହ୍ୱାନ କ୍ରମେ ସର୍ବଭାରତୀୟ ସ୍ତରରେ ଆଜି ଦାବିଦିବସ ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଶ୍ରମିକ ସଂଗଠନ ଏ.ଆଇ.ଟି.ୟୁ.ସି. ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଏ.ଆଇ.ଟି.ୟୁ.ସି. ନେତା ଜୟନ୍ତ ଦାସ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ଜିଲ୍ଲା ସଭାନେତ୍ରୀ ପ୍ରତିଭା ପାଲ୍, ଜିଲ୍ଲା ସଂପାଦିକା ଲକ୍ଷ୍ମୀପ୍ରିୟା ଦାସ, ସଦର ବ୍ଲକ୍ ସଭାନେତ୍ରୀ ନୀଳିମା ଜେନାଙ୍କ ସମେତ ସୁଷମା ପାତ୍ର, ନିର୍ବାସିନୀ ପ୍ରଧାନ, ଶାନ୍ତିଲତା ମାଝୀ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ସମାଲୋଚନା କରିଥିଲେ। କରୋନା ମହାମାରୀ ମୁକାବିଲାରେ ସମ୍ମୁଖରେ ରହି କାର୍ଯ୍ୟକରୁଥିବା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି ଇତ୍ୟାଦିର କର୍ମଚାରୀମାନେ ସଙ୍ଗରୋଧ କେନ୍ଦ୍ର, ପ୍ରବାସୀ ଶ୍ରମିକଙ୍କ ଥଇଥାନ, କଣ୍ଟେନ୍‌ମେଣ୍ଟ୍ ଜୋନ୍‌ରେ ଘରକୁ ଘର ଯାଇ ସ୍ୱାସ୍ଥ୍ୟପରୀକ୍ଷା, କୋଭିଡ୍ ପରୀକ୍ଷଣ ପାଇଁ ସମ୍ମୁଖଧାଡ଼ିରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନଙ୍କୁ ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସୁରକ୍ଷା ସାମଗ୍ରୀ, ପି.ପି.ଇ ସାମଗ୍ରୀ ଓ ମାଗଣା କୋଭିଡ୍-୧୯ ପରୀକ୍ଷଣ ବ୍ୟବସ୍ଥା ଏହି କର୍ମଚାରୀମାନଙ୍କ ମୁଣ୍ଡପିଛା ୫୦ଲକ୍ଷ ଟଙ୍କାର ସପରିବାର ବୀମା, ଆଇ.ସି.ଡି.ଏସ୍.,ଏନ୍.ଏଚ୍.ଏମ୍. ଓ ଏମ୍.ଡି.ଏମ୍. ଇତ୍ୟାଦି କେନ୍ଦ୍ରୀୟ ସ୍କିମ୍‌ଗୁଡ଼ିକୁ ସ୍ଥାୟୀସଂସ୍ଥାରେ ପରିଣତ କରିବା ସହ ବାର୍ଷିକ ବଜେଟ୍‌ରେ ରାଷ୍ଟ୍ରୀୟ ଘରୋଇ ଉତ୍ପାଦନର ୬% ବ୍ୟୟବରାଦ କରିବା, ଜାତୀୟ ଶ୍ରମ ସମ୍ମିଳନୀର ୪୫ ଓ ୪୬ତମ ସୁପାରିଶ ଭିତ୍ତିରେ ସ୍କିମ୍ ୱାର୍କର୍ସମାନଙ୍କୁ ୱାର୍କର ମାନ୍ୟତା ଦେବା, ଏମାନଙ୍କର ମାସିକ ସର୍ବନିମ୍ନ ବେତନ ୨୧ହଜାର ଟଙ୍କା, ▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo